# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, November 19/2024 | Page 16 | ₹ 7.00

୫୦ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 354 | ମୂଲ୍ୟ ₹୭/-




**ଅମରାସୁରିୟା ହେଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ**

କଲମ୍ବୋ: ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଭାବେ ସୋମବାର ପୁନଃ ନିଯୁକ୍ତ କରାଯାଇଛି।

୦୨

୧୬

**ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ ସହ ୩ ପଦକ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।





ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସମୀପ ଚାଷଜମି ନିକଟରେ ମରି ପଡ଼ିଥିବା ୩ ହାତୀ।

# ବିଦ୍ୟୁତ୍ ଫାଶରେ ୩ ହାତୀ ମୃତ

**ଓଡ଼ିଶାରେ ହାତୀଙ୍କ ଜୀବନ ସୁରକ୍ଷିତ ହୋଇ ରହିନାହିଁ। ଅନେକ ସମୟରେ ଏହି ବିଶାଳକାୟ ପ୍ରାଣୀଙ୍କ ଜୀବନ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଚାଲିଯାଉଛି। ବେଳକୁ ବେଳ ଏଭଳି ଘଟଣା ଚିନ୍ତାଜନକ ଭାବେ ବଢ଼ିଚାଲିଛି। ଏହାକୁ ନେଇ ପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ରବିବାର ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ବନାଞ୍ଚଳରେ ପୁଣିଥରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୩-୧୪ରୁ ୨୦୨୩-୨୪ ମଧ୍ୟରେ ବିଭିନ୍ନ ବନଖଣ୍ଡରେ ୭୧୯ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିରୁ ଅଧିକାଂଶ ଶିକାରୀ ଓ ବିଦ୍ୟୁତ୍ ଆଘାତରେ ଜୀବନ ଯାଇଛି। ୨୦୧୭-୧୮ରୁ ୨୦୨୪ ନଭେମ୍ବର ୪ ମଧ୍ୟରେ ଶିକାରୀଙ୍କ ଦ୍ୱାରା ୨୨ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ଜାଣିଶୁଣି ବିଦ୍ୟୁତ୍ ତାର ଲଗାଇ ୯୧ ହାତୀ ଏବଂ ବିଦ୍ୟୁତ୍ ଆଘାତରେ ୩୨ ହାତୀଙ୍କ ମୃତ୍ୟୁ ଘଟିଛି।**

ନାକଟିଦେଉଳ,୧୮।୧୧ (ବୈକୁଣ୍ଠନାଥ ସାହୁ)

ବାର୍ହା ଶିକାର ପାଇଁ ଶିକାରୀ ବିଛାଇଥିଲେ ବିଦ୍ୟୁତ୍ ତାର। ଏହି ଫାଶରେ ପଡ଼ି ୩ଟି ହାତୀଙ୍କର ଯାଇଛି ଜୀବନ। ସେଥିରେ ରହିଛନ୍ତି ଗୋଟିଏ ଶାବକ ସହ ୨ଟି ମାଈ ହାତୀ। ରବିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ। ଘଟଣାରେ ବନ ବିଭାଗ ଘୋଷରାମାଳ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାର୍ହା ଶିକାର ଉଦ୍ଦେଶ୍ୟରେ ବୁରୋମାଳ ଜଙ୍ଗଲ ଭିତରେ ଯାଇଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଟାଣି ତଳେ ବିଛାଯାଇଥିଲା। ଘୋଷରାମାଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ରବିବାର ରାତିରେ ଆସିଥିବା ହାତୀପଲ ସେହି ରାସ୍ତା ଦେଇ ଯିବାବେଳେ ତାରରେ ଲାଗିଯାଇଥିଲେ।

ଘଟଣାର ଗୁରୁତ୍ୱକୁ ଦେଖି ଭୁବନେଶ୍ୱରରୁ ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଗଜାନନ ଲାଡେଙ୍କ ନେତୃତ୍ୱରେ ଏସିଏଫ୍ ଅରବିନ୍ଦ ମିଶ୍ର, ଇନ୍ସପେକ୍ଟର ରେଣୁବାଳା ସାହୁ ଏବଂ ବନ୍ୟପ୍ରାଣୀ ବିଭାଗର ବିକ୍ରମ ଦେବ ପ୍ରମୁଖଙ୍କୁ ନେଇ ଗଠିତ ଏକ ଜଏଣ୍ଟ ଟାସ୍କଫୋର୍ସ(ଜେଟିଏଫ୍) ☞ପୃଷ୍ଠା-୪

**୩ କ୍ଷେତ୍ର ବନ କର୍ମଚାରୀ ସସ୍‌ପେଣ୍ଡ**

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହେଲେ ଡିସ୍‌କମ୍ ଦାୟୀ ରହିବ: ପିସିସିଏଫ୍

ଭୁବନେଶ୍ୱର,୧୮।୧୧(ବନ୍ଦନା ସେଠୀ)

ସୋମବାର ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀ ମୃତ୍ୟୁକୁ କିପରି ଏଡ଼ାଯାଇ ପାରିବ ସେନେଇ ସମସ୍ତ ଆର୍‌ସିସିଏଫ୍ (ରିଜିଓନାଲ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟସ୍)ଙ୍କୁ ନନ୍ଦ ଚିଠି ଲେଖିଛନ୍ତି। ସେମାନଙ୍କ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍‌କମ୍) ସହ ଆଲୋଚନା କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ହେଲେ ଡିସ୍‌କମ୍ ଦାୟୀ ରହିବ ବୋଲି ସେମାନଙ୍କୁ ସୂଚୀତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ବିଦ୍ୟୁତ୍ ଆଘାତରେ ହୋଇଥିବା ହାତୀମୃତ୍ୟୁର ତଦନ୍ତ ପାଇଁ ୨୦୧୦ରେ ଗଠିତ ୪ଜଣିଆ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ନେଇ ଡିସ୍‌କମ୍‌ମାନଙ୍କ ସହ ଆଲୋଚନା କରିବାକୁ ଆର୍‌ସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। 'ବିଦ୍ୟୁତ୍ ଆଘାତ ଦ୍ୱାରା ଅବୈଧ ଶୀକାର ହେଉଥିବା ସମ୍ବେଦନଶୀଳ ବନକ୍ଷେତ୍ରଗୁଡ଼ିକରେ ଆର୍ଥ ଲିକେଜ୍ ସର୍କିଟ୍ ବ୍ରେକର୍ସ ଲଗାଯିବା ଏବଂ ବନ୍ୟଜୀବ ବିଚରଣ କରୁଥିବା ସ୍ଥାନଦେଇ ଯାଇଥିବା ବିତରଣ ଲାଇନ୍‌ରେ ଅଟୋ-ରିକ୍ଲୋଜ୍ ସୁବିଧା ଯୋଗାଇ ନଦେବା' ଆଦି ଦିଗ ଉପରେ ଧ୍ୟାନ ଦେବାକୁ ୨୦୧୦ରେ ୪ ଜଣିଆ କମିଟି ସୁପାରିସ କରିଥିଲା, ଯାହାକି ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ପିସିସିଏଫ୍‌ରେ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ପଦକ୍ଷେପ ନେବାକୁ ସେ ଆର୍‌ସିସିଏଫ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ଏକା ସଙ୍ଗରେ ୩ଟି ହାତୀଙ୍କ ମୃତ୍ୟୁ ହେବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ପିସିସିଏଫ୍ କହିଛନ୍ତି। ରେଢ଼ାଖୋଲରେ ଏହା ☞ପୃଷ୍ଠା-୪

## ପ୍ରଦୂଷଣମୁକ୍ତ ପରିବେଶ ଦେବା ସରକାରଙ୍କ ଦାୟିତ୍ୱ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ନାଗରିକଙ୍କୁ ପ୍ରଦୂଷଣମୁକ୍ତ ପରିବେଶ ଯୋଗାଇଦେବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ସମସ୍ତ ରାଜ୍ୟରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିବା ପାଇଁ ସୋମବାର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆର୍) ୪୫୦ରୁ ତଳକୁ ଖସିଲେ ମଧ୍ୟ ଉକ୍ତ କଟକଣା ଜାରି ରହିବ। ନିର୍ଦ୍ଦେଶନାମା ଅନୁପାଳନ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଜିଆର୍‌ଏପି ୪ ପର୍ଯ୍ୟାୟ କଟକଣା ଉଲ୍ଲଂଘନ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ କହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ବନ୍ଦ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀ-ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ ବାୟୁ ମାନ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିଲେ ☞ପୃଷ୍ଠା-୪

### ଦିଲ୍ଲୀକୁ ଘୋଡ଼ାଇ ରଖିଛି ବିଷାକ୍ତ କୁହୁଡ଼ି

ନୂଆଦିଲ୍ଲୀ ,୧୮।୧୧

ଦିଲ୍ଲୀର ବାୟୁ ଗୁଣବତ୍ତା ସୋମବାର ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ପହଞ୍ଚିଛି। ଅପରାହ୍ନରେ ଦିଲ୍ଲୀର ଏକ୍ୟୁଆର୍ ୪୯୧ ରେକର୍ଡ ହୋଇଥିବାବେଳେ ଦ୍ୱାରକା, ମୁଣ୍ଡକା ଏବଂ ନଜଫଗଡ଼ ଅଞ୍ଚଳରେ ଏକ୍ୟୁଆଇ ସର୍ବାଧିକ ୫୦୦ରେ ପହଞ୍ଚିଛି। ଜାତୀୟ ରାଜଧାନୀକୁ ବିଷାକ୍ତ ଧୂମକୁହୁଡ଼ି ଘୋଡ଼ାଇ ରଖିଥିବାବେଳେ ଲୋକଙ୍କ ଆଖି କୁଣ୍ଡାଇ ହେବା ଓ ପାଣି ବାହାରିବା ଅଭିଯୋଗ ହୋଇଛି। ବାୟୁ ମାନ 'ସିଭିଅର୍ ପ୍ଲସ୍' ବର୍ଗରେ ପହଞ୍ଚିଥିବାରୁ ଲୋକମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ରହିଥିବା ଡାକ୍ତରମାନେ ସତର୍କ କରାଇଛନ୍ତି। ଏଭଳି ପ୍ରଦୂଷଣରେ ଏନ୍୯୫ ମାସ୍କ ବ୍ୟବହାର କରିବା କେବଳ ବିକଳ୍ପ ନୁହେଁ, ଜରୁରୀ। ଏପରିକି ☞ପୃଷ୍ଠା-୪

## ବ୍ୟବସାୟ ପାଇଁ ଓଡ଼ିଶା ଅନୁକୂଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧ (ଅନିଲ ଦାସ)



ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍‌ଙ୍କ ସହ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପହାର ପ୍ରଦାନ କରୁଛନ୍ତି।

ଓଡ଼ିଶାରେ ବ୍ୟବସାୟିକ ପରିବେଶ ଅନୁକୂଳ। ଏହାର ସୁଯୋଗ ନେବାକୁ ସିଙ୍ଗାପୁରଠାରେ ନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଆହ୍ୱାନ ଦେଇଛନ୍ତି। ଆସନ୍ତା ୨୦୨୫ ଜାନୁଆରୀରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା: ମେକଇନ ଓଡିଶା କନକ୍ଲେଭ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ରାଜ୍ୟରେ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି ପାଇଁ ଜୋରସୋର ଉଦ୍ୟମ ଜାରି ରଖିଛନ୍ତି। ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସୋମବାର ସିଙ୍ଗାପୁରରେ ଅବସ୍ଥାପିତ ବିଭିନ୍ନ ଶିଳ୍ପସଂସ୍ଥାର ମୁଖ୍ୟ ଓ ପ୍ରତିନିଧିଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ରାଜ୍ୟରେ ରହିଥିବା ନିବେଶ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଦ୍ୱିତୀୟ ଦିବସରେ ସିଙ୍ଗାପୁର ସହିତ ପେଟ୍ରୋକେମିକାଲ, କେମିକାଲ, ଭିତ୍ତିଭୂମି ଓ ଲଜିଷ୍ଟିକ କ୍ଷେତ୍ର ପାଇଁ ବିଭିନ୍ନ ପ୍ରତିନିଧି ସହିତ ଆଲୋଚନା କରିଛନ୍ତି। ଏଥିସହିତ ଏହି ଟିମ୍ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟଙ୍ଗ ଏବଂ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସହିତ ସାକ୍ଷାତ କରି ପୁଞ୍ଜିନିବେଶ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ☞ପୃଷ୍ଠା-୪

### ୨୫କୁ ଘୁଞ୍ଚିଲା ମାଟ୍ରିକ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ଫର୍ମପୂରଣ ଅବଧି

କଟକ,୧୮।୧୧(କାର୍ତ୍ତିକ ସାହୁ)

ଚଳିତ ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ତେବେ ଫର୍ମପୂରଣର ଶେଷ ତାରିଖ ନଭେମ୍ବର ୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ଫର୍ମପୂରଣ ଅବଧି ମଧ୍ୟ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏହାବାଦ୍ ଆଉ ସମୟ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

### ଭାଜପା ନେତା ସମୀର ଦେ'ଙ୍କ ପରଲୋକ



କଟକ,୧୮।୧୧ (କାର୍ତ୍ତିକ ସାହୁ)

ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ(୬୭)ଙ୍କର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ସିଡିଏସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସରକୁ ନିଆଯାଇଥିଲା। ସେଠାରୁ କଟକର ବାସ୍ତରି ମଠରେ ଶେଷ ସମ୍ମାନ ପ୍ରଦର୍ଶନ କରାଯିବା ପରେ ସହର ପରିକ୍ରମା କରାଯାଇଥିଲା। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର କନ୍ୟା ମୁଖାଗ୍ନି ଦେଇଥିଲେ। ସୂଚନାନୁସାରେ, ସ୍ୱର୍ଗତ ଦେ ସ୍ଥାନୀୟ ☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ଭାରତରେ ଷ୍ଟାରଲିଙ୍କ**

## ଜାନୁୟାରୀରେ ଅଳଙ୍କାର ଗଣତି ସରିବ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)



ଜାନୁଆରୀ ଶେଷ ସୁଦ୍ଧା ରତ୍ନଭଣ୍ଡାର ଅଳଙ୍କାରର ଗଣତି ଶେଷ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରତ୍ନଭଣ୍ଡାର ମରାମତି ସରିବା ପରେ ହିଁ ଅଳଙ୍କାର ଗଣତିମଣତି କରାଯିବ। ଏନେଇ ଏଏସ୍‌ଆଇକୁ କୁହାଯାଇଛି। ତେବେ ମେଘନାଦ ପାଚେରି କାମ ଶେଷ ପରେ ରତ୍ନଭଣ୍ଡାର ମରାମତି କାମ ତୁରନ୍ତ ଆରମ୍ଭ ହେବ।

ଆଇନମନ୍ତ୍ରୀଙ୍କ ଏହି ପ୍ରତିକ୍ରିୟାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଆସନ୍ତା ବୁଧବାର ଏନେଇ ବୈଠକ ବସିବା ସହ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ରତ୍ନଭଣ୍ଡାରର ଦୀର୍ଘସ୍ଥାୟୀ ମରାମତି ପରେ ରତ୍ନଅଳଙ୍କାର ଭିତରଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହାପରେ ରତ୍ନଅଳଙ୍କାର ଗଣତିମଣତି ହେବ। ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ମରାମତି ଶେଷ କରାଯାଇ ଗଣତିମଣତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ନିକଟକୁ ବର୍ତ୍ତମାନ ସୁଦ୍ଧା କିଛି ଡେଡ୍‌ଲାଇନ ଆସିନାହିଁ। ରତ୍ନଭଣ୍ଡାରର ସ୍କାନିଂ ହୋଇଥିଲା, ତାହାର ରିପୋର୍ଟ ସରକାରଙ୍କୁ ସେମାନେ ପ୍ରଦାନ କରିବାର ଥିଲା। ☞ପୃଷ୍ଠା-୧୨

## ଆମେରିକାରେ ବିଦେଶୀ ଛାତ୍ର: ଭାରତରୁ ସର୍ବାଧିକ

ୱାଶିଂଟନ,୧୮।୧୧ (ପି.ଟି.)



ଗତ ୧୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ। ସୋମବାର ଆମେରିକୀୟ ସଙ୍ଗଠନ 'ଓପନ ଡୋର୍‌ସ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ସମ୍ପ୍ରତି ଆମେରିକାରେ ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ପଢୁଛନ୍ତି। ଆମେରିକୀୟ ଶିକ୍ଷାବର୍ଷ ୨୦୨୨-୨୩ ଅନୁଯାୟୀ, ଦେଶରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବାଧିକ ଚାଇନାରୁ ଥିଲେ। ସେତେବେଳେ ଉକ୍ତ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ 'ଓପନ ଡୋର୍‌ସ ରିପୋର୍ଟ ୨୦୨୪' ଅନୁଯାୟୀ, ଶିକ୍ଷାବର୍ଷ ୨୦୨୩-୨୪ରେ ୩ ଲକ୍ଷ ୩୧ ହଜାର ୬୦୨ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। କୌଣସି ମଧ୍ୟ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କର ଏହା ସର୍ବକାଳୀନ ସର୍ବାଧିକ ସଂଖ୍ୟା ବୋଲି ଉକ୍ତ ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୩% ଅଧିକ ଭାରତୀୟ ଛାତ୍ରୀଛାତ୍ର ୨୦୨୩-୨୪ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ନେଇ ଏହି ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷରେ ୨ ଲକ୍ଷ ୬୮ ହଜାର ୯୨୩ ଜଣ ଛାତ୍ରୀଛାତ୍ର ଆମେରିକାରେ ପଢୁଥିଲେ।

ତେବେ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କେବଳ ୨୯% ଭାରତର ହୋଇଥିବା ଉକ୍ତ ରିପୋର୍ଟ କହିଛି। ଏହି ତାଲିକାରେ ୨ ଲକ୍ଷ ୭୭ ହଜାର ୩୯୮ ଜଣ ଛାତ୍ରୀଛାତ୍ରଙ୍କ ସହ ଚାଇନା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୪୩ ହଜାର ୧୪୯ ଛାତ୍ରୀଛାତ୍ରଙ୍କ ସହ ଦକ୍ଷିଣ କୋରିଆ ତୃତୀୟ ସ୍ଥାନରେ ରହିଛି। ସେହିପରି ୨୮ ହଜାର ୯୯୮ ଜଣ ଛାତ୍ରୀଛାତ୍ରଙ୍କ ସହ କାନାଡା ଏବଂ ୨୩ ହଜାର ୧୫୭ ଜଣ ଛାତ୍ରୀଛାତ୍ରଙ୍କ ସହ ତାଇୱାନ ଏହି ତାଲିକାରେ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା କ୍ଷେତ୍ରରେ ଭାରତ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଆମେରିକାରେ ପଢୁଥିବା ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ଥିବା ଦେଶ ହୋଇପାରିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଏହି ସଂଖ୍ୟାରେ ୧୯% ବୃଦ୍ଧି ଘଟି ୧ ଲକ୍ଷ ୯୬ ହଜାର ୫୬୭ରେ ପହଞ୍ଚିଛି। ସେହିପରି ଅଣ ସ୍ନାତକ ଶିକ୍ଷା କ୍ଷେତ୍ରରେ ୩୬ ହଜାର ୫୩ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାରେ ପଢୁଛନ୍ତି। ବର୍ଷକ ମଧ୍ୟରେ ଏହି ସଂଖ୍ୟାରେ ୧୩% ବୃଦ୍ଧି ଘଟିଛି। ପ୍ରକାଶ ଯେ, ଆମେରିକାରେ ସାଧାରଣତଃ ଶିକ୍ଷାବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମେ' ପର୍ଯ୍ୟନ୍ତ ଚାଲିଥାଏ।

## ସଂକ୍ଷେପରେ

### ଗାଜାରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ୨୦ ମୃତ

ଗାଜା ସିଟି ,୧୮।୧୧

ଇସ୍ରାଏଲୀ ସେନା ସୋମବାର ଗାଜା ଷ୍ଟ୍ରିପ୍‌ରେ ବୋମାମାଡ଼ କରିବାରୁ ୨୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୬ ବିସ୍ଥାପିତ ରହିଛନ୍ତି, ଯେଉଁମାନେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିଲେ। ରବିବାର ଏକ ବହୁତଳ ଆବାସିକ ବିଲ୍ଡିଂରେ ଇସ୍ରାଏଲ୍ ବୋମାମାଡ଼ କରିବାରୁ ଅନେକ ଲୋକ ମୃତାହତ ହୋଇଥିଲେ। ସୋମବାର ଗାଜା ସିଟିରେ ଏୟାରଷ୍ଟ୍ରାଇକ୍ ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଆହତ ହୋଇଛନ୍ତି। ନୁସେଇରାତ୍ କ୍ୟାମ୍ପ ଉପରେ ଆକ୍ରମଣ ହେବାରୁ ୪ ଜଣଙ୍କ ଜୀବନ ଯାଇଥିଲା।

### ଭାଜପାରେ ମିଶିଲେ କୈଳାସ ଗେହଲଟ



ନୂଆଦିଲ୍ଲୀ,୧୮।୧୧ (ପି.ଟି.)

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ କୈଳାସ ଗେହଲଟ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ଦିଲ୍ଲୀ ଭାଜପା ପ୍ରଭାରୀ ବୈଜୟନ୍ତ ପଣ୍ଡା, ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବାଙ୍କ ଉପସ୍ଥିତିରେ ଭାଜପା ରାଷ୍ଟ୍ରୀୟ ମୁଖ୍ୟାଳୟରେ ସେ ପଦ୍ମ ଧରିଛନ୍ତି। ତେବେ ଇଡି, ସିବିଆଇ ପରି କୌଣସି କେନ୍ଦ୍ରୀୟ ଏଜେନ୍ସିର ଚାପରେ ସେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଛାଡ଼ିନାହାନ୍ତି। ପୂର୍ବରୁ ଲୋକଙ୍କ ଅଧିକାର ପାଇଁ ଲଢୁଥିବା ଆପ୍ କିଛିଦିନ ଧରି କେବଳ ନିଜ ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିବା ଗେହଲଟ କହିଥିଲେ।

### ଦିଲ୍ଲୀ ରିଜ୍‌ରୁ ବେଆଇନ ଗଛକଟା: ଶୁଣାଣିରୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ଦିଲ୍ଲୀ ରିଜ୍ ଅଞ୍ଚଳରୁ ବେଆଇନ ଭାବେ ଗଛ କଟାଯାଇଥିବା ଅଭିଯୋଗ ଉପରେ ଏକାଧିକ ପିଟିଶନ୍‌ର ଶୁଣାଣିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ସୋମବାର ଓହରିଯାଇଛନ୍ତି। ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମାମଲାରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କଠାରୁ ବ୍ୟକ୍ତିଗତ ସତ୍ୟପାଠ ମାଗିଥିଲେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଖାନ୍ନା କହିଛନ୍ତି, ସେ ଯେତେବେଳେ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଥିଲେ, ବିଭିନ୍ନ ଜେଲ୍ ପରିଦର୍ଶନ ପାଇଁ ଦିଲ୍ଲୀ ଉପରାଜ୍ୟପାଳଙ୍କ ସହ ପାଟନା ଯାଇଥିଲେ। ତେଣୁ ଉକ୍ତ ଗଛକଟା ମାମଲା ଶୁଣାଣିରେ ସେ ରହିବା ଠିକ୍ ହେବ ନାହିଁ।

## ମଣିପୁର ଜଳୁଛି

# ଯାଉନାହାନ୍ତି, ପଠାଉଛନ୍ତି

**୨୦୨୩ ମେ'ରେ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଆରମ୍ଭ ହେବା ପରଠୁ ଉତ୍ତର ପୂର୍ବାଞ୍ଚଳର ଏହି ସୀମାନ୍ତ ରାଜ୍ୟରେ ଅଦ୍ୟାବଧି ଅନ୍ୟୁନ ୨୫୦ ଜଣଙ୍କୁ ହତ୍ୟା କରାଗଲାଣି। ସଂଘର୍ଷରେ ଅନେକ ଲକ୍ଷ ଲୋକ ବିସ୍ଥାପିତ ହେଲେଣି। ଏଥିଯୋଗୁ ମଣିପୁର ବସ୍ତୁତଃ ଦୁଇଟି ଜାତି ମଧ୍ୟରେ ବିଭାଜିତ ହୋଇଯାଇଛି। ମେଇତିମାନେ ଉପତ୍ୟକାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ କୁକିଙ୍କ ପ୍ରଭାବ ପାର୍ବତ୍ୟାଞ୍ଚଳରେ ରହିଛି। ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଥିବା ସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରି ତାଙ୍କ ଇସ୍ତଫା ଦାବି ଜୋର୍ ଧରିବାରେ ଲାଗିଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସା ପ୍ରଭାବିତ ମଣିପୁରକୁ ଯାଉନାହାନ୍ତି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେବଳ କେନ୍ଦ୍ରୀୟ ପୋଲିସ ବଳ ପଠାଇ ନିଜ ଦାୟିତ୍ୱ ସାରିଦେଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।**





ଇମ୍ଫାଲରେ ମୁତୟନ ସେନା ଓ ଆସାମ ରାଇଫଲ୍ସ ଯବାନ।

ନୂଆଦିଲ୍ଲୀ/ଇମ୍ଫାଲ,୧୮।୧୧

ପୁଣି ଜାତିଆଣ ହିଂସାର ନିଆଁରେ ଜଳୁଛି ମଣିପୁର। ଜିରିବାମ୍‌ର ଏକ ଶିବିରରୁ ନିଖୋଜ ହୋଇଯାଇଥିବା ୬ ଅପହୃତଙ୍କ ମୃତଦେହ ମିଳିବା ପରେ ୩ ଦିନ ଧରି ଉପତ୍ୟକାରେ ଭଙ୍ଗାରୁଜା ଓ ଜଳାପୋଡ଼ା ଲାଗିରହିଛି। ଇତିମଧ୍ୟରେ ଅନେକ ବିଧାୟକ ଓ ମନ୍ତ୍ରୀଙ୍କ ଘରକୁ ମଧ୍ୟ ବିକ୍ଷୋଭକାରୀ ଟାର୍ଗେଟ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଘରକୁ ମଧ୍ୟ ଅନୁପ୍ରବେଶ ଉଦ୍ୟମ ହୋଇଛି। ମଣିପୁରର ମେଣ୍ଟ ସରକାରରେ ଭାଗୁଆଳି ଥିବା କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ରବିବାର ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିବା ସହ ସମର୍ଥନ ପ୍ରତ୍ୟାହାର କରିଛି। ସୋମବାର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ନିଜ କ୍ୟାବିନେଟ୍ ସଦସ୍ୟ ଓ ଶାସକ ଏନ୍‌ଡିଏ ବିଧାୟକମାନଙ୍କୁ ନେଇ ଏକ ବୈଠକ କରିଛନ୍ତି। ରାଜ୍ୟରେ ଅଣାୟତ୍ତ ହେଉଥିବା ସ୍ଥିତି ସମୀକ୍ଷା ପାଇଁ ଉକ୍ତ ବୈଠକ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଅର୍ଥାତ୍ ୫,୦୦୦ ଯବାନଙ୍କୁ ମଣିପୁରକୁ ପଠାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରବିବାର ଓ ସୋମବାର ବସିଥିବା ବୈଠକରେ ମଣିପୁର ସ୍ଥିତି ସମୀକ୍ଷା କରାଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତିର ମୁକାବିଲା ପାଇଁ ଉକ୍ତ ବୈଠକରେ ଅତିରିକ୍ତ କେନ୍ଦ୍ରୀୟ ବଳ ପ୍ରେରଣ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ପୂର୍ବରୁ ନଭେମ୍ବର ୧୨ରେ ଜିରିବାମ ଜିଲାରେ ହିଂସା ଘଟିବା ପରେ ମନ୍ତ୍ରଣାଳୟ ୨୦ ସିଏପିଏଫ୍ (୧୫ ସିଆର୍‌ପିଏଫ୍ ଏବଂ ୫ ବିଏସ୍‌ଏଫ୍) କମ୍ପାନୀ ପଠାଇଥିଲା। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ମହାନିର୍ଦ୍ଦେଶକ ଏ.ଡି. ସିଂ ଏବଂ ସିଏପିଏଫ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ମଣିପୁରରେ ରହିଛନ୍ତି। ଏସବୁକୁ ମିଶାଇଲେ ମଣିପୁରରେ ଗତବର୍ଷ ମେ' ପରଠୁ ମୋଟ ୨୧୮ ସିଏପିଏଫ୍ କମ୍ପାନୀ ମୁତୟନ ହୋଇଛନ୍ତି। ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ମୋଦି ଥରୁଟିଏ ମଧ୍ୟ ମଣିପୁରକୁ ନ ଯିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଆସନ୍ତା ୨୫ରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝନ୍ତୁ। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଇସ୍ତଫା ଦିଅନ୍ତୁ ବୋଲି ରମେଶ ଦାବି କରିଛନ୍ତି। ସେପଟେ ଭାଜପା ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଧାୟକ ଅବ୍‌ଦୁଲ ନାସିର ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ଜିବିରାମରେ ମହିଳା ଓ ଶିଶୁଙ୍କ ହତ୍ୟା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ 'ଆତଙ୍କବାଦୀ' ଘୋଷଣା କରାଯାଉ ବୋଲି ସେ ଦାବି କରିଛନ୍ତି। ସଦ୍ୟ ହିଂସାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୩ଟି ମାମଲା ରୁଜୁ କରିଛି। ସୋମବାର ଜିରିବାମ୍ ଜିଲାରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ବିକ୍ଷୋଭକାରୀ କେ. ଅଥୋଉବା(୨୦)ଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ଗୁଳିମାଡ଼ରେ ଲୋକଙ୍କ ପ୍ରାଣହାନି ଘଟିବା ଉପତ୍ୟକାର ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।

### ପାକିସ୍ତାନୀ ଜାହାଜରୁ ୭ ଭାରତୀୟ ମତ୍ସ୍ୟଜୀବୀ ମୁକ୍ତ

ନୂଆଦିଲ୍ଲୀ ,୧୮।୧୧

ଭାରତ-ପାକିସ୍ତାନ ସାମୁଦ୍ରିକ ସୀମାରୁ ୭ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ପାକିସ୍ତାନୀ ପାଟ୍ରୋଲ ଜାହାଜ ରବିବାର ଧରିନେଇଥିଲା। ଖବର ପାଇ ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ୨ ଘଣ୍ଟା ଧରି ଉକ୍ତ ଜାହାଜକୁ ପିଛା କରିବା ପରେ ମତ୍ସ୍ୟଜୀବୀମାନଙ୍କୁ ମୁକୁଳାଇଛି। ପାକିସ୍ତାନୀ ସାମୁଦ୍ରିକ ସୁରକ୍ଷା ସଂସ୍ଥା (ପିଏମ୍‌ଏସ୍‌ଏ) ଜାହାଜ ପାଲଟା ଜବାବ ଦେବା ପାଇଁ ଉଦ୍ୟମ କରିବା ସତ୍ତ୍ୱେ ମତ୍ସ୍ୟଜୀବୀମାନଙ୍କୁ ସଫଳତାର ସହ ଉଦ୍ଧାର କରାଯାଇପାରିଛି।

### ଟେକା ମାଡ଼ରେ ଅନିଲ ଦେଶମୁଖଙ୍କ ମୁଣ୍ଡ ଫାଟିଲା

ମୁମ୍ବାଇ, ୧୮।୧୧

ମହାରାଷ୍ଟ୍ରର ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନ୍‌ସିପି(ଏସ୍‌ପି) ନେତା ଅନିଲ ଦେଶମୁଖଙ୍କ କାର୍‌କୁ ସୋମବାର କାଟୋଲରେ ଟେକା ମାଡ଼ ହୋଇଛି। ଏଥିରେ ଅନୀଲ ଆହତ ହୋଇଛନ୍ତି। ଆଘାତ ଯୋଗୁ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ତାଙ୍କୁ କାଟୋଲସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ତାଙ୍କ ପୁଅ ସଲୀଲ ଦେଶମୁଖଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଜଣାପଡ଼ିଛି। ମୁମ୍ବାଇ ପୋଲିସ ତଦନ୍ତ ଜାରି ରଖିଛି।

## ମୋଜ୍‌ତାବା ଖାମେନେଇ ଇରାନ ସୁପ୍ରିମ ଲିଡର

ତେହରାନ,୧୮।୧୧



ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଦ୍ୱିତୀୟ ପୁଅ ମୋଜ୍‌ତାବା ଖାମେନେଇଙ୍କୁ ତାଙ୍କ ଉତ୍ତରାଧିକାରୀ ଚୟନ କରାଯାଇଛି। ସେ ସୁପ୍ରିମ ଲିଡର ଭାବେ ଇରାନର ନେତୃତ୍ୱ ନେବେ। ଏପରିକି ବାପାଙ୍କ ମୃତ୍ୟୁ ପୂର୍ବରୁ ମୋଜ୍‌ତାବା ଶିୟା ଇସ୍‌ଲାମିକ୍ ରାଷ୍ଟ୍ରର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଅଲି ଖାମେନେଇଙ୍କ ଉତ୍ତରାଧିକାରୀ ଚୟନ ଲାଗି ଏକ ଗୋପନ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଇସ୍ରାଏଲ୍ ସହ ଇରାନର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ଦେଶ ଏବେ ସଙ୍କଟରେ ରହିଛି। ୮୫ ବର୍ଷୀୟ ଅଲି ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ସେ ଶେଷ ଥର ପାଇଁ ଅକ୍ଟୋବର ୪ରେ ଇରାନୀୟମାନଙ୍କୁ ଉଦ୍‌ବୋଧନ ଦେବା ସହ ଇସ୍ରାଏଲ୍ ଆକ୍ରମଣରେ ନିହତ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ପାଇଁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୨୬ରେ ଇରାନ ବିଶେଷଜ୍ଞ ସଭାର ୬୦ ସଦସ୍ୟଙ୍କ ବୈଠକ ଡକାଯାଇଥିଲା। ତାଙ୍କ ଉତ୍ତରାଧିକାରୀ ବାଛିବାକୁ ଆସେମ୍ଲି ସଦସ୍ୟମାନଙ୍କୁ କୁହାଯାଇଥିଲା। ପ୍ରଥମେ ଏହାକୁ ବିରୋଧ କରାଯାଇଥିବାବେଳେ ପରେ ଆସେମ୍ଲି ସର୍ବସମ୍ମତକ୍ରମେ ମୋଜ୍‌ତାବାଙ୍କୁ ତାଙ୍କ ଉତ୍ତରାଧିକାରୀ କରିବା ପାଇଁ ରାଜି ହୋଇଥିଲା।

## ଅମରାସୁରିୟା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

କଲମ୍ବୋ,୧୮।୧୧



ପାର୍ଲାମେଣ୍ଟ ନିର୍ବାଚନରେ ଏନ୍‌ପିପି ବିଜୟୀ ହେବା ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସୋମବାର ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିଯୁକ୍ତ କରିଛନ୍ତି। ୨୨୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ନେତୃତ୍ୱାଧୀନ ଏନ୍‌ପିପି ମେଣ୍ଟ ୧୫୯ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ସୋମବାର ଶପଥ ଉତ୍ସବରେ ବିଜିଥା ହେରାଥଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ପୁନର୍ବାର ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଅର୍ଥ ଓ ପ୍ରତିରକ୍ଷା ବିଭାଗ ନିଜ ହାତରେ ରଖିଛନ୍ତି।

## ୬ରେ କୃଷକଙ୍କ ଦିଲ୍ଲୀ ଅଭିଯାନ

ଚଣ୍ଡିଗଡ଼ ,୧୮।୧୧(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ନ୍ୟାଯ୍ୟ ଦାବିକୁ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ଶମ୍ଭୁ ସୀମାରେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିବା କୃଷକମାନେ ଡିସେମ୍ବର ୬ରେ ଦିଲ୍ଲୀ ଅଭିଯାନରେ ବାହାରିବେ। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଚଳିତବର୍ଷ ଫେବୃଆରୀ ୧୩ରେ ଉକ୍ତ କୃଷକମାନେ 'ଦିଲ୍ଲୀ ଚଲୋ' ଶୋଭାଯାତ୍ରାରେ ବାହାରିଥିବାବେଳେ ସୁରକ୍ଷା ବଳ ବାଧାଦେବାରୁ ସେମାନେ ପଞ୍ଜାବ ଓ ହରିୟାଣା ମଧ୍ୟବର୍ତ୍ତୀ ଶମ୍ଭୁ ଏବଂ ଖନୌରି ସୀମାରେ ଅଟକି ରହିଛନ୍ତି। ଦୀର୍ଘଦିନର ପ୍ରତୀକ୍ଷା ପରେ ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯିବା ପାଇଁ ନିଷ୍ପତ୍ତି ନେଇଥିବା କେଏମ୍‌ଏମ୍ ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି। ନଭେମ୍ବର ୨୬ରୁ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଆମରଣ ଅନଶନରେ ବସିବେ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ କୃଷିଋଣ ଛାଡ଼ କରିବା, କୃଷକ ଓ କୃଷି ଶ୍ରମିକଙ୍କ ପାଇଁ ପେନ୍‌ସନ ଲାଗୁ କରିବା, ବିଦ୍ୟୁତ ଦେୟ ନ ବଢ଼ାଇବା ଆଦି କୃଷକଙ୍କ ଦାବି ରହିଛି।



## ବାଇଡେନ୍-ମୋଦି ଭେଟ

ରିଓ ଡି ଜନେଇରୋ ,୧୮।୧୧

**ବ୍ରାଜିଲରେ ଜି୨୦**

ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲର ରିଓ ଡି ଜନେଇରୋରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସେଠାରେ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁରେରେସ୍‌ଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ଭେଟିଛନ୍ତି। ୧୮ ଓ ୧୯ ଦୁଇଦିନ ଧରି ଜି୨୦ ସମିଟ୍ ଚାଲିବ। ସମ୍ମିଳନୀରେ ଆସନ ଗ୍ରହଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାଇଡେନ୍‌ଙ୍କ ସହ କରମର୍ଦ୍ଦନ କରିଥିବାବେଳେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ନାଇଜେରିଆ ଗସ୍ତ ପରେ ସୋମବାର ବ୍ରାଜିଲରେ ପହଞ୍ଚିଥିବା ମୋଦିଙ୍କୁ ରିଓ ଡି ଜନେଇରୋରେ ପ୍ରବାସୀ ଭାରତୀୟମାନେ ସଂସ୍କୃତ ଶ୍ଳୋକ ଗାଇ ସ୍ୱାଗତ କରିଥିଲେ।

## ଫୁରସତ୍

### ପୁରୁଷଙ୍କୁ ମଧ୍ୟ ସମ୍ମାନ ଦେବା ଜରୁରୀ

**ଆଜି ଅନ୍ତର୍ଜାତୀୟ ପୁରୁଷ ଦିବସ**

ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ୬୦ରୁ ଅଧିକ ଦେଶ ପୁରୁଷ ଦିବସ ପାଳନ କରନ୍ତି। ଏହି ଅବସରରେ ଅନେକ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

୧୯୨୩ରେ ପ୍ରଥମ ଥର ପାଇଁ ପୁରୁଷ ଦିବସ ପାଳନ କରିବାର ଦାବି ଉଠିଥିଲା। ଫେବୃଆରୀ ୨୩ରେ ସର୍ବଭାରତୀୟ ସ୍ତରରେ ପୁରୁଷ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆମେରିକା, ଅଷ୍ଟ୍ରେଲିଆ ସଂଗଠନଗୁଡ଼ିକୁ ନିମନ୍ତ୍ରଣ କରାଯାଇଥିଲା। ଦୁଇ ବର୍ଷ ଧରି ପୁରୁଷ ଦିବସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ୧୯୯୫ ପର୍ଯ୍ୟନ୍ତ ବହୁତ କମ ସଂସ୍ଥା ଏହି ଘଟଣାଗୁଡ଼ିକର ଅଂଶ ହୋଇଥିଲେ। ଫଳସ୍ୱରୂପ ଇଭେଣ୍ଟ ବନ୍ଦ ହୋଇଗଲା।

ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଲକ ସିଂ ୧୯୯୯ରେ ପ୍ରଥମ ଥର ପାଇଁ ନଭେମ୍ବର୧୯ରେ ପୁରୁଷ ଦିବସ ପାଳନ କରିଥିଲେ। ନିଜ ପିତାଙ୍କ ଜନ୍ମଦିନ ଅବସରରେ ପ୍ରଫେସର ଏହି ଦିନ ପାଳନ କରିଥିଲେ। ସେ ପୁରୁଷମାନଙ୍କୁ ପ୍ରସଙ୍ଗ ଉଠାଇବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ। ୧୯ ନଭେମ୍ବର ୨୦୦୭ରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ଏକ ସ୍ୱତନ୍ତ୍ର ଥିମ୍ ଆଧାରରେ ପ୍ରତିବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ଚଳିତବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ୨୦୨୪ର ଥିମ୍ ହେଉଛି 'ମେନ୍ସ ହେଲ୍ଥ ଚାମ୍ପିଅନ' (Men's Health Champions)। ଏହି ଥିମ୍ ପୁରୁଷଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଉପରେ ଧ୍ୟାନ ଦେଇଥାଏ।

### ଭିକ୍ଟୋରିଆଙ୍କୁ ମିସ୍ ୟୁନିଭର୍ସ କଲା ଟ୍ରମ୍ପ୍ ଇଫେକ୍ଟ

**୨୦୨୪ ନଭେମ୍ବର ୧୭ରେ ମେକ୍ସିକୋ ସିଟିରେ ଆୟୋଜିତ ୭୩ତମ ମିସ୍ ୟୁନିଭର୍ସ ଇଭେଣ୍ଟରେ ଡେନ୍‌ମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର ଥେଇଲଭିଗ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ଶି'ମେଲ୍‌ମାନେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କ ପ୍ରଭାବରେ ଜଣେ ଜୈବିକ ମହିଳା ଭାବେ ଭିକ୍ଟୋରିଆ ଏହି ମୁକୁଟ ହାସଲ କରିପାରିଥିବା କୁହାଯାଉଛି।**

ମେକ୍ସିକୋ ସିଟି,୧୮।୧୧



ଇତିହାସରେ ପ୍ରଥମ ଥର ପାଇଁ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଡେନ୍‌ମାର୍କରୁ ଜଣେ ଡାନିଶ୍ ପ୍ରତିନିଧି ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଟାଇଟଲ ପାଇଁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ନିଜ ଟ୍ୟାଲେଣ୍ଟ ପ୍ରଦର୍ଶନ କରିଥିବାବେଳେ ଉକ୍ତ ଇଭେଣ୍ଟରେ କଡ଼ା ମୁକାବିଲା ହୋଇଥିଲା। ୨୦୨୩ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ବିବାହଯୋଗ୍ୟା, ଓଜନ ଅଧିକ ଥିବା ଏବଂ କିନ୍ନର କଣ୍ଟେଷ୍ଟାଣ୍ଟମାନେ ଭାଗ ନେଉଥିଲେ। ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ସୁରକ୍ଷା ପାଇଁ ପ୍ରୟାସରତ ଥାଇଲାଣ୍ଡର ଜଣେ ମିଡିଆ ମୋଗଲ ମିସ୍ ୟୁନିଭର୍ସ ଇଭେଣ୍ଟର ମାଲିକାନା ନେବା ପରେ ଚଳିତବର୍ଷର ଇଭେଣ୍ଟ ଅଧିକ ପାରମ୍ପରିକ ଥିଲା। ଗତବର୍ଷ ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ପର୍ତ୍ତୁଗାଲର ମାରିନା ମାଚେଟେ ପ୍ରଥମ ଟ୍ରାନ୍ସଜେଣ୍ଡର ଓମେନ୍ ଭାବେ ସ୍ଥାନ ପାଇଥିଲେ। କିଛି ମାସ ପୂର୍ବରୁ ୨୨ ବର୍ଷୀୟା ରିକ୍କି ଭଲେରିଏ କୋଲ୍ଲେ ମିସ୍ ନେଦରଲାଣ୍ଡ୍ସ ମୁକୁଟ ହାସଲ କରିବାରେ ପ୍ରଥମ ଟ୍ରାନ୍ସଜେଣ୍ଡର ପର୍ସନ ଥିଲେ। ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗନେବାରେ ଆଞ୍ଜେଲା ପୋନ୍ସ ହେଉଛନ୍ତି ପ୍ରଥମ ଟ୍ରାନ୍ସ ଓମେନ୍। କିଛି ବର୍ଷ ତଳେ ସେ ମିସ୍ ସ୍ପେନ୍ ମୁକୁଟ ହାସଲ କରିଥିଲେ। ସଦ୍ୟ ଅନୁଷ୍ଠିତ ଇଭେଣ୍ଟରେ ଭିକ୍ଟୋରିଆ ଜଣେ ଅଣ-କିନ୍ନର ଭାବେ ଏହି ମର୍ଯ୍ୟାଦାଜନକ ମୁକୁଟ ପାଇବା ପରେ ଅନେକେ ବିସ୍ମିତ ହୋଇଯାଇଥିଲେ। ଜଣେ ଷ୍ଟ୍ରେଟ୍, ଶ୍ୱେତାଙ୍ଗୀ, ଜୈବିକ ମହିଳା ମିସ୍ ୟୁନିଭର୍ସ ୨୦୨୪ ହେବା ଏକ ବଡ଼ ଖବର ବୋଲି ଲୋକପ୍ରିୟ ରାଜନୈତିକ ଭାଷ୍ୟକାର ମାଟ୍ଟ ୱାଲେସ୍ କହିଛନ୍ତି। ଆଉ କେତେଜଣଙ୍କ ମତରେ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଜଣେ ଷ୍ଟ୍ରେଟ୍ ମହିଳା ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ୍ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ କରିବା ପରେ ହିଁ ଏହା ଗଣମାଧ୍ୟମର ଦୃଷ୍ଟିଆକର୍ଷଣ କରି ଲୋକପ୍ରିୟ ହୋଇପାରିଥିଲା। ୨୦୦୩ରେ ଏନ୍‌ବିସି ସହ ଟ୍ରମ୍ପଙ୍କ ଡିଲ୍ ଯୋଗୁ ଏହା ଘରେ ଘରେ ପହଞ୍ଚିପାରିଥିଲା। କିନ୍ତୁ ୨୦୧୫ରେ ଟ୍ରମ୍ପଙ୍କ ଏକ ମନ୍ତବ୍ୟ ଏଥିରେ ତାଙ୍କର ସହଭାଗିତାରେ ପୂର୍ଣ୍ଣଚ୍ଛେଦ ପକାଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ବିସିର ଅର୍ଦ୍ଧାଧିକ ଅଂଶଧନ ଟ୍ରମ୍ପଙ୍କ ନିକଟରେ ରହିବାରୁ ସେ ଏହାର ମାଲିକ ହୋଇଥିଲେ। ଟ୍ରମ୍ପଙ୍କ ଅମଳରେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଯୌନାଚାରରେ ଛନ୍ଦିହୋଇ ବିବାଦୀୟ ହୋଇଥିଲା। ବର୍ତ୍ତମାନ ମିସ୍ ୟୁନିଭର୍ସ ବ୍ରାଣ୍ଡ୍ ଥାଇଲାଣ୍ଡର ଜେକେଏନ୍ ଗ୍ଲୋବାଲ ଗ୍ରୁପ୍ ଏବଂ ଆମେରିକାର ଲିଗାସି ହୋଲ୍ଡିଂ ଗ୍ରୁପ୍ ନିକଟରେ ରହିଛି। ପ୍ରଥମ ଓପନ୍ ଟ୍ରାନ୍ସ ଓମେନ୍ ଆନ୍ନେ ଜାକାପୋଙ୍ଗ୍ ଜାକ୍ରାଜୁଟାଟିପ୍ ଏହି ଥାଇ କଙ୍ଗ୍ଲୋମେରେଟ୍‌ର ମାଲିକାଣୀ, ଯିଏକି ସୁନ୍ଦରୀ ପ୍ରତିଯୋଗିତା ଇତିହାସରେ ଏକ ସକାରାତ୍ମକ ଅଧ୍ୟାୟ ଯୋଡ଼ିଥିବା କୁହାଯାଉଛି। ଜାକାପୋଙ୍ଗ୍ ଏଥିରେ ବିବାହିତ ମହିଳା ଓ ମା'ମାନଙ୍କୁ ସାମିଲ ହେବା ପାଇଁ ସୁଯୋଗ ଦେଇ ନୂଆ ନିୟମ ପ୍ରଣୟନ କରିଥିଲେ। ତେବେ ତାଙ୍କ ନେତୃତ୍ୱରେ ଜେକେଏନ୍ ଗ୍ଲୋବାଲ ୨୦୨୩ରେ ଦେବାଳିଆ ହୋଇଯାଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଶାରୀରିକ ଗଠନ ନିର୍ବିଶେଷରେ ସଶକ୍ତୀକରଣ ପାଇଁ ଅନେକ ମହିଳାଙ୍କୁ ଉତ୍ସାହିତ କରିଛି।




# କୃଷିଋଣ ପାଇଁ ୮୩୦ କୋଟିର ସୁଧ ରିହାତି

**ଭୁବନେଶ୍ୱର,୧୮।୧୧ (ସୁଚିସ୍ମିତା ସାହୁ)**

ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ସମବାୟର ପ୍ରମୁଖ ଭୂମିକା ରହିଛି। ଚଳିତ ଆର୍ଥିକ ବର୍ଷରେ ସୁଧମୁକ୍ତ କୃଷିଋଣ ଯୋଜନା ପାଇଁ ରାଜ୍ୟ ସରକାର ୮୩୦ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ବ୍ୟବସ୍ଥା କରିଛନ୍ତି। ସୋମବାର ସୂଚନା ଭବନରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଲେ, ସମବାୟର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ର ସରକାର ନୂତନ ଭାବେ ସମବାୟ ମନ୍ତ୍ରଣାଳୟ ଖୋଲିଛନ୍ତି। ତିନୋଟି ମଲ୍ଟି ଷ୍ଟେଟ୍ ଆକ୍ଟରେ ୩ଟି ସମବାୟ ସମିତି ଗଠନ କରାଯାଉଛି। ସମବାୟରେ ସଭ୍ୟମାନଙ୍କୁ ଅଧିକରୁ ଅଧିକ ଅନ୍ତର୍ଭୁକ୍ତ କରାଯିବାକୁ ଚେଷ୍ଟା କରାଯାଉ। କେବଳ ରାଜ୍ୟ ନୁହେଁ, ରାଜ୍ୟଗୁଡ଼ିକ ଭିତରେ ସମବାୟ ସମ୍ପର୍କକୁ ଆହୁରି ଦୃଢ଼ କରିବାର ଆବଶ୍ୟକତା ରହିଛି। ବିକଶିତ ଭାରତ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବାଚସ୍ପତି କହିଛନ୍ତି।



ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ଅନ୍ୟ ଅତିଥିମାନେ ବାଲେଶ୍ୱରର ଏକ ସମବାୟ ସମିତିକୁ ପୁରସ୍କୃତ କରୁଛନ୍ତି।

## ୭୧ତମ ସମବାୟ ସପ୍ତାହ

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ, ସମବାୟ କ୍ଷେତ୍ରରେ ଥିବା ବିଭିନ୍ନ ଆଇନଗତ ଅସୁବିଧାକୁ ଦୂର କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ ଦେବା ସହ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଂର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ପ୍ରଭୁକଲ୍ୟାଣ ପଟ୍ଟନାୟକ, ୟୁନିୟନ ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ଓ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ୟୁନିୟନ ଦ୍ୱାରା ପ୍ରକାଶିତ 'ସ୍ମରଣିକା' ଓ 'ସମବାୟ ସମାଚାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଉତ୍ତମ କାର୍ଯ୍ୟପ୍ରଣାଳୀ ପାଇଁ ରାଜ୍ୟର କେନ୍ଦ୍ର ସମବାୟ ବ୍ୟାଙ୍କ, ଅର୍ବାନ ସମବାୟ ବ୍ୟାଙ୍କ, ବୁଣାକାର, ମତ୍ସ୍ୟ ସମବାୟ, ଦୁଗ୍ଧ ସମବାୟ, ଶିଳ୍ପ ସମବାୟ, ତାଳ ଗୁଡ଼ ସମବାୟ, ଖାଉଟି ସମବାୟ, ପ୍ୟାକ୍ସ, ଲ୍ୟାମ୍ପସ, କର୍ମଚାରୀ ଋଣ ସମବାୟ ସମିତି ଆଦି ବିଭିନ୍ନ କ୍ଷେତ୍ରରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମବାୟ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ସେହିପରି ସମବାୟ ଡିପ୍ଲୋମା ପାଠ୍ୟକ୍ରମରେ ପ୍ରଥମ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

**ଆମ୍ବଟାକୁଆ ଜାଉ ଖାଇବା ଘଟଣା**

# ଆଉ ଜଣଙ୍କ ଜୀବନ ଗଲା

**କଟକ/ଦାରିଙ୍ଗବାଡ଼ି,୧୮।୧୧ (ଶିଳ୍ପା ପ୍ରିୟଦର୍ଶିନୀ/ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ବାସି ଜାଉ ଖାଇ ଗତ ୧ ତାରିଖରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଅପରାହ୍ଣରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜିତା ମାଝୀ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ପଠାଯାଇଥିବା ନେଇ ସ୍ୱତନ୍ତ୍ର ଡାକ୍ତରୀ ଦଳ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳରେ ଥିବା ଭେଷଜ ବିଭାଗର ଡା. ଜୟନ୍ତ ପଣ୍ଡା କହିଛନ୍ତି, ଏଠାରେ ଚିକିତ୍ସିତ ହେଉଥିବା ଜିତା ଏବଂ ଅନ୍ୟ ଜଣେ ମହିଳା ଟୁନି ମାଝୀଙ୍କ ବୃକକ୍ ସମସ୍ୟା ଥିବାବେଳେ ଡାଏଲିସିସ୍ ଜାରି ରହିଥିଲା। ରବିବାରଠାରୁ ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅନ୍ୟପଟେ ଟୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡା. ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାରେ ୬ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବ୍ରହ୍ମପୁରରେ ଚିକିତ୍ସା କରାଯାଇଥିଲା। ୩ଦିନ ପରେ ଜିତା ଓ ଟୁନିଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜିତାଙ୍କ କିଡ୍‌ନୀଜନିତ ରୋଗରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ବୋଲି ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ଜିତାଙ୍କ ମୃତଦେହ ମାଣ୍ଡିପଙ୍କାକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏନେଇ ସେ ସରପଞ୍ଚ କୁମାରୀ ମଲିକଙ୍କ ସହ କଥାବାର୍ତ୍ତା ହୋଇଥିବା ରଥ କହିଛନ୍ତି।

# ୨୩ରେ ମନ୍ତ୍ରିମଣ୍ଡଳ ଓ ମନ୍ତ୍ରୀ ପରିଷଦ ବୈଠକ

## ଅତିରିକ୍ତ ଚିଠା ବଜେଟକୁ ମିଳିପାରେ ଅନୁମୋଦନ

**ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)**

୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟକୁ ଆସନ୍ତା ୨୩ ତାରିଖରେ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୧ରେ ସିଙ୍ଗାପୁର ଗସ୍ତରୁ ଫେରିବା ପରେ ୨୩ ତାରିଖ ଅପରାହ୍ଣରେ ରାଜ୍ୟ କ୍ୟାବିନେଟ୍ ଏବଂ ମନ୍ତ୍ରିପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ ମିଳିବ। ମୋହନ ସରକାରଙ୍କ ଏହା ପ୍ରଥମ ଅତିରିକ୍ତ ଚିଠା ବଜେଟ। ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୬ରେ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ଏହି ଚିଠା ବଜେଟକୁ ଉଭୟ ମନ୍ତ୍ରିମଣ୍ଡଳ ଓ ମନ୍ତ୍ରିପରିଷଦର ଅନୁମୋଦନ ମିଳିବ। ୨୩ ତାରିଖ ଅପରାହ୍ଣରେ ମନ୍ତ୍ରିମଣ୍ଡଳ ବୈଠକ ପାଇଁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨.୬୫ ଲକ୍ଷ କୋଟି ଟଙ୍କାର ବଜେଟ ଗତ ଜୁଲାଇ ୨୫ରେ ଉପସ୍ଥାପନ କରିଥିଲେ, ଯାହା ସେପ୍ଟେମ୍ବର ୧୧ରେ ଅନୁମୋଦନ ଲାଭ କରିଥିଲା।

# ୨୦୩୬ ସୁଦ୍ଧା ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଏକନମ୍ବର ହେବ: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜଣେ ମତ୍ସ୍ୟଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)**

ସମ୍ବଲପୁରରେ ନିର୍ମାଣ ହେବ ମତ୍ସ୍ୟ ପାର୍କ। ପ୍ରାୟ ଶହେ ଏକର ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପାଇଁ ଶହେ କୋଟି ଟଙ୍କା ବ୍ୟୟ ଅଟକଳ କରାଯିବ। ସେହିପରି ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସୋମବାର ସମ୍ବଲପୁର ବହିଦାର ନୂଆଁପାଲିଠାରେ ଜିଲା ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ନୂତନ କୋଠାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିଛି। ଏଥିପାଇଁ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ସହ ରପ୍ତାନିକୁ ଦୁଇଗୁଣା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ପୂର୍ବ ସରକାରଙ୍କ ଅପାରଗତାରୁ ମତ୍ସ୍ୟଚାଷୀମାନେ ପ୍ରତ୍ୟକ୍ଷ ଲାଭରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟରେ ଭାଜପା ସରକାର ହେବାପରେ ମତ୍ସ୍ୟ ଚାଷ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ କେତେଜଣ ମତ୍ସ୍ୟଚାଷୀଙ୍କୁ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ ସେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶୁଭାରମ୍ଭ କରିଥିଲେ। ପରେ ସମ୍ବଲପୁର ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସହାୟତା ରାଶି ବାବଦକୁ ପ୍ରାୟ ୧ କୋଟି ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବଣ୍ଟନ କରିଥିଲେ।



## ଜାନୁଆରୀ ୧୭ରେ 'ଏମର୍ଜେନ୍ସି' ରିଲିଜ୍

ଅଭିନେତ୍ରୀ କଙ୍ଗନା ରାଣାୱତଙ୍କର ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ବର୍ଷ ଜାନୁଆରୀ ୧୭ରେ ରିଲିଜ୍ ହେବ। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି। 'ଏମର୍ଜେନ୍ସି' ଫିଲ୍ମ ଗତ ସେପ୍ଟେମ୍ବର ୬ରେ ରିଲିଜ୍ ହେବାର ଥିଲା। ଏହାର ଠିକ୍ ପୂର୍ବରୁ ଫିଲ୍ମର ଟ୍ରେଲର ପ୍ରକାଶ ପାଇଥିଲା। ତେବେ ଏହି ଟ୍ରେଲରରେ ଶିଖ୍ ଧର୍ମ ସମ୍ପର୍କରେ ଭୁଲ ଭାବେ ଚିତ୍ରଣ କରାଯାଇଥିବା ଅଭିଯୋଗ କରି ବିଭିନ୍ନ ଶିଖ୍ ସଙ୍ଗଠନ ଫିଲ୍ମ ରିଲିଜକୁ ବିରୋଧ କରିଥିଲେ ଏବଂ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ ଏହି ଫିଲ୍ମର ପୁନର୍ବାର ରିଭ୍ୟୁ କରିବା ସହ କିଛି ଆପତ୍ତିଜନକ ଦୃଶ୍ୟକୁ କାଟି ଫିଲ୍ମ ରିଲିଜ୍ ପାଇଁ ଅନୁମତି ଦେଇଥିଲା। ସେନ୍ସର ବୋର୍ଡର ଏହି ସର୍ତ୍ତକୁ 'ଏମର୍ଜେନ୍ସି'ର ନିର୍ମାତା ଗ୍ରହଣ କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରିଲିଆନ୍ସ ଫାଉଣ୍ଡେଶନ ଏବଂ ୟୁନାଇଟେଡ୍ ନେଶନ୍ସ ଇଣ୍ଡିଆ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ମେ' ଫେୟାର ଲାଗୁନ, ସମୟ: ସକାଳ ୯ଟା ୪୫।
- ସୋସାଇଟି ଫର୍ ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ସମ୍ପ୍ରିତି, ପ୍ଲଟ୍ ନଂ. ଏନ୍‌ଡି ୧୯ ୨୦, ଆଇଏର୍‌ସ ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶରତ ସାହିତ୍ୟ ସମାରୋହ ଓ ନବୀନ ବରଣ ଉତ୍ସବ, ସମୟ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ଅପରାହ୍ନ ୩ଟା।
- ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଭୁବନେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ୨୫ତମ ସ୍ମୃତି ସନ୍ଧ୍ୟା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ୬ଷ୍ଠ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ଜିକେସିଏମ୍, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରଙ୍ଗୋତ୍ସବ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଡାଳିଯୋଡ଼ା କାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହରିହରପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଜୟ କୁମାର ପଢ଼ିହାରୀଙ୍କ ରଚିତ ମାଟିର ମମତା ଓ ତିନୋଟି ଶିଶୁ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ୧୧ତମ ଏଗ୍ରିକଲ୍ଚର ସେନସସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ଉତ୍କଳ ଶର୍ମାଙ୍କ ବନବାସ ଚଳଚ୍ଚିତ୍ରର ଶୁଭ ମହୁରତ, ସ୍ଥାନ: ସିଂହଦ୍ୱାର, ପୁରୀ, ସମୟ: ସକାଳ ୮ଟା।
- ନିଖିଳ ଭାରତ ସମବାୟ ସପ୍ତାହ ପାଳନ, ସ୍ଥାନ: ପୌରସଦନ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ବଗଲା ଧର୍ମଶାଳା, ପୁରୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ୬୮ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବେସ୍‌ବଲ୍ ଓ ସଫ୍ଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଜେଡିର ସଦର ବ୍ଲକ ଘେରାଉ ଓ ପ୍ରତିବାଦ ସଭା, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆହାର କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ହାଇସ୍କୁଲ, ଦହପାଣିଆ, ତିହିଡ଼ି, ସମୟ: ସକାଳ ୯ଟା।
- ବ୍ଲକ ବିଜେଡି ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୯ଟା।
- ବିଶ୍ୱ ଶୌଚ ଦିବସ ସଚେତନତା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ସପ୍ତାହ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କାଳୀମନ୍ଦିର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ପୁସ୍ତକ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ରାହାସ ପୂର୍ଣ୍ଣିମା ପଞ୍ଚମ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ବାଲିଯାତ୍ରା ଏ ଗ୍ରୁପ୍, ମାନଲାପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- କୃଷକ ମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- କାର୍ତ୍ତିକେଶ୍ୱରଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ହନୁମାନ ମନ୍ଦିରରେ ଭଜନ, ଆଧାତ୍ମିକ ଆଲୋଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ମା' ଭୂଆସୁଣୀ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ମା' ମଙ୍ଗଳାଙ୍କ ପୂଜା, ମେଳା, ନାମ ସଂକୀର୍ତ୍ତନ, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ଲକ୍ଷ୍ମୀନାରାୟଣ ପୂଜା କମିଟିର ବୈଠକ, ସ୍ଥାନ: କୁରାଳସାହି ଠାକୁରଗୃହ, ଜଳସୁଆଁ, ଆନନ୍ଦପୁର, ସମୟ ସନ୍ଧ୍ୟା ୭ ଟା।
- ନାଟ୍ୟ ସଂସଦ ପକ୍ଷରୁ ବୈଠକ, ସ୍ଥାନ: ହିଙ୍ଗୁଳା କ୍ଲବ୍ ଗୃହ, ସାଇଁକୁଳ, ଘଷିପୁରା, ସମୟ: ସନ୍ଧ୍ୟା ୭ ଟା।
- ବାଦିପାଲା ଅନୁଷ୍ଠିତ, ସ୍ଥାନ: ହସନପୁର, ମଦନପୁର, ଘଷିପୁରା, ସମୟ: ସନ୍ଧ୍ୟା ୮ ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଭଲିବଲ କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ. ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା,ସ୍ଥାନ: କଲେଜ ପଡ଼ିଆ ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଟେପ୍ ଦି ଫିଟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୫ଟା ୩୦।
- ଶାନ୍ତି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ଆଇଆରସିସିସି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ, ଶଙ୍କର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ଆଞ୍ଚଳିକ ଏକକୀ ସମ୍ମିଳନୀ ସାକ୍ଷାତ, ସ୍ଥାନ: ଅନୁଗୋଳ ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ସମବାୟ ସପ୍ତାହ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ କଳିଙ୍ଗ ବାଲିଯାତ୍ରା ଉପଲକ୍ଷେ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ନେଇ ନୌଚାଳନା ପ୍ରତିଯୋଗିତା, ସ୍ଥାନ: କାଉଡ଼ିଆ ନଦୀ, ଅଠରବାଙ୍କି ବାଲିଫ୍ଲଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟାରେ ଅସୀମା ପଣ୍ଡା ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ମଞ୍ଚ,ବଡିଘର ପାଖ ବେଳାଭୂମି, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା
- ବଜ୍ରକାଳୀ ଯୁବ ପରିଷଦ ପକ୍ଷରୁ ଶ୍ରୀକାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: କାନପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।।

## ଯାଜପୁର

- ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ସ୍ଥାନ: ସୁକିନ୍ଦା ବ୍ଲକ ସନସାଇଲୋ, ବନ୍ଧଗାଁ ଓ ଓଲିଆ ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଫୁଟବଲ ମ୍ୟାଚ୍‌ର ୨ୟ ଦିବସ ଫୁଲୁବାଣି ଫୁଟବୁଲ ଦଳ ବନାମ ଆଠଗଡ଼ ଫୁଟବଲ ଦଳ, ସ୍ଥାନ: ନୂଆଗାଁ ବ୍ଲକର ମାଳିସାହି ଖେଳପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାଗବତ୍ ସପ୍ତାହ, ପାରାୟଣ ଓ ପ୍ରବଚନ ନାମଯଜ୍ଞର ୫ମ ଦିବସ, ସ୍ଥାନ: ରାହସ ବିହାରୀ ମଠ ଇଟାମାଟି ବଡ଼ ଟାଙ୍ଗୀ ପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ରେଲୱେ ପଡିଆ, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ, ଗଣିତ ଓ ପରିବେଶ ମେଳା, ସ୍ଥାନ: ଡାବୁଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପରବ ଅବସରରେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ମାଣ୍ଡିଆ କ୍ଷେତ ପ୍ରଦର୍ଶନୀ, ସ୍ଥାନ: ମାଛରା, କୋରାପୁଟ ବ୍ଲକ, ସମୟ: ସକାଳ ୯ ଟା।
- ଜାତୀୟ ଶିକ୍ଷା ନୀତି ନେଇ ସେମିନାର, ସ୍ଥାନ: ଡିଏଭି ବିଇଡି କଲେଜ, କୋରାପୁଟ, ସମୟ: ୧୦ ଟା।
- ଜିଲା ଧାନ ସଂଗ୍ରହ ନେଇ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କେଉଁଟ, କୈବର୍ତ୍ତ, ଧିବର ହଟାଅ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଆମରଣ ଅନଶନ, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା କମିଟିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆ, ସମୟ : ଅପରାହ୍ନ ୩ଟା।
- ଦି ହଷ୍ଟେଲ ଡେଜ୍ କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: କୁଞ୍ଜାପାଲି ଆଶ୍ରମ ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସମଲେଶ୍ୱରୀ ସରକାରୀ ହାଇସ୍କୁଲ, ଅମ୍ବାପାଲି, ବରଗଡ଼, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ରାମଚରିତ ମାନସ ପାଠ, ସ୍ଥାନ: ମହାକାଳ ମନ୍ଦିର ବାଗଡ଼ିହି, ସମୟ: ସକାଳ ୮ଟା।
- ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଡୁଙ୍ଗାପୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଡୁଙ୍ଗାପୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ସମାରୋହ ଓ ଫଟୋ ପ୍ରଦର୍ଶନୀ, ସ୍ଥାନ:ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଶିଶୁ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୨ଟା।
- ପ୍ରଥମ ରାଉରକେଲା ସାହିତ୍ୟ ଉତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ କଲୋନି, ସମୟ: ଅପରାହ୍ନ ୪ଟା ୩୦।
- ଜଙ୍ଗଲ, ପରିବେଶ ମନ୍ତ୍ରୀଙ୍କ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ଗସ୍ତ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଓ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଛେଣ୍ଡ ରିମ୍ସ ପରିସର, ସମୟ: ସକାଳ ୬ଟା।
- ନହ୍ଲେ କଲାମକି ଖୋଜ୍ କର୍ମଶାଳା, ସ୍ଥାନ: ସେକ୍ଟର-୨ ଡିସୌଜା ସ୍କୁଲ, ସମୟ: ସନ୍ଧ୍ୟା ୫ଟା।

## ଦେବଗଡ଼

- ମେଗା ରକ୍ତଦାନ ଶିବିର, ସ୍ଥାନ: ତାରଙ୍ଗ ଆୟୋଜକ ମହାପାତ୍ରାଣୀ କ୍ଲବ, ବ୍ଲକ ରିଆମାଳ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ତମ ସମବାୟ ସପ୍ତାହ-୨୦୨୪ର ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଶିଳାନ୍ୟାସ, ଦୁଗ୍ଧ ଶୀତଳକରଣ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ତିଲେଇବଣି ବ୍ଲକ, ଛେପିଲିପାଳି ଗ୍ରାମପଞ୍ଚାୟତ, ଧୋବଲିପଥର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ ଚିନ୍ତନ ଶିବିର, ସ୍ଥାନ: ଭବାନୀପାଟଣା ହୋଟେଲ ବିନାୟକ, ସମୟ: ଅପରାହ୍ନ ୪ଟା ୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ନାଗବାଚା ଗାଦିଯାତ୍ରା ଉଦ୍‌ଯାପନୀ ସମାରୋହ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳମୁଣ୍ଡି ଗାଁ, ସମୟ: ସକାଳ ୭ଟା।

## ବୌଦ୍ଧ

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ୮ଟା ୩୦ ମିନିଟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି କାରଣରୁ ସ୍ଥଗିତ ଥିବା କାମ ହାସଲର ଅନୁକୂଳ ସୂଚନା ପାଇବେ। ପାରିବାରିକ ସମସ୍ୟାର ସମାଧାନ ଖୁସିକୁ ଦ୍ୱିଗୁଣିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଦ୍ୱିଜା ନକ୍ଷତ୍ର ବୈଷୟିକ ସମୃଦ୍ଧିଜନିତ ପ୍ରତିଷ୍ଠା ହାସଲ କରିପାରନ୍ତି।

**ବୃଷ** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହିବ ନାହିଁ। ବନ୍ଧୁମାନେ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିହେବା ଆଶଙ୍କା ରହିଛି।

**ମିଥୁନ** ଧନାଧିପ ରାଶିରେ ଅବସ୍ଥାନକରି ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରିନେବେ। ପ୍ରତ୍ୟେକ ସ୍ତରରେ ବୁଝି ବିଚାରି ଓ ଭାବିଚିନ୍ତି କାମ କରିବା ଭଲ। ପରିବାରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**କର୍କଟ** କୋଣଭାବସ୍ଥ ରବି ଓ ବୁଧ ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହେବ।

**ସିଂହ** କର୍ମଭାବସ୍ଥ ଗୁରୁଙ୍କ ଯୋଗୁ ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ସଫଳତା ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ପାରିବାରିକ, ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତି ସ୍ୱାଭାବିକ ରହିବ।

**କନ୍ୟା** ସୁଖଭାବ ଶୁକ୍ରଙ୍କ ରାଶି ହେତୁ ଆଜି ସୁସ୍ୱାଦୁଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ପ୍ରାପ୍ତି ଘଟିବ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଉପକୃତ ହେବେ। ଆଜିର ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ସନ୍ତାନହେତୁକ ଗୌରବାନ୍ୱିତ ହେବାର ଯୋଗ ରହିଛି।

**ତୁଳା** ଆଜିର ଭାଗ୍ୟଭାବସ୍ଥ ଚନ୍ଦ୍ର ଯାତ୍ରା, କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। କିନ୍ତୁ ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧ ସ୍ୱର ଦୁଶ୍ଚିନ୍ତା ବଢ଼ାଇବ। ଆଲୋଚନା ପରିସରରେ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯାଇପାରେ।

**ବିଛା** ଆଜିର ଗ୍ରହ ସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ମଙ୍ଗଳ ଓ ଶନିଙ୍କ ଷଷ୍ଠାଷ୍ଟମ ସ୍ଥିତି ଟେନ୍‌ସନ ସୃଷ୍ଟି କରିବ। ସତର୍କତା ଅଭାବରୁ ଯାହା ଭାବୁଥିବେ କରିବା ବେଳକୁ ତାହା ଓଲଟା ହୋଇଯାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଚତୁର୍ଥ ସ୍ଥାନରେ ଶନିଙ୍କ ସ୍ଥିତି କାରଣରୁ ପରିବାର, ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ବିଶ୍ୱାସୀ ହେଲେ ଅସୁବିଧା ଭୋଗିବେ। ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରିବା ସୁଯୋଗ ପାଇବେ। ଆତ୍ମୀୟମାନଙ୍କ ଆର୍ଥିକ ସାହାଯ୍ୟରୁ ସ୍ଥଗିତ କାମ ତ୍ୱରାନ୍ୱିତ ହେବା ସମ୍ଭାବନା ରହିଛି।

**ମକର** ସୋମବାର ଯାହା ଭାବୁଥିଲେ ତାହା ମଙ୍ଗଳବାର ବାସ୍ତବତାରେ ପରିଣତ ହେବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲକରିବେ। ପାରିବାରିକ କ୍ଷେତ୍ରରେ ବିରୋଧ କିମ୍ବା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବା ସୂଚନା ରହିବ।

**କୁମ୍ଭ** କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିଲେ ମଧ୍ୟ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସକାଳ ସମୟରେ ଖୁସି ଖବର ପାଇପାରନ୍ତି, ଯାହାକି ସରକାରୀ କ୍ଷେତ୍ର ସମ୍ବନ୍ଧିତ ରହିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** ଚନ୍ଦ୍ରଙ୍କ କେନ୍ଦ୍ରାବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇବ। ବ୍ୟସ୍ତ ବିବ୍ରତ ନ ହୋଇ କାମଟିକୁ ଆରମ୍ଭକଲେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟିହେବା ସୂଚନା ରହିଛି। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ସୀତା ବିବାହ। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୦୧ ଗତେ, ଘ.୦୬।୪୫ ମଧ୍ୟେ, ଘ.୦୮।୪୬ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩। ୩୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୂଷଣମୁକ୍ତ ପରିବେଶ...

ମଧ୍ୟ ସରକାର ଏହାର ପ୍ରତିକାର ପାଇଁ କଠୋର ପଦକ୍ଷେପ ନେବାରେ ବିଳମ୍ବ କରିଥିବାରୁ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଆର୍‌ଏପିର ବିଭିନ୍ନ ପର୍ଯ୍ୟାୟ ଲାଗୁ କରିବାରେ ବିଳମ୍ବ କ'ଣ ପାଇଁ ହେଲା ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ଙ୍କୁ ପ୍ରଶ୍ନ କରିଛନ୍ତି। ସୋମବାରଠାରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥିବା ଦିଲ୍ଲୀ ସରକାରଙ୍କ ଓକିଲ କହିବାରୁ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ପହଞ୍ଚିବାମାତ୍ରେ ଏହା ଲାଗୁ କରାଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଥିଲେ। ଏକ୍ୟୁଆଇ ୩୦୦ରୁ ୪୦୦ ମଧ୍ୟରେ ପହଞ୍ଚିବା ପରେ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ ଲାଗୁ କରାଯିବା କଥା। ପ୍ରଦୂଷଣ ରୋକିବା ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ୨୨ ତାରିଖ ସୁଦ୍ଧା ଜଣାଇବା ପାଇଁ ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଆର୍‌ଏପି ପ୍ରଥମେ ୨୦୧୭ରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହୋଇଥିଲା। ବାୟୁ ଗୁଣବତ୍ତା ଅନୁଯାୟୀ ଏହାର ବିଭିନ୍ନ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ଏକ୍ୟୁଆଇ ୨୦୧ରୁ ୩୦୦ ମଧ୍ୟରେ ରହିଲେ ଜିଆର୍‌ଏପିର ପ୍ରଥମ ପର୍ଯ୍ୟାୟ ଲାଗୁ ହେଉଥିବାବେଳେ ଏହି ସ୍ତର ୩୦୧ରୁ ୪୦୦ ରହିଲେ ଦ୍ୱିତୀୟ ପର୍ଯ୍ୟାୟ, ୪୦୧ରୁ ୪୫୦ ରହିଲେ ତୃତୀୟ ପର୍ଯ୍ୟାୟ ଏବଂ ୪୫୦ ଟପିଲେ ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥାଏ। ରବିବାର ବାୟୁମାନ ୪୫୭ରେ ପହଞ୍ଚିବା ପରେ ସୋମବାର ସକାଳ ୮ରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ କରିବା ପାଇଁ ସିଏକ୍ୟୁଏମ୍ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ସ୍ୱଚ୍ଛ ଇନ୍ଧନ ପରିବହନ କରୁଥିବା ଯାନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଟ୍ରକ୍‌କୁ ଦିଲ୍ଲୀରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଦିଲ୍ଲୀ ବାହାରେ ପଞ୍ଜୀକୃତ ଅତିଜରୁରୀ ନ ଥିବା ହାଲୁକା ବ୍ୟବସାୟିକ ଯାନ ଉପରେ ମଧ୍ୟ କଟକଣା ଜାରି ହୋଇଛି। କେବଳ ବିଦ୍ୟୁତ୍, ସିଏନ୍‌ଜିରେ ଚାଲୁଥିବା ଗାଡ଼ି ଏବଂ ବିଏସ୍-୬ ଡିଜେଲ ଗାଡ଼ିକୁ ଅନୁମତି ମିଳିବ।

### ଦିଲ୍ଲୀକୁ ଘୋଡ଼ାଇ...

ସୁସ୍ଥ ବ୍ୟକ୍ତି ମଧ୍ୟ ଶ୍ୱାସକ୍ରିୟାଜନିତ ଅସୁସ୍ଥତା ଏବଂ ଅନ୍ୟାନ୍ୟ ଜଟିଳ ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ୟୁସିଏମ୍‌ଏସ୍ ଆଣ୍ଡ ଜିଟିବି ହସ୍ପିଟାଲ୍‌ର ରେସିଡେଣ୍ଟ ଡାକ୍ତର ରଜତ ଶର୍ମା କହିଛନ୍ତି। ଲୋକମାନେ ଅତ୍ୟଧିକ ସତର୍କ ରହିବା ଜରୁରୀ ବୋଲି ସାର୍ ଗଙ୍ଗାରାମ ହସ୍ପିଟାଲର ଚେଷ୍ଟ ମେଡିସିନ୍ ବିଭାଗ ବରିଷ୍ଠ ଡାକ୍ତର ଉଜ୍ଜ୍ୱଳ ପରଖ କହିଛନ୍ତି। ଯଥାସମ୍ଭବ ବାହାରକୁ ନ ଯିବା ଏବଂ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ବିଦ୍ୟୁତ୍ ଫାଶରେ...

ଟିମ୍ ସୋମବାର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି.ଅଶୋକ କୁମାର, ରେଢ଼ାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଉପସ୍ଥିତ ଥିଲେ। ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଲାଡେ କହିଛନ୍ତି, ଟାସ୍କଫୋର୍ସ ଟିମ୍ ଘଟଣାସ୍ଥଳରୁ ବିଛାଯାଇଥିବା କିଛି ବିଦ୍ୟୁତ୍ ତାର ଜବତ କରିଛି। ପ୍ରଥମେ ଗୋଟିଏ ହାତୀ ଏହି ତାର ସଂସ୍ପର୍ଶରେ ଆସିଯିବା ପରେ ଅନ୍ୟ ୨ଟି ସେଥିରେ ଲାଗି ପ୍ରାଣ ହରାଇଛନ୍ତି। ଗୋଟିଏ ହାତୀର ଶରୀରରେ ବିଦ୍ୟୁତ୍ ଆଘାତର ଚିହ୍ନ ରହିଛି। ମଙ୍ଗଳବାର ସକାଳେ ୩ଟିଯାକ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜେଟିଏଫ୍‌ର ଟିମ୍ ଲିଡର ଲାଡେ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ହାତୀପଲରେ ଆଉ କିଛି ଶାବକ ରହିଛନ୍ତି। ଗୋଟିଏ ଶାବକ ହାତୀ ମୃତ୍ୟୁସ୍ଥଳରେ ବୁଲାବୁଲି କରୁଛି। ମା' ହାତୀର ମୃତ୍ୟୁ ପରେ ଖାଦ୍ୟ ପାଇଁ ସେ ଉହଳବିକଳ ହେଉଥିବା କୁହାଯାଇଛି। ନାକଟିଦେଉଳ ବନାଞ୍ଚଳରେ ଗତ ୪ ମାସ ମଧ୍ୟରେ ବିଦ୍ୟୁତ୍ ଆଘାତରେ ୪ଟି ହାତୀର ମୃତ୍ୟୁ ଘଟି ସାରିଲାଣି। ଗତ ଅଗଷ୍ଟ ୧୭ରେ ଘୋଷରାମାଳ ଫରେଷ୍ଟ ସେକ୍ସନର ଚହଟାପଦାଠାରେ ମଧ୍ୟ ୩୩କେଭି ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଥିଲା। ବାର୍‌ହା ଶିକାର ପାଇଁ ବିଭିନ୍ନ ଜଙ୍ଗଲ ନିକଟ ଗ୍ରାମରେ ବିଦ୍ୟୁତ୍ ତାର ବିଛାଇବା କାରଣରୁ ଏହିଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗତ ଅକ୍ଟୋବର ୨୯ରେ ନେଭରାପାଳ ଏବଂ ବସାଲୋଇ ଗ୍ରାମ ମଝିରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ସେଥିରେ ଲାଗି ବଡ଼ଝରଣ ଗ୍ରାମର ଭକ୍ତବନ୍ଧୁ ନାୟକ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳବାସୀ ବନ ବିଭାଗ ଅବହେଳାକୁ ଦାୟୀ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ୩ କ୍ଷେତ୍ର ବନ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ୨ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଉଦ୍‌ବେଗ ପ୍ରକାଶ କଲେ ଶକ୍ତିମନ୍ତ୍ରୀ

ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁକୁ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ଆଘାତ ପାଇଁ ରାଜ୍ୟରେ ହାତୀମୃତ୍ୟୁ ହେଉଛି। ଶିକାରୀମାନେ ବାର୍‌ହା ମାରିବା ପାଇଁ ବିଦ୍ୟୁତ୍ ଲାଇନ ଲଗାଇ ରଖୁଥିବାରୁ ଏଭଳି ଅଘଟଣ ଘଟୁଛି। ଏହା ଜଙ୍ଗଲ ବିଭାଗ ଏବଂ ଶକ୍ତି ବିଭାଗ ଉଭୟର ଦାୟିତ୍ୱରେ ରହୁଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବଢୁଥିବା ହାତୀମୃତ୍ୟୁକୁ ନେଇ ଗତ କିଛିଦିନ ତଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ କେତେ ହାତୀଙ୍କ ମୃତ୍ୟୁ ହୋଇଛି ଏବଂ ଏଥିପାଇଁ କେଉଁମାନେ ଦାୟୀ, ତାହାର ତଦନ୍ତ କରି ୧ମାସ ମଧ୍ୟରେ ରିପୋର୍ଟ ଦେବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ କମିଟି ଗଠନ କରାଯାଇ ତଦନ୍ତ କରାଯାଉଥିବାବେଳେ, ପୁନର୍ବାର ଏଭଳି ହାତୀମୃତ୍ୟୁ ବନବିଭାଗ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି।

### ବିଦ୍ୟୁତ୍ ଆଘାତରେ...

ତୃତୀୟ ଘଟଣା। ବୁରୋମାଳ ଗ୍ରାମ ମଧ୍ୟଦେଇ ୧୧କେଭି ବିଦ୍ୟୁତ୍ ତାର ଯାଇଥିବାବେଳେ, ଜିଆଇ ତାର ମାଧ୍ୟମରେ ବେଆଇନ ଭାବେ ହୁକିଂ କରି ଏଥିରୁ ବିଦ୍ୟୁତ୍ ଟଣାଯାଇଥିଲା। ବାର୍‌ହା ଶିକାର ପାଇଁ ଶିକାରୀ ବିଛାଇଥିବା ଏହି ତାରରେ ପଡି ୩ହାତୀଙ୍କର ମୃତ୍ୟୁ ହୋଇଥିବା ପିସିସିଏଫ୍ ସ୍ପଷ୍ଟ କରିଛନ୍ତି। ତେବେ ଏହି ଘଟଣା ପାଇଁ ସେଠାରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡ୍ ବନ କର୍ମଚାରୀଙ୍କ ତ୍ରୁଟି ରହିଛି। ସେମାନଙ୍କର ଅବହେଳା ପାଇଁ ଏଭଳି ଘଟଣା ଘଟିଛି। ଆର୍‌ସିସିଏଫ୍‌ଙ୍କୁ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଏହି ଘଟଣା ପାଇଁ ଯେଉଁ ବିଭାଗୀୟ କର୍ମଚାରୀଙ୍କ ତ୍ରୁଟି ଥିବା ଜଣାପଡ଼ିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରାଯିବ। ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବାକୁ ବିଦ୍ୟୁତ୍ ବିଭାଗ ସହ ବୈଠକ କରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପୁଣିଥରେ ଡିଏଫ୍‌ଓମାନଙ୍କୁ ନୂଆ ଏସ୍‌ଓପି ଜାରି ହେବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

### ବ୍ୟବସାୟ ପାଇଁ...

ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରାଜ୍ୟରେ ଶିଳ୍ପ ରୂପାନ୍ତରୀକରଣ ପାଇଁ ସିଙ୍ଗାପୁରର ବିଶ୍ୱ ପ୍ରସିଦ୍ଧ ଭିତ୍ତିଭୂମି ଓ ଏଷ୍ଟାବ୍ଲିଶମେଣ୍ଟର ଅଂଶୀଦାର ଉପରେ ଆଲୋଚନା କରିଛନ୍ତି। ଟିମ୍‌ର ସଦସ୍ୟମାନେ ସୁର୍ବନା ଜୁରଙ୍ଗ୍ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ଏହା ରାଜ୍ୟର ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି କରିବ। ପାରାଦୀପଠାରେ ଥିବା ପେଟ୍ରୋଲିୟମ, କେମିକାଲ୍ସ ଆଣ୍ଡ ପେଟ୍ରୋ କେମିକାଲ୍ସ ଇନ୍‌ଭେଷ୍ଟମେଣ୍ଟ ରିଜିଅନ (ପିସିପିଆଇଆର)ର ମଧ୍ୟ ଅଭିବୃଦ୍ଧିରେ ଏହା ସହାୟକ ହେବ। ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପାରମ୍ପରିକ ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁରସ୍ଥିତ କମ୍ପାନୀଗୁଡ଼ିକ ଓଡ଼ିଶାରେ ନିବେଶ ପାଇଁ ଥିବା ସୁଯୋଗକୁ ହାତଛଡ଼ା ନ କରିବାକୁ ଆହ୍ୱାନ ଦେଇଛନ୍ତି। ଏନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କୁ ଆସନ୍ତା ଜାନୁଆରୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ -୨୦୨୫ରେ ଯୋଗ ଦେବାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ଏହାଛଡ଼ା ପ୍ରତିନିଧି ଦଳ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଓଡ଼ିଶାରେ ସିଙ୍ଗାପୁର ଓ ଆଇଟିଇଏସ୍ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ର ଏହାର ଏକ ସଫଳ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ଅର୍ବାନ ମୋବିଲିଟି, ଗ୍ରୀନ୍ ସିପିଂ କରିଡର, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ସ୍ଥାପନ ନେଇ ଗୁରୁତ୍ୱାରୋପ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଓଡ଼ିଶା ଦକ୍ଷତା ବିକାଶ ସହ ଶିଳ୍ପ ବିକାଶ ଉପରେ ଫୋକସ କରି ଆସୁଛି। ରାଜ୍ୟର ଯୁବଗୋଷ୍ଠୀଙ୍କର କାର୍ଯ୍ୟ ଦକ୍ଷତା ବଢ଼ାଇବା ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସହିତ ବିଶ୍ୱସ୍ତରୀୟ ଦକ୍ଷତା ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିସହିତ ମୁଖ୍ୟମନ୍ତ୍ରୀ ମନିଟାରୀ ଅଥରିଟି ଅଫ ସିଙ୍ଗାପୁରର ଚିଫ୍ ଫିନଟେକ୍ ଅଫିସର ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସିଙ୍ଗାପୁରରେ ଆସନ୍ତା ଦୁଇଦିନ ଓଡ଼ିଶା ବିଜ୍‌ନେସ୍‌ମିଟ୍, ନିବେଶ ପ୍ରସାର ରୋଡ୍ ଶୋ'ରେ ଭାଗନେବେ। ସେଠାରେ ବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଭାବ ବିନିମୟ କରିବେ। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ୍‌କାର, ସରକାର-ବ୍ୟବସାୟ ବୈଠକ ଆଦି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶାର ସବୁଜ ସ୍ୱର



ଅନ୍ତରା ଚକ୍ରବର୍ତ୍ତୀ, ଗାୟିକା



ସ୍ମୃତି ରଞ୍ଜନ ମହାନ୍ତି, ଅଭିନେତା



ଶ୍ରୁତକୀର୍ତ୍ତି ତ୍ରିପାଠୀ, ଲେଖିକା



ରବି କ୍ରିଷ୍ଣା, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର



ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା



କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା



ଯୁବୋଦୟ କଲେଜ, ବଲାଙ୍ଗୀର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ମଙ୍ଗଳବାର, ୧୯ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# ବିଲରେ ଚାଷୀଙ୍କୁ ଦଳି ମାରିଲା ହାତୀ

ସମ୍ବଲପୁର,୧୮।୧୧
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ହାତୀବାରୀ ଟେଙ୍ଗୁପଡ଼ାର ଜଣେ ଚାଷୀଙ୍କୁ ସୋମବାର ହାତୀ ଦଳି ମାରିଦେଇଛି। ମୃତକ ହେଲେ ଟେଙ୍ଗୁପଡ଼ାର ଗଣେଶ୍ୱର ଭୋଇ। ବିଭିନ୍ନ ସମୟରେ ଗ୍ରାମ ସମୀପ ବିଲରେ ହାତୀପଲ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ରବିବାର ଗଣେଶ୍ୱର ନିକଟସ୍ଥ ଚଟିମାଲ ଗ୍ରାମ ନିକଟରେ ଥିବା ତାଙ୍କ ବିଲରେ ପାକଳ ଧାନ ଫସଲକୁ ହାତୀ ଦାଉରୁ ରକ୍ଷା କରିବା ପାଇଁ ଯାଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଦଳି ଦେଇଥିଲା। ସୋମବାର ସକାଳେ ସ୍ଥାନୀୟ ଲୋକେ ବିଲରେ ଗଣେଶ୍ୱରଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କ ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଯୁଯୋମୁରା ରେଞ୍ଜ ଅଧିକାରୀ ହରି ଶଙ୍କର ନାଏକ, ଫରେଷ୍ଟର ରଞ୍ଜନ ଖମାରୀ ଘଟଣାସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଯୁଯୁମୁରା ରେଞ୍ଜ ଅଧିକାରୀ ନାଏକ କହିଛନ୍ତି, ସରକାରୀ ଯୋଜନା ଅନୁସାରେ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ।

# ସରକାରୀ ଚାକିରିରେ ନିଯୁକ୍ତି ବୟସସୀମା ବୃଦ୍ଧି ଦାବି

## ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଚିଠି ଲେଖିଲେ ଚାକିରି ଆଶାୟୀ

ଭୁବନେଶ୍ୱର,୧୮।୧୧
(ଅନୁରାଧା ମହାରଣା)

ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୨୦୨୪, ୨୦୨୫ ଓ ୨୦୨୬ ଲାଗି ୪୩ ବର୍ଷକୁ ବୃଦ୍ଧି କରିବାକୁ ଦାବି ହୋଇଛି। ଏନେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ବିଧାନସଭାରେ ବିଧାୟକମାନେ ବହୁବାର ବୟସ ବୃଦ୍ଧି ପାଇଁ ଦାବି କରି ଆସୁଥିଲେ ମଧ୍ୟ ପୂର୍ବ ସରକାର ଏହାକୁ ସ୍ଥାୟୀଭାବେ ବୃଦ୍ଧି ନ କରି ମାତ୍ର ୩ବର୍ଷ ଯଥା-୨୦୨୨, ୨୦୨୩, ୨୦୨୪ ବର୍ଷ ପର୍ଯ୍ୟନ୍ତ ୩୮ବର୍ଷକୁ ବୃଦ୍ଧି କରିଥିଲେ। ଦୀର୍ଘ ୧୫ବର୍ଷ ହେବ ନିୟମିତ ଭାବରେ ସରକାରୀ ପଦବୀ ପୂରଣ ନ କରିବା ଫଳରେ ମେଧାବୀ ଛାତ୍ରୀଛାତ୍ରଙ୍କ ବୟସ ଅତିବାହିତ ହୋଇଯାଇଥିବା ଆଶାୟୀମାନେ ଉଲ୍ଲେଖ କରିଛନ୍ତି। ଅନେକ ଛାତ୍ରୀଛାତ୍ର କରୋନା ମହାମାରୀରେ ଆକ୍ରାନ୍ତ ହୋଇ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଯୁବବର୍ଗ ଉକ୍ତ ବେକାରି ଯୋଗୁଁ ପରିବାର ପ୍ରତିପୋଷଣ କରିପାରୁନାହାନ୍ତି। ଏପରିକି କେତେକ ପରୀକ୍ଷାଫଳ ବାହାରି ପୋଷ୍ଟିଂ ହେଉ ହେଉ ୨ବର୍ଷରୁ ଅଧିକ ସମୟ ଲାଗିଯାଉଛି ଓ ପିଲାଙ୍କ ବୟସ ସୀମା ଅତିକ୍ରାନ୍ତ ହୋଇଯାଉଛି। ସେହିପରି ଓଡ଼ିଶାର ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୨ ରଖାଯାଇଛି। ଓଡ଼ିଶାରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ ବର୍ଷରୁ ୪୫ବର୍ଷ ବୃଦ୍ଧି କରାଯାଇଛି। ଗୋଆରେ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୫ବର୍ଷ ହୋଇଥିବାବେଳେ ତେଲଙ୍ଗାନାରେ ୪୪ବର୍ଷ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଲଦାଖ ଓ ଆସାମରେ ୪୨ବର୍ଷ, ସିକିମ୍, ରାଜସ୍ଥାନ, ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ତ୍ରିପୁରା ଓ ମହାରାଷ୍ଟ୍ରରେ ୪୦ବର୍ଷ ବୟସ ସୀମା ରହିଛି। ସେହି ଅନୁସାରେ ଓଡ଼ିଶାରେ ମଧ୍ୟ ବର୍ଦ୍ଧିତ ବୟସସୀମା ଲାଗୁ କରିବାକୁ ଅନୁରୋଧ କରାଯାଇଛି। ବିଭିନ୍ନ ଖାଲି ପଦବୀରେ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ତେଣୁ ଚାକିରି ଆଶାୟୀଙ୍କ ଆବେଦନ ବୟସ ସୀମା ୪୩ ବର୍ଷକୁ (୩ବର୍ଷ ପାଇଁ) ବୃଦ୍ଧି କରିବାକୁ ପ୍ରାର୍ଥୀମାନେ ଦାବି କରୁଛନ୍ତି।

# ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ଟଙ୍କା

## ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୧୮।୧୧
(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ପାଇଁ ଅଧିକ ୧ ଟଙ୍କା ଦେବାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଏନେଇ ବିଭାଗ ପକ୍ଷରୁ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ପ୍ରାୟ ୪୩ ଲକ୍ଷରୁ ଅଧିକ ପିଲାଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପିଛା ସରକାର ମଧ୍ୟାହ୍ନ ଭୋଜନ ପାଇଁ ୫ ଟଙ୍କା ୯୦ ପଇସା ଦେଉଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ ଟଙ୍କା ୮୨ ପଇସା ଦେଉଛନ୍ତି। ଏବେ ପିଲା ପିଛା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବାବଦକୁ ୧ ଟଙ୍କା ବୃଦ୍ଧି କରିଥିବାବେଳେ ଏହା ନଭେମ୍ବର ୧୪ରୁ ପିଛିଲା ଭାବେ ଲାଗୁ ହେବ। ଫଳରେ ଏଣିକି ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ୬ ଟଙ୍କା ୯୨ ପଇସା ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପାଇଁ ୯ ଟଙ୍କା ୮୨ ପଇସା ଯୋଗାଇଦେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ତେବେ ବର୍ତ୍ତମାନର ବଜାର ଦରକୁ ବିଚାରକୁ ନେଲେ ୧ ଟଙ୍କା ବୃଦ୍ଧି କୌଣସି ଆଶ୍ୱସ୍ତି ଦେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏପରିକି ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଏତିକି ଅର୍ଥ ଯଥେଷ୍ଟ ନୁହେଁ ବୋଲି ବହୁ ପୂର୍ବରୁ ଦାବି ହୋଇଆସୁଛି। ମଧ୍ୟାହ୍ନ ଭୋଜନ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ଅନ୍ୟୁନ ୧୫ ଟଙ୍କା ଓ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ୨୦ ଟଙ୍କା ବ୍ୟୟ ବରାଦ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।







"ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ

# ଭାରତରେ ଷ୍ଟାରଲିଙ୍କ୍

ଆମେରିକାର ଏରୋସ୍ପେସ୍ କମ୍ପାନୀ ସ୍ପେସ୍‌ଏକ୍ସ ଅଧୀନରେ ଥିବା ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଉଲ୍ଲେଖନୀୟ ଯେ, ସ୍ପେସ୍‌ଏକ୍ସର ମାଲିକ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିବିଶେଷ ଏଲନ୍ ମସ୍କ। ସେ ୨୦୨୦ରେ ପ୍ରଥମେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବା ଯୋଗାଇ ଦେଇଥିଲେ। ଏବେ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ଏହା ସେବା ଯୋଗାଉଛି। ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଛନ୍ତି। ଏହି ଜିତାପଟ ପଛରେ ଏଲନ୍ ମସ୍କଙ୍କ ଖୋଲାଖୋଲି ଆର୍ଥିକ ସାହାଯ୍ୟ ରହିଥିଲା। ତତ୍ସହିତ ମସ୍କଙ୍କ ଦ୍ୱାରା ପରିଚାଳିତ ଏକ୍ସ (ପୂର୍ବନାମ ଟୁଇଟର)କମ୍ପାନୀ ଟ୍ରମ୍ପଙ୍କୁ ଜନସାଧାରଣଙ୍କ ନିକଟରେ ରଖିବାରେ ସକ୍ରିୟ ସାହାଯ୍ୟ କରିଥିଲା। ଜିତିବା ପରେ ଟ୍ରମ୍ପ ଏବେ ଏଲନ୍ ମସ୍କଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱ ଦେଇଛନ୍ତି।

କୁହାଯାଉଛି, ଷ୍ଟାରଲିଙ୍କ୍ ଭାରତରେ ସମସ୍ତଙ୍କୁ ଦ୍ରୁତଗତିର ଇଣ୍ଟରନେଟ ସେବା ଯୋଗାଇବେ, ବିଶେଷକରି ଗ୍ରାମାଞ୍ଚଳରେ ଡିଜିଟାଲ କ୍ଷେତ୍ରରେ ଉପୁଜୁଥିବା ବାଧା ଦୂର ହେବ ଏବଂ ଲୋକେ ସହଜରେ ଇଣ୍ଟରନେଟ ସୁବିଧା ପାଇପାରିବେ। ଗତମାସରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମନ୍ତବ୍ୟ ଷ୍ଟାରଲିଙ୍କ୍‌ର ପ୍ରବେଶ ସମ୍ଭାବନାକୁ ଉଜାଗର କରିଛି। ଜ୍ୟୋତିରାଦିତ୍ୟ କହିଥିଲେ, ସରକାର ସାଟେଲାଇଟ୍ ସ୍ପେକ୍ଟ୍ରମ ଆବଣ୍ଟନ କ୍ଷେତ୍ରରେ ପାରମ୍ପରିକ ନିଲାମ ପରିବର୍ତ୍ତେ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ବଡ଼ କଥା ହେଉଛି, ସିନ୍ଧିଆଙ୍କ ମନ୍ତବ୍ୟକୁ ପ୍ରଶଂସା କରି ଷ୍ଟାରଲିଙ୍କ୍ ମାଲିକ ଏଲନ୍ ମସ୍କ ଏକ୍ସରେ ତାଙ୍କ ପ୍ରତିକ୍ରିୟା ରଖିଥିଲେ। ଭାରତରେ ଷ୍ଟାରଲିଙ୍କ୍ ଉତ୍ତମ ସେବା ଯୋଗାଇବେ ଏବଂ ସରକାରଙ୍କ ଆଭିମୁଖ୍ୟକୁ ନେଇ ସେ ଉତ୍ସୁକ ବୋଲି କହିଥିଲେ। ବାସ୍ତବରେ ମସ୍କଙ୍କ ଏହି ପୋଷ୍ଟ ପରେ ଭାରତରେ ଷ୍ଟାରଲିଙ୍କ୍‌ର ପ୍ରବେଶର ସଙ୍କେତ ମିଳିଛି। ତେବେ ଷ୍ଟାରଲିଙ୍କ୍ କେଉଁ ପ୍ରକାର ସେବା ଯୋଗାଇବ ତାହା ବୁଝିବା ଦରକାର। ପ୍ରକୃତରେ ଷ୍ଟାରଲିଙ୍କ୍ ନାମକରଣ ଦି ଫଲ୍ଟ ଅଫ ଆୱାର ଷ୍ଟାରସ୍ ଉପନ୍ୟାସରୁ ଉଦ୍ଧୃତ କରାଯାଇଛି। ଏହି ଦ୍ରୁତ ଇଣ୍ଟରନେଟ ସେବା କେବଳ ଆଧାରିତ ନୁହେଁ। ଏହା ଅତି ଦୁର୍ଗମ ଅଞ୍ଚଳ ସମେତ ସବୁ ଅଞ୍ଚଳକୁ ପୃଥିବୀପୃଷ୍ଠରୁ ୨୦୦୦ କିଲୋମିଟର ତଳେ ଥିବା ମହାକାଶ ପଥ(ଲୋଅର୍ବିଟ)ରୁ ତା' ନିଜସ୍ୱ ସାଟେଲାଇଟ୍‌ରୁ ସେବା ଯୋଗାଇ ଦିଏ। ୬,୪୨୬ଟି ସାଟେଲାଇଟ୍ ଯୋଗେ ରେଡିଓ ସିଗ୍ନାଲ ମାଧ୍ୟମରେ ସିଧାସଳଖ ବ୍ୟବହାରକାରୀଙ୍କୁ ଇଣ୍ଟରନେଟ ସୁବିଧା ଯୋଗାଇ ଦିଆଯାଉଛି। ଏବେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ରିଲାଏନ୍ସ ଜିଓ ମାଲିକ ମୁକେଶ ଅମ୍ବାନୀ ବିରୋଧ କରିଛନ୍ତି। ଏହାର ସମ୍ଭାବ୍ୟ ପ୍ରବେଶ ଉପରେ ସମୀକ୍ଷା କରିବାକୁ ଟେଲିକମ୍ ରେଗୁଲେଟରକୁ ସେ ଜଣାଇ ସ୍ପେକ୍ଟ୍ରମ ନିଲାମ ପାଇଁ ଦାବି କରିଛନ୍ତି। ଏହା ବ୍ୟତୀତ ରିଲାଏନ୍ସ ଜିଓ ତାହାର ବ୍ୟବହାର କାରୀଙ୍କୁ ଯେତିକି ଡେଟା ଯୋଗାଉଛି ଷ୍ଟାରଲାଇକ୍ ତାହାଠାରୁ ବହୁତ କମ୍ ଯୋଗାଇବେ ବୋଲି ରିଲାଏନ୍ସ ଦାବି କରିଛି। ସମାନ୍ତରାଳ ଭାବେ ଏହାର ସମ୍ଭାବ୍ୟ ପ୍ରବେଶକୁ ନେଇ ଭାରତର ବିଜ୍ଞାନ୍ତିତ କୁଟନୀତି ଫାଉଣ୍ଡେସନ ବିରୋଧ କରିଛି। ଏହା ରିପୋର୍ଟରେ ଦର୍ଶାଇଛି ଯେ, ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ସେବାକୁ ଭାରତରେ ଅନୁମତି ମିଳିଲେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ଆମେରିକାର ଗୋଇନ୍ଦା ଓ ମିଲିଟାରୀ ସଂସ୍ଥାଗୁଡ଼ିକ ସହିତ ଷ୍ଟାରଲିଙ୍କ୍‌ର ଘନିଷ୍ଠ ସମ୍ପର୍କ ରହିଥିବାରୁ ଭାରତର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ନଜର ରଖିବା ସହଜ ହୋଇଯିବ। ଅନ୍ୟପଟେ ଆଜିର ପୃଥିବୀରେ ସବୁ ଦେଶର ସବୁ ପ୍ରକାର ଭିତ୍ତିଭୂମି ଉପରେ ସାଟେଲାଇଟ୍ ମାଧ୍ୟମରେ ଦୃଷ୍ଟି ରଖି ହେଉଛି। ଷ୍ଟାରଲିଙ୍କ୍ ସେବା ଭାରତରେ ପ୍ରବେଶ କଲେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ ବୋଲି ଯାହା କୁହାଯାଉଛି ତାହା ତୁଚ୍ଛପୂର୍ଣ୍ଣ। ଏଭଳି ଦାବି ପଛରେ ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି ବୋଲି କହିହେବ।

ଅନ୍ୟ ଏକ ଦିଗରୁ ବିଚାର କଲେ ଷ୍ଟାରଲିଙ୍କ୍ ପ୍ରବେଶ ପାଇଁ ବାଟ ସଫା କରିବାର ପ୍ରୟାସ ଡିଜିଟାଲ ଇଣ୍ଡିଆ ଯୋଜନାର ଦୁର୍ବଳତାକୁ ପଦାରେ ପକାଉଛି। ଭାରତରେ ୧ ଜୁଲାଇ ୨୦୧୫ରୁ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ଅକ୍ଟୋବର ୨୦୨୪ ସୁଦ୍ଧା ଭାରତର ଅଫଲାଇନ ଜନସଂଖ୍ୟା ବିଶ୍ୱର ସବୁଠୁ ଅଧିକ ୬୮ କୋଟି ଲୋକ ଇଣ୍ଟରନେଟ୍‌ରୁ ବଞ୍ଚିତ ବୋଲି ଜର୍ମାନୀର ଅନ୍‌ଲାଇନ ପ୍ଲାଟଫର୍ମ ଷ୍ଟାଟିଷ୍ଟାର ଏକ ରିପୋର୍ଟରୁ ଜଣାପଡ଼ିଛି। ଏହା ବ୍ୟତୀତ ଡିଜିଟାଇଜେଶନ କ୍ଷେତ୍ରରେ ଭାରତରେ ନାଗରିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦିଆଯାଇପାରୁନାହିଁ। ଆଧାରଠାରୁ ଆରମ୍ଭ କରି ପାନ୍‌କାର୍ଡକୁ ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ସହ ଯୋଡ଼ିବା ଫଳରେ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ସାଇବର ଅପରାଧୀଙ୍କ ହାତରେ ପଡ଼ିଲାଣି। ସେମାନେ ବ୍ୟାଙ୍କ ଖାତାରୁ ଜମାକାରୀଙ୍କ ଟଙ୍କା ଲୁଟିନେବା ସହ ବ୍ୟବସାୟିକ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି। ଏପରି କି ଡାର୍କ ୱେବ ହାତରେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଘୂରିବୁଲୁଛି। ଏହି ଅପରାଧକୁ ସରକାର ନିୟନ୍ତ୍ରଣ କରିପାରୁନାହାନ୍ତି କି ଅପରାଧର ଗମ୍ଭୀରତା ଅନୁଯାୟୀ ସାଇବର ପୋଲିସର ପ୍ରଯୁକ୍ତିଗତ ଦକ୍ଷତା ନାହିଁ। ଭାରତର ଡିଜିଟାଲ ସ୍ଥିତି ଅତ୍ୟନ୍ତ ଦୁର୍ବଳ ବୋଲି ସମସ୍ତେ ବୁଝୁଛନ୍ତି। ତଥାପି ଏହି ଦେଶର ଜନସାଧାରଣ ଅନ୍ତରଙ୍ଗ ତଥ୍ୟର ମୂଲ୍ୟ ବୁଝିପାରୁନାହାନ୍ତି ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଳ୍ପ ପରିମାଣରେ କିଛି ଲଗାତର ଭାବେ ଅର୍ଥ ଚୋରି ହେଉଥିଲେ ମଧ୍ୟ ଭାରତୀୟମାନେ ବୁଝିବାରେ ଅକ୍ଷମ। ତେଣୁ ସବୁ ଦୋଷ ଦୁର୍ବଳତା ସତ୍ତ୍ୱେ ସରକାର ବାହାସ୍ଫୋଟ ମାରି ଆଗେଇ ଯାଇପାରୁଛନ୍ତି। କାରଣ ସାଧାରଣ ଲୋକ ସମ୍ପୂର୍ଣ୍ଣ ଭାବେ ଅନଭିଜ୍ଞ ଓ ଅନ୍ଧାରରେ ରହୁଛନ୍ତି। ଷ୍ଟାରଲିଙ୍କ୍‌ର ପ୍ରବେଶ ଭାରତକୁ ବିପଦରେ ପକାଇବା ପରିବର୍ତ୍ତେ କେତେକ ବଡ଼ ବ୍ୟବସାୟୀଙ୍କ ଏକଚାଟିଆ ନୀତିରେ ଅସୁବିଧା ସୃଷ୍ଟି କରିବ।



# ନାରୀ ସଶକ୍ତୀକରଣ ଓ ଗୋଷ୍ଠୀ ଗଠନ

ପ୍ରତାପ ଚନ୍ଦ୍ର ସାମଲ

ଆନ୍ତର୍ଜାତିକ ଖାତିସମ୍ପନ୍ନ ବ୍ୟାଖ୍ୟାକାର 'ଜାକେବ୍ ଜର୍ଜ ହିଲିଓକ'ଙ୍କ ଭାଷାରେ ସମବାୟ ହେଉଛି ଏକ ସ୍ୱେଚ୍ଛାକୃତ ସମ୍ମେଳନ, ଯହିଁରେ ସମସ୍ତଙ୍କ ସହଭାଗୀ, ଯୋଗଦାନ ଓ କର୍ତ୍ତୃତ୍ୱ ମଧ୍ୟରେ ଏକ ଐକ୍ୟବଦ୍ଧ ଉଦ୍ୟୋଗଟି ପରିପୂର୍ଣ୍ଣ ପଥରେ ଅଗ୍ରସର ହୋଇଥାଏ।' ଭାରତର ବହୁ ପ୍ରାଚୀନ କାଳରୁ ସମବାୟର ପ୍ରବହମାନ ଧାରା ସଂଘବଦ୍ଧ ଜୀବନଯାପନରେ ପ୍ରବାହ ସହିତ କେବଳ ସମନ୍ୱିତ ହୋଇନଥିଲା ସାମାଜିକ ଜୀବନ ବିନ୍ୟାସ ଓ ସମ୍ମିଳିତ ଉଦ୍ୟୋଗ ମଧ୍ୟରେ ଏହା ଅବିଚ୍ଛେଦ୍ୟ ଭାବେ ନିମଜ୍ଜିତ ରହିଆସିଥିଲା। ପ୍ରାଚୀନ ବୈଦିକ ଯୁଗର ଏକତ୍ର ଜୀବନଧାରଣର ମନ୍ତ୍ରତା ମଧ୍ୟରେ ସମବାୟର ପରିପ୍ରକାଶ ଘଟି ତାହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମଧୁବାବୁଙ୍କ ଇଂଲଣ୍ଡ ଭ୍ରମଣ ପଥରେ ୧୮୯୭ରେ କୃଷିଭିତ୍ତିକ ସମବାୟ ବ୍ୟାଙ୍କ ସ୍ଥାପନର ବାସ୍ତବ ପରିକଳ୍ପନା ଅବଶେଷରେ ୧୮୯୮ରେ ରୂପ ନେଇଥିଲା "କଟକ କୋ-ଅପରେଟିଭ୍ ଷ୍ଟୋର' ଭାବରେ ଏବଂ ମଧୁବାବୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ୧୯୦୩ରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସମବାୟ କୃଷି ସମିତିମାନ ସ୍ଥାପିତ ହୋଇଥିଲା। ଆଉ ଠିକ୍ ଏହାର ଅଳ୍ପ କେଇଟା ଦିନ ପରେ ସମଗ୍ର ଭାରତବର୍ଷକୁ ସମବାୟ ଆନ୍ଦୋଳନର ଉତ୍ତୋଳନ ପାଇଁ ୨୫.୦୩.୧୯୦୪ରେ ଋଣ ସମବାୟ ସମିତି ଆଇନର ପ୍ରଥମ ଭିତ୍ତିଭୂମି ସୃଷ୍ଟି ହୋଇଥିଲା।

ଆଇନଗତ ଭାବରେ ୧୨୦ ବର୍ଷ ଅତିକ୍ରମ କରିସାରିଛି ଏହି ସମବାୟ ଆନ୍ଦୋଳନ। ୧୨୦ବର୍ଷର ଇତିହାସ ଯେ କୌଣସି ଜାତି ପାଇଁ ଅନେକ କିଛି ସ୍ମରଣୀୟତାର ଚିହ୍ନକୁ ବହନ କରିଥାଏ। ବିଂଶ ଶତାବ୍ଦୀର ଅୟମାରମ୍ଭରେ ଯେଉଁ ଆନ୍ଦୋଳନ ଜମିଦାର ଓ ସାହୁକାରମାନଙ୍କ ଶୋଷଣରୁ ଭାରତର ଗରିବ ଅବହେଳିତମାନଙ୍କୁ ସହାୟ ଯୋଗାଇ ପାରିଥିଲା ସେଦିନର ସେହି ଜନ୍ମିତ ଶିଶୁଟି ଆଜି ଅନେକ କିଛି ସ୍ମୃତିର ବର୍ଣ୍ଣିଳ ଶୋଭାକୁ ନେଇ ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଏକ ନୀରବ ଆକର୍ଷଣ। ଊନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ପରେ ଆର୍ଥିକ ଅନଟନରେ ସାଉଁଟି ହେଉଥିବା ମଣିଷଟି ବଞ୍ଚିବା ପାଇଁ ଯେଉଁ ରାହା ଖୋଜୁଥିଲା ସେଥିରୁ ଜନ୍ମ ନେଇଥିଲା 'ରକଡେଲ'ର ସମବାୟ। ସମବାୟ ଆନ୍ଦୋଳନ ବହୁ ବିଫଳ ପ୍ରୟାସକୁ ପରାହତ କରି ତା'ର ବିକଶିତ ନିନାଦିତ ଧାରାରେ କେବେବି ପୂର୍ଣ୍ଣଚ୍ଛେଦ ଟାଣିନି।

ଆତ୍ମନିଯୁକ୍ତିର ମାଧ୍ୟମ ରୂପରେ ଏବଂ ବ୍ୟକ୍ତିର ଆର୍ଥିକ ସ୍ୱାଧୀନତାକୁ ଏକ ସଫଳ ପଥରେ ରୂପାୟନ କରିବାରେ ସମବାୟ ଆନ୍ଦୋଳନ ଅନେକ କ୍ଷେତ୍ରରେ ତା'ର ସଫଳତାର ଚିହ୍ନକୁ ବହନ କରିସାରିଛି। ପୃଥିବୀର ସର୍ବବୃହତ ଅର୍ଥନୈତିକ ଆନ୍ଦୋଳନ ଭାରତର ସମବାୟ ଆନ୍ଦୋଳନ। ଭାରତର ମୋଟ ସମବାୟ ସମିତି ସଂଖ୍ୟା ୨୪.୧୧.୨୦୦୩ ମସିହା



ସୁଦ୍ଧା ୭ ଲକ୍ଷ ୯୪ ହଜାର ୮୬୬, ଯାହାର ସଭ୍ୟ ସଂଖ୍ୟା ୨୯ କୋଟି ୭ ଲକ୍ଷ ୬୦ ହଜାର ୫୩୭ ଏବଂ ୪୦୦୫୪୨.୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନକୁ ନେଇ ଭାରତର ସମବାୟ ଆନ୍ଦୋଳନ ଆଜି ଦଣ୍ଡାୟମାନ। ସମଗ୍ର ଭାରତବର୍ଷରେ ସମବାୟ ଋଣ ଅନୁଷ୍ଠାନଗୁଡ଼ିକ ମୋଟ ଋଣର ପ୍ରାୟ ୫୬.୨୫% କୃଷିଋଣ ଓ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ରାସାୟନିକ ସାର ବିତରଣ କରୁଛନ୍ତି। ଚିନି ଉତ୍ପାଦନ କ୍ଷେତ୍ରରେ ସମବାୟର ଅବଦାନ ୫୪% ଓ ହସ୍ତତନ୍ତରେ ୭%। ସମବାୟ ଦେଶର ଶତ ପ୍ରତିଶତ ଗ୍ରାମ ଏବଂ ୭୫% ପରିବାର ସହିତ ପରିବ୍ୟାପ୍ତ। ଭାରତର ଅର୍ଥନୈତିକ ଜୀବନ କ୍ଷେତ୍ରରେ ସମବାୟର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ଗ୍ରାମାଞ୍ଚଳରେ ଗରିବ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିର ପରିବର୍ତ୍ତନ ପରିସ୍ଥିତିରେ ଗ୍ରାମାଞ୍ଚଳର ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ପ୍ରଗତି ଆଣିବା ଓ ତିଷ୍ଠି ରହିବା ପାଇଁ ସମବାୟ ବ୍ୟାଙ୍କର ସାହାଯ୍ୟ ଅବିସ୍ମରଣୀୟ।

କୃଷି ଭାରତୀୟ ଅର୍ଥନୀତିର ପ୍ରକୃଷ୍ଟ କ୍ଷେତ୍ର। କୃଷି ଏବଂ ଏହାର ସଂଲଗ୍ନ କ୍ଷେତ୍ର ଜାତୀୟ ମୋଟ ଆୟର ଏକକ ସର୍ବବୃହତ ଅବଦାନ। ଭାରତର ମୋଟ ଘରୋଇ ଆୟର ୧୮%ରୁ ଊର୍ଦ୍ଧ୍ୱ ହେଉଛି କୃଷିର ଅବଦାନ। ନିଯୁକ୍ତି କ୍ଷେତ୍ରରେ କୃଷି ହେଉଛି ସର୍ବବୃହତ୍ ଶିଳ୍ପ ଓ ଉତ୍ପାଦିତ ସାମଗ୍ରୀର ବୃହତ୍ ଘରୋଇ ବଜାର ହେଉଛି କୃଷିକ୍ଷେତ୍ର। ଏହି କୃଷିକ୍ଷେତ୍ର ଭାରତର ରପ୍ତାନିରେ ୧୫% ସ୍ଥାନ ଗ୍ରହଣ କରିପାରିଛି। ସମବାୟ ସମଗ୍ର ଭାରତବର୍ଷକୁ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ସହିତ ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବର ସଫଳତା ଆଣିଦେଇଥିଲା। ବାସ୍ତବିକ୍ ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ଏହି ସବୁଜ ବିପ୍ଳବକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମବାୟ ଆନ୍ଦୋଳନର ଅବଦାନ ହିଁ ଦେଶକୁ ସ୍ୱାବଲମ୍ବୀ କରିବାରେ ସୁନିଶ୍ଚିତ କରିପାରିଛି। ବର୍ତ୍ତମାନ ସମୟରେ ଦେଶର ଉତ୍ପାଦନ ହ୍ରାସ, ଜଳସ୍ତର ନିମ୍ନଗାମୀ ଓ ବର୍ଦ୍ଧିତ କୃଷି ଉତ୍ପାଦନ ଖର୍ଚ୍ଚ ଯୋଗୁ କୃଷକ ମୃତ୍ୟୁବରଣ ଭଳି ସମସ୍ୟା ଦେଖାଦେଇଛି। ଭବିଷ୍ୟତରେ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଦେଶକୁ ଆଉ ଏକ ସବୁଜ ବିପ୍ଳବ ପଥରେ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ଆନ୍ତଃରାଜ୍ୟ ସମବାୟ କୋଠଚାଷ, ବଜାରରୁ ଉତ୍ପାଦନ ସାମଗ୍ରୀର ଏକତ୍ରୀକରଣ ଓ ସଂରକ୍ଷଣ ବର୍ତ୍ତମାନ ସମୟରେ ଏକମାତ୍ର ଆବଶ୍ୟକତା। ଗ୍ରାମୀଣ ଋଣ ସମବାୟ ପଦ୍ଧତିର ସଶକ୍ତୀକରଣ କରିବା ସହିତ ସମବାୟକୁ ଅଣକୃଷି କ୍ଷେତ୍ରରେ ନିୟୋଜିତ କରାଇ ସବୁଜ ବିପ୍ଳବକୁ କୃତକାର୍ଯ୍ୟ କରିବାରେ ସହାୟକ ହେବା ପାଇଁ ସମବାୟକୁ ଦୃଢ଼ କରିବା ଦରକାର। ମହିଳା ଓ ଯୁବ ଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ସମବାୟ ଏକ ନିଚ୍ଛକ ରୂପରେଖକୁ ନିର୍ବାହ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏକ ଶୁଭ ସଂକେତକୁ ବହନ କରୁ। ସମବାୟ ପ୍ରତ୍ୟକ୍ଷ ଭାବରେ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ନିଜର କାର୍ଯ୍ୟଧାରାକୁ ସଫଳଭାବରେ ବଜାୟ ରଖି ପ୍ରାୟ ୨୫.୯ ମିଲିୟନ ବ୍ୟକ୍ତିବିଶେଷଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଛି।

ଏହି ପରିସ୍ଥିତିରେ ଓଡ଼ିଶା ସରକାର ସମବାୟ ଆନ୍ଦୋଳନକୁ ତୃଣମୂଳ ସ୍ତରରେ କ୍ରିୟାଶୀଳ କରିବା ପାଇଁ ଏହାର ଗଣତାନ୍ତ୍ରିକ ଅଧିକାରକୁ ସୁଯୋଗ ଦେବା ଦରକାର। କାରଣ ସମବାୟ ହେଉଛି ଏକ ସ୍ୱୟଂଶାସିତ ସଂଘ, ଯେଉଁଥିରେ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହୋଇ ସେମାନଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତା ଓ ଯୁଗ୍ମ ଚାହିଦାର ଅଧିକାର ତଥା ଗଣତନ୍ତ୍ର ଭିତ୍ତିରେ ନିୟନ୍ତ୍ରଣ କରିଥାନ୍ତି। ମାତ୍ର ସମବାୟର ନୀତି, ମୂଲ୍ୟବୋଧ ଏବଂ ସଂଜ୍ଞାକୁ ରାଜ୍ୟ ସରକାର ସମ୍ମାନ ଦେଇ ସମବାୟ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରା ନିର୍ବାହ କରିବା ପାଇଁ ସଭ୍ୟମାନଙ୍କ ହାତରେ ସ୍ୱାଧୀନ ଭାବେ ପରିଚାଳନା ଦାୟିତ୍ୱ ଦେଇ ସମବାୟର ପୁନରୁଦ୍ଧାର ପାଇଁ କାର୍ଯ୍ୟଭାର ନ୍ୟସ୍ତ କରିବା ଆଜି ସମୟର ଆହ୍ୱାନ। ଓଡ଼ିଶା ସରକାର ବୈଦ୍ୟନାଥନ୍ କମିଟିର ସୁପାରିସକୁ ଗ୍ରହଣ କରି ସମବାୟ ଅନୁଷ୍ଠାନଗୁଡ଼ିକର ଗଣତାନ୍ତ୍ରିକ ଧାରାର କଣ୍ଠରୋଧ କରାଇ ଓଡ଼ିଶାର ସମବାୟ ଆନ୍ଦୋଳନକୁ କାହିଁକି ବର୍ଷ ବର୍ଷ ଧରି ବିକାଶର ଧାରାକୁ ପଛକୁ ଠେଲି ଦେଇଛନ୍ତି ତାହାର ଉତ୍ତର କେବଳ ସେହିମାନଙ୍କ ହାତରେ, ଯେଉଁମାନେ ଅନ୍ଧପୁତୁଳି ବାନ୍ଧି ଶାସନ ଡୋରିକୁ ନିଜ ହାତରେ ଟାଣି ରଖିଛନ୍ତି। ଜାତିର ସ୍ୱାର୍ଥ, ରାଜ୍ୟର ବିକାଶ, ଆତ୍ମନିଯୁକ୍ତି କ୍ଷେତ୍ରର ବଳିଷ୍ଠ ମାଧ୍ୟମ ଏବଂ ବେକାରି ଦୂରୀକରଣର ଯାଦୁକରୀ ମନ୍ତ୍ର ସମବାୟକୁ ଆଉ ଉପେକ୍ଷିତ ନକରି ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏହାର ସଫଳ ପ୍ରୟାସକୁ ପ୍ରତିପାଦିତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ। ଏବେବି ଓଡ଼ିଶା ସମବାୟ ଆଇନ ୧୯୬୨ ଅନୁସାରେ ସମବାୟ ଅନୁଷ୍ଠାନଗୁଡ଼ିକ ଚାଷୀ, କୃଷକ ଓ ଖଟିଖିଆ ମଣିଷମାନଙ୍କର ଏକମାତ୍ର ଆଶା ଓ ଭରସାର ଅନୁଷ୍ଠାନ। ତେଣୁକରି ସମବାୟରେ ଦାରିଦ୍ର୍ୟ ଦୂରୀକରଣ ଓ ଆତ୍ମନିଯୁକ୍ତି ସଫଳ ପଥରେ ଆଗେଇ ପାରିଲେ ସମବାୟର ବଳିଷ୍ଠ ଅବଦାନ ଭାରତବର୍ଷର ଶାସନକୁ ତଥା ରାଜ୍ୟ ଶାସନକୁ ସୁଦୃଢ଼ କରିପାରିବ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**



# ଆଳୁ ଖୋଳୁ ଖୋଳୁ ମହାଦେବ

ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଜଣେ ଚାଷୀ ନିଜ ବିଲରେ ଆଳୁ ଖୋଳୁ ଖୋଳୁ ତାଙ୍କ କୋଦାଳରେ ପଥର ଭଳି କ'ଣ ବାଜିଲା। ଯେଉଁ ବିଲକୁ ସିଏ ପୁରୁଷାନୁକ୍ରମେ ଚାଷ କରି ଆସୁଛନ୍ତି, ସେଠି ପଥର ରହିବା କଥା ସିଏ ବିଶ୍ୱାସ କରି ନ ପାରି ପୁଣିଥରେ ସେହି ଜାଗାକୁ ଖୋଳିଲେ। ପରେ ପରେ ଦେଖାଗଲା, ତାହା ଏକ ଛୋଟ ପଥର ନୁହେଁ ବରଂ ଏକ ବଡ଼ ଏବଂ ଗଭୀରକୁ ଯାଇଥିବା ପଥର। ଏକଥା ପାଖ ବିଲରେ କାମ କରୁଥିବା ଚାଷୀମାନେ ଦେଖି ସେଠାରେ ରୁଣ୍ଡ ହେଲେ। କଥା କାନକୁ କାନ ବ୍ୟାପୀ ସମଗ୍ର ଅଞ୍ଚଳରେ ବ୍ୟାପିଗଲା ଯେ ଅମୁକ ଚାଷୀର ଆଳୁ କିଆରିରୁ ଶିବଲିଙ୍ଗ ଆବିର୍ଭାବ ହୋଇଛନ୍ତି। ତାଙ୍କର ଦର୍ଶନ ପାଇଁ କିଏ କ୍ଷୀର ନେଇ ଆସିଲେ ତ ଆଉ କିଏ ପାଣି, ଘିଅ, ମହୁ, ଗଞ୍ଜେଇ, ଧୂପ, ଦୀପ ଆଦି ପୂଜା ସାମଗ୍ରୀ ଧରି ପହଞ୍ଚିଲେ। ଯେହେତୁ ଶିବଲିଙ୍ଗଙ୍କୁ ସ୍ଥାନାନ୍ତର କରାଯାଏ ନାହିଁ, ତେଣୁ ଲୋକମାନଙ୍କ ନିଷ୍ପତ୍ତି ଫଳରେ ଉକ୍ତ ଜାଗାରେ ଏକ ଭବ୍ୟ ମନ୍ଦିର ସ୍ଥାପନ ହେତୁ ଜମିର ମାଲିକ ଭକ୍ତ ଶ୍ରେଷ୍ଠ ବୋଲି ପରିଗଣିତ ହେବା ସହିତ ଆଖପାଖ ୭-୮ ଖଣ୍ଡ କିଆରିର ମାଲିକମାନେ ଚାଷକାମ ଛାଡ଼ି ମନ୍ଦିରରେ ଫୁଲ, ବେଲପତ୍ର, ଧୂପ, ଦୀପ, ଫଳ, ମୂଳ ଆଦି ଦୋକାନ ଖୋଲି ନିଜ ନିଜର ଗୁଜରାଣ ମେଣ୍ଟାଇଲେ। ଧୀରେ ଧୀରେ ଗାଁଟି ପ୍ରସିଦ୍ଧି ଲାଭ କଲା। ଏଠାରେ ଆଳୁ ଖୋଳିବା ସାଙ୍ଗରେ ଶିବଲିଙ୍ଗର ଆବିର୍ଭାବ ହେବା ମଧ୍ୟରେ କାର୍ଯ୍ୟ-କାରଣର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଗୋଟିଏ ଛୋଟ କାମ କରୁ କରୁ ଏକ ବିରାଟ ପରିବର୍ତ୍ତନ ଯେତିକି ପ୍ରତ୍ୟାଶିତ ସେତିକି ଆଶ୍ଚର୍ଯ୍ୟ କଥା ଥିଲା।

ଆମ ଜୀବନରେ ଛୋଟିଆ ଛୋଟିଆ ଉଦ୍ୟମ କରୁ କରୁ ବଡ଼ ସଫଳତା ଲାଭ କରିବା ହେଉ କିମ୍ବା ଛୋଟିଆ ଘଟଣାର ତଦନ୍ତ କରୁ କରୁ ଲୁକ୍କାୟିତ ଘଟଣା ପଦାକୁ ଆସିଲେ ଆମେ ତାକୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା କଥା କହି ଥାଉ। ଯାହା କେବଳ ଖୋଳୁଥିବା ବା ତଦନ୍ତ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଆବଶ୍ୟକତା ଥାଏ କିମ୍ବା ସେମାନଙ୍କର ବିକାଶର ସହାୟତା କରିଥାଏ ସେ କଥା ନୁହେଁ, ବରଂ ବୃହତ୍ ଅର୍ଥରେ ପ୍ରକୃତ ଘଟଣା ପଦାକୁ ଆସିବା ସହିତ ସତ୍ୟର ଉନ୍ମୋଚନ ହୁଏ ଏବଂ ବିକାଶଧାରା ବହୁ ଗୁଣିତ ହୋଇଥାଏ।

ଗ୍ରୀସ୍‌ର ରାଜା ଥରେ ଜଣେ ବଣିଆକୁ ଡକାଇ ନିଜ ପାଇଁ ଏକ ସୁନ୍ଦର ମୁକୁଟ ତିଆରି କରିବା ପାଇଁ ବରାଦ ଦେଲେ। ବଣିଆ ଜଣକ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ମୁକୁଟ ତିଆରି କରି ଆଣି ରାଜାଙ୍କୁ ଦେଲେ। କିନ୍ତୁ ରାଜାଙ୍କର ସନ୍ଦେହ ହେଲା ସିଏ କହିଥିବା ସୁନା ଅନୁପାତରେ ମୁକୁଟରେ ସୁନା ନାହିଁ ଏବଂ ସେଥିରେ ଅଧିକ ଖାଦ ରହିଛି। ଏହି ରହସ୍ୟକୁ ଉନ୍ମୋଚନ କରିବା ପାଇଁ ସିଏ ଆର୍କମେଡିସ୍‌ଙ୍କୁ ଦାୟିତ୍ୱ ଦେଇଥିଲେ। ମୁକୁଟଟି ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ରାଜା ତାକୁ ତରଳାଇବାକୁ ମଧ୍ୟ ରାଜି ନଥିଲେ। ଶେଷରେ ଆର୍କମେଡିସ୍ ଗାଧୋଉଥିବା ବେଳେ ଉକ୍ତ ସମସ୍ୟାର ସମାଧାନ ସ୍ୱରୂପ 'ସାନ୍ଦ୍ରତାତ୍ତ୍ୱ' ଉଦ୍ଭାବନ କରିଥିଲେ ଏବଂ ସିଏ ରାଜାଙ୍କୁ ବୁଝାଇଦେଲେ ଏକ କିଲୋ ସୁନାର ଆୟତନ ଏକ କିଲୋ ରୁପାର ଆୟତନଠାରୁ କମ୍। ସିଏ ରାଜାଙ୍କୁ କହି ମୁକୁଟ ଓଜନ ସହିତ ସମାନ ଓଜନର ସୁନା ଓ ରୁପା ଆଣିବା ପାଇଁ କହିଲେ। ପ୍ରଥମେ ଗୋଟିଏ ପାଣି ପାତ୍ରରେ ସୁନା ମୁକୁଟ ଓଜନର ବୁଡ଼ାଇ ନିଗିଡ଼ିଥିବା ପାଣି ମାପ କଲେ ଏବଂ ପରେ ପରେ ରୁପା ବୁଡ଼ାଇ ନିଗିଡ଼ି ଥିବା ପାଣି ମାପ କଲେ। ଶେଷରେ ପାତ୍ରକୁ ପୁଣି ଜଳପୂର୍ଣ୍ଣ କରି ସେଥିରେ ମୁକୁଟଟିକୁ ବୁଡ଼ାଇ ଦିଆଗଲା, କିନ୍ତୁ ସେଥିରୁ ଅଧିକ ଜଳ ନିଗିଡ଼ିଗଲା। ଯଦି ମୁକୁଟଟି ସୁନାରେ କିମ୍ବା ରୁପାରେ ତିଆରି ହୋଇ ଥାଆନ୍ତା, ତା'ହେଲେ ସିଏ ସୁନା କିମ୍ବା ରୁପା ଓଜନର ଜଳ ଅପସାରିତ କରିଥାଆନ୍ତା। ଯେହେତୁ ମୁକୁଟଟି ସୁନାଠାରୁ କମ୍ ଏବଂ ରୁପାଠାରୁ ଅଧିକ ଜଳ ଅପସାରିତ କଲା, ତେଣୁ ମୁକୁଟଟି ସୁନା ଏବଂ ରୁପା ମିଶ୍ରିତ ହୋଇ ତିଆରି ହୋଇଛି ବୋଲି ପ୍ରମାଣ ସିଦ୍ଧ ହେଲା।



ବେଳେବେଳେ ଏହି ଆଳୁ ଖୋଳିବା ବା ଅନୁସନ୍ଧାନରୁ ମଧ୍ୟ ସର୍ବନାଶ ହେବାର ଉଦାହରଣ ଅଛି। ମହାଭାରତର ଆଖ୍ୟାୟିକା ଅନୁଯାୟୀ ରାଜସଭାରେ ଭୀମ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ଗୋଲକ ପୁତ୍ର ବୋଲି ସମ୍ବୋଧନ କଲେ, ଦୁର୍ଯ୍ୟୋଧନ ତାହାର ଅର୍ଥ କ'ଣ ବୁଝି ନ ପାରି ସମସ୍ତଙ୍କୁ ପଚାରି ଚାଲିଲେ; କିନ୍ତୁ କେହି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଶେଷରେ ତାଙ୍କ ମା'ଙ୍କଠାରୁ ଉତ୍ତର ଜାଣିବା ପରେ ସିଏ ତାଙ୍କ ମାମୁଘର ବଂଶକୁ ଦୋଷୀ ସାବ୍ୟସ୍ତ କରି ବନ୍ଦୀ କରି ରଖିଥିଲେ ଏବଂ ସେମାନଙ୍କୁ ଖାଦ୍ୟ ନ ଦେଇ ମାରି ଦେଇଥିବା ଫଳରେ ପ୍ରତିଶୋଧ ସ୍ୱରୂପ ମାମୁଘରର ଶେଷ ସନ୍ତକ ଶକୁନି କୁରୁବଂଶ ଧ୍ୱଂସ କରିବାରେ ସଫଳ ହୋଇଥିଲେ।

ତେଣୁ ଆମ ସମାଜରେ କିମ୍ବା ଆମ ନିଜ ଜୀବନରେ, ଛୋଟ ଛୋଟ ଅନୁସନ୍ଧିତ୍ସା ଯୋଗୁ ବୃହତ୍ତର ଲକ୍ଷ୍ୟ ପୂରଣ ହେବା କଥା ହେଉ କିମ୍ବା ଅପ୍ରତ୍ୟାଶିତ ଫଳାଫଳ ପ୍ରାପ୍ତ ହେଉ, ସବୁଠି ଫଳାଫଳକୁ ସହୃଦୟତାର ସହିତ ଗ୍ରହଣ କରି ଏହାର ତର୍ଜମା କରିବା ଦରକାର। ବେଳେବେଳେ ବାହ୍ୟ ଜଗତ ପରିବର୍ତ୍ତନ ସମ୍ପର୍କିତ ଚିନ୍ତା କରିବା ସହିତ ଆତ୍ମସମୀକ୍ଷାର ମଧ୍ୟ ଆବଶ୍ୟକତା ରହିଛି। କାରଣ ଏହି ମହାଦେବ ପ୍ରାପ୍ତି କାହା ପାଇଁ ପୁଷ ମାସ ତ ଆଉ କାହା ପାଇଁ ସର୍ବନାଶ ହୋଇଯିବାର ଆଶଙ୍କା ରହିଛି।

**ଭଦ୍ରକ, ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ପଞ୍ଜାବର ସୁଖପାଲ ସିଂ ସିଦ୍ଧୁ ଜଣେ ପ୍ରଥମିକ ବିଦ୍ୟାଳୟର ଶିକ୍ଷକ। ସେ ଶିକ୍ଷାର ମହତ୍ତ୍ୱ ବୁଝି ତାହାକୁ ସାମାଜିକ ସ୍ତରରେ ପ୍ରତିଫଳିତ କରିଛନ୍ତି । ଶିକ୍ଷା ବିନା ସଶକ୍ତ ନାଗରିକ ହେବା ଅସମ୍ଭବ; ତାହା ମଧ୍ୟ ସେ ହୃଦୟଙ୍ଗମ କରିଛନ୍ତି । ପଞ୍ଜାବ ଭଟିଣ୍ଡା ନିକଟବର୍ତ୍ତୀ ନାନ୍‌ଥାନ ଅଞ୍ଚଳର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକି ସୁଖପାଲ ସ୍କୁଲ୍ ଦାୟିତ୍ୱ ସମ୍ଭାଳିବା ସହ ରାସ୍ତା କଡ଼ରେ ରହୁଥିବା ପିଲାମାନଙ୍କ ପାଇଁ ଫୁଟ୍‌ପାଥ୍ ସ୍କୁଲ ଖୋଲିଛନ୍ତି। ରାସ୍ତାକଡ଼ରେ ରହି ଭିକ୍ଷା ମାଗୁଥିବା ଓ କେବେ ବି ସ୍କୁଲ ଦେଖି ନ ଥିବା ପିଲାମାନଙ୍କୁ ସୁଖପାଲ ଭଟିଣ୍ଡାର ଏକ ଛକରେ ପଢାଉଛନ୍ତି। ଜୁଲାଇ ୨୦୨୨ରେ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ସେ ପିଲାଙ୍କୁ ପଢାଇବା ଆରମ୍ଭ କରିଥିଲେ। ସ୍କୁଲରୁ ଫେରିବା ପରେ ପ୍ରତିଦିନ ଅପରାହ୍ନରେ ତାଙ୍କ ସ୍ତ୍ରୀ ସିନ୍ଦରପାଲ କୌର ସିଦ୍ଧୁଙ୍କ ସହ ସୁଖପାଲ ପିଲାମାନଙ୍କୁ ପଢ଼ାଉଛନ୍ତି। ଫୁଟପାଥ ସ୍କୁଲ ଆରମ୍ଭ କରିବାବେଳେ ପ୍ରଥମେ ୫ ଜଣ ପିଲା ଆସିଥିଲେ। ସେମାନଙ୍କୁ ଏହି ଦମ୍ପତି ପଢାଇବା ଆରମ୍ଭ କରିଥିଲେ। ପରେ ଜଣେ ପରେ ଜଣେ ପିଲା ସେମାନଙ୍କ ସହ ସ୍କୁଲ ଆସିଲେ ଏବଂ ଏବେ ୨୨ ଜଣ ଆସୁଛନ୍ତି। କେବଳ ଏତିକି ନୁହେଁ ସୁଖପାଲ ତାଙ୍କ ସରକାରୀ ସ୍କୁଲରେ ପିଲାମାନଙ୍କ ପାଇଁ ଉଚ୍ଚମାନର ଘରୋଇ ବିଦ୍ୟାଳୟର ଭଳି ଏସିଠାରୁ ଆରମ୍ଭ କରି ଅନ୍ୟ ସୁବିଧା କରିଛନ୍ତି। ଏଥିପାଇଁ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସୁଖପାଲଙ୍କ ଏହି କାର୍ଯ୍ୟରେ ଅନୁପ୍ରଣିତ ହୋଇ ତାଙ୍କ ସାଥୀ ଶିକ୍ଷକମାନେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 6 | | |
| | | | | 5 | | | | 3 |
| 2 | | 7 | 8 | | | | | |
| 3 | | 6 | 2 | | | | | 8 |
| 7 | | | | 8 | | 2 | | 6 |
| | | | | | | | | 7 |
| | | | 5 | | | 4 | | 1 |
| | 1 | | | 2 | 4 | | | |
| 8 | | 2 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 4 | 1 | 7 | 6 | 9 | 8 |
| 4 | 9 | 7 | 6 | 8 | 3 | 5 | 1 | 2 |
| 8 | 6 | 1 | 9 | 5 | 2 | 3 | 4 | 7 |
| 5 | 8 | 2 | 3 | 4 | 9 | 1 | 7 | 6 |
| 1 | 4 | 6 | 7 | 2 | 5 | 8 | 3 | 9 |
| 9 | 7 | 3 | 8 | 6 | 1 | 4 | 2 | 5 |
| 2 | 3 | 4 | 5 | 7 | 6 | 9 | 8 | 1 |
| 7 | 5 | 8 | 1 | 9 | 4 | 2 | 6 | 3 |
| 6 | 1 | 9 | 2 | 3 | 8 | 7 | 5 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗର୍ଭବତୀଙ୍କ ପାଇଁ ପାଇଖାନା

ମହାଶୟ,

ସ୍ୱଚ୍ଛତା ପାଇଁ ଅନେକ ସଚେତନତା କରିଲା ପରେ ମଧ୍ୟ ଭାରତର ଗାଁଗୁଡ଼ିକରେ ଅନେକଙ୍କ ଘରେ ପାଇଖାନାଟିଏ ନାହିଁ। ସରକାର ମାଗଣାରେ ପାଇଖାନା ଯୋଗାଇ ଦେଇଥିବା ସତ୍ତ୍ୱେ ଅନେକେ ନିଜ ପାଖରେ ଜାଗା ନଥିବା ଦର୍ଶାଇ ପାଇଖାନା ତିଆରି କରିନାହାନ୍ତି। ଗାଆଁ ମାନଙ୍କରେ ଲୋକେ ବାହାରକୁ ଯାଇ ଶୌଚ ହେଉଛନ୍ତି। ତାଙ୍କ ସହିତ ପିଲାପିଲିଙ୍କୁ ମଧ୍ୟ ଏହି ଅଭ୍ୟାସ କରାଇଦେଇଛନ୍ତି। ଏହା କୌଣସି ପ୍ରକାରେ ସମାଧାନ ହୋଇଯାଉଛି। ବର୍ଷା ଦିନରେ ବା ଚାଷ ସମୟରେ ଆମ୍ଭେ ଦେଖିବାକୁ ପାଉଛେ ଯେ, ଗାଁର ବୁଢ଼ୀ ବୁଢ଼ା ତଥା ଗର୍ଭବତୀ ମହିଳାମାନେ ଝଡ଼ା ଫେରିବା ପାଇଁ ରାତିଦିନ ବହୁ କଷ୍ଟ ସହି ବାହାରକୁ ଯାଉଛନ୍ତି। ଫଳରେ ଏମାନଙ୍କୁ ତଥା ନିଜ ପରିବାର ଲୋକଙ୍କୁ ଡାଇରିଆ, ମ୍ୟାଲେରିଆ, ଝାଡ଼ାରୋଗ ଭଳି ବହୁ ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ଏହା ହେଉଥିବାର ନଜିର ମଧ୍ୟ ରହିଛି। ଏହା ସହିତ ରାତି ସମୟରେ ଭୟ ରହିଛି। ବାହାରେ ମଳତ୍ୟାଗ କରିବା ତାଲିକାରେ ଅନେକ ନୂଆ ହେଇ ଆସିଥିବା ବୋହୂମାନେ ମଧ୍ୟ ଅଛନ୍ତି। ଏହା ଦେଖିଲେ ଦୁଃଖ ଲାଗେ। କ୍ରୋଧ ମଧ୍ୟ ଆସେ ସେଇ ଅସଚେତନ ପରିବାର ଲୋକଙ୍କୁ ଦେଖି। ତେବେ ଏଠାରେ ସରକାରଙ୍କୁ ଅନୁରୋଧ ଯେ ଯାହା ଘରେ ପାଇଖାନା ନାହିଁ ଓ ତାଙ୍କ ଘରେ ବୃଦ୍ଧାବୃଦ୍ଧ ଓ ଗର୍ଭବତୀ ମହିଳା ଅଛନ୍ତି , ସେଇ ପରିବାରକୁ ଆଶାମାନଙ୍କ ମଧ୍ୟରେ ଚିହ୍ନଟ କରି ଅନ୍ୟସବୁ ସୁବିଧା ପରେ ଥାଉ, ପ୍ରଥମେ ଯୁଦ୍ଧକାଳିନ ଭିତ୍ତିରେ ସରକାର ନିଜ ଉଦ୍ୟମରୁ ପାଇଖାନାଟିଏ ଅବଶ୍ୟ କରିଦିଅନ୍ତୁ। ତା' ପରେ ଯାଇ ଗର୍ଭବତୀ ମହିଳାଙ୍କୁ ଅନ୍ୟସବୁ ସରକାରୀ ସୁବିଧା ଯୋଗାଇ ଦେଲେ ଭଲ ହୁଅନ୍ତା।

**-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




୧୮।୧୧।୨୦୨୪

| | |
|---|---|
| ୫,୪୪,୨୮୦ ଟଙ୍କା | |
| ସୁନା | ୪.୯୨୦ ଗ୍ରାମ୍ |
| ରୁପା | ୨୯.୯୦୦ ଗ୍ରାମ୍ |

# ସମସ୍ୟା ଘେରରେ ନିମାପଡ଼ା ଥାନା

ନିମାପଡ଼ା,୧୮।୧୧(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଥାନା ବ୍ରିଟିଶ ଅମଳର ଥାନା। ଆୟତନ, ପରିସୀମା, ଜନସଂଖ୍ୟା ଦୃଷ୍ଟିକୋଣରୁ ନିମାପଡ଼ା ଥାନା ସମଗ୍ର ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ଥାନା। ନିମାପଡ଼ା ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ୧ ଲକ୍ଷ ୯୫ ହଜାର ଜନସଂଖ୍ୟାକୁ ନେଇ ଏହି ଥାନା କାର୍ଯ୍ୟ କରୁଛି। ଗତ ଦେଢ ବର୍ଷ ପୂର୍ବେ ଉକ୍ତ ଥାନାର ନୂତନ ବିଲ୍ଡିଂ ନିର୍ମାଣ ହୋଇ ଥାନାର ରୂପରେଖ ବଦଳିଛି। ହେଲେ ଏବେ ଥାନାଟି ଏବେ ବହୁବିଧ ସମସ୍ୟା ଭିତରେ ବୁଡ଼ି ରହିଛି। ଏହି ଥାନାରେ ୩ ଜଣ ଏସ୍ଆଇ, ୬ ଜଣ ଏଏସ୍ଆଇ ରହିବାର ସରକାରୀ ନିୟମ ରହିଥିବାବେଳେ ଏବେ ଥାନାରେ ମାତ୍ର ୨ ଜଣ ଏସ୍ଆଇ ଓ ୩ ଜଣ ଏଏସ୍ଆଇ କାର୍ଯ୍ୟ କରୁଛନ୍ତି। ପୋଲିସ ଅଫିସରଙ୍କ ଅଭାବ ଯୋଗୁ ଥାନା କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହେଉଥିବାବେଳେ ବିଭିନ୍ନ ମାମଲାର ତଦନ୍ତ କରିବା, ଅପରାଧୀଙ୍କୁ ଗିରଫ କରିବା, ଟ୍ରାଫିକ ନିୟନ୍ତ୍ରଣ କରାଯିବା, ପୋଲିସ ପାଟ୍ରୋଲିଂ କରାଯିବା, ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ ଭାବେ




ପ୍ରତିହତ କରାଯିବା, ଫେରାର ଆସାମୀଙ୍କୁ ଗିରଫ କରାଯିବା ଆଦି କାର୍ଯ୍ୟରେ ଘୋର ଅନ୍ତରାୟ ସୃଷ୍ଟି ହେଉଥିବା ଓ କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହେଉଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି। ନିମାପଡ଼ା ଭଳି ଏକ ବୃହତମ ଥାନାରେ ନୂଆ ଗାଡ଼ି କି ନୂଆ ପିସିଆର୍ ଭ୍ୟାନ ନ ଥିବାରୁ ଭଙ୍ଗା ଦଦରା ଗାଡ଼ିରେ କାର୍ଯ୍ୟ ଚାଲିଥିବା ପରିତାପର ବିଷୟ ବୋଲି ବିଭିନ୍ନ ମହଲରୁ କୁହାଯାଉଛି। ଥାନାରେ କର୍ତ୍ତବ୍ୟରତ ପୋଲିସ ଅଫିସରଙ୍କ ରହିବା ନିମନ୍ତେ ସରକାରୀ କ୍ୱାର୍ଟର ବ୍ୟବସ୍ଥା ନ ଥିବାରୁ ପୋଲିସ ଅଧିକାରୀ ବାଧ ହୋଇ ବାହାରେ ଘରଭଡ଼ା ନେଇ ରହୁଥିବା ଦେଖାଯାଉଛି। ଦୀର୍ଘ ୫୦ ବର୍ଷ ପୂର୍ବେ ସ୍ଥାନୀୟ ଥାନା ଅଞ୍ଚଳରେ ଜନସଂଖ୍ୟା ୭୦/୮୦ ହଜାର ଥିବାବେଳେ ଥାନାରେ ଯେତିକି ପୋଲିସ ଅଫିସର ରହିଥିଲେ, ଏବେ ୫୦ ବର୍ଷ ପରେ ଜନସଂଖ୍ୟା ବୃଦ୍ଧି ପାଇ ୧ ଲକ୍ଷ ୯୫ ହଜାର ହୋଇଥିବାବେଳେ ପୂର୍ବଭଳି ସେତିକି ପୋଲିସ ଅଫିସର ରହିଛନ୍ତି, ଏହା ପୋଲିସ ବିଭାଗର ବିଚିତ୍ର ନୀତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜନସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି ଥାନାରେ ପୋଲିସ ଅଫିସର ପଦବୀ ବୃଦ୍ଧି କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ

### ପୋଲିସ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଦଦରା ଗାଡ଼ି

ବିଷୟ ବୋଲି ବିଭିନ୍ନ ମହଲରେ କୁହାଯାଉଛି। ଏହି ଥାନାରେ ଅନ୍ୟୁନ ଜଣେ ଆଇଆଇସିଙ୍କ ସମେତ ୪ ଜଣ ଏସ୍ଆଇ, ୮ ଜଣ ଏଏସ୍ଆଇ ରହିବାର ଯଥେଷ୍ଟ ଆବଶ୍ୟକତା ରହିଥିବା ବହୁ ଅବସରପ୍ରାପ୍ତ ପୋଲିସ ଅଧିକାରୀ, ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ନିମାପଡ଼ା ଥାନାରେ ୪୦ ଜଣ ହୋମଗାର୍ଡ ରହିବାର ନିୟମ ଥିବାବେଳେ ମାତ୍ର ୨୮ ଜଣ ହୋମଗାର୍ଡ ଅଛନ୍ତି। ୧୨ଟି ହୋମଗାର୍ଡ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ନିମାପଡ଼ା ଥାନାରେ ଖାଲି ପଡ଼ିଥିବା ପୋଲିସ ଅଫିସରଙ୍କୁ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବା, ନୂତନ ପିସିଆର୍ ଭ୍ୟାନ୍ ସମେତ ୨ଟି ନୂତନ ଗାଡ଼ି ଥାନାକୁ ଯୋଗାଇ ଦିଆଯିବାକୁ ନିମାପଡ଼ାବାସୀ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

# ଅଲ୍‌ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ବିକ୍ଷୋଭ




ପୁରୀ, ୧୮।୧୧(ଅଜିତ୍ କୁମାର ମହାନ୍ତି)

ଏମ୍‌ଏସ୍‌ପିକୁ ଆଇନର ଗ୍ୟାରେଣ୍ଟି ପ୍ରଦାନ, ବିଦ୍ୟୁତ ବିଲ୍ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଛାଡ, କୃଷି ଶ୍ରମିକଙ୍କୁ ପରିଚୟପତ୍ର ଦେବା ଆଦି ୧୧ ଦଫା ଦାବି ନେଇ ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ଜିଲା ସଭାପତି କମ୍ରେଡ ଦୀନବନ୍ଧୁ ପରିଡାଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ କମିଟି ସଭ୍ୟ ତଥା ଜିଲା କମିଟି ସମ୍ପାଦକ ସୁବାଷ ବରାଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନିତି ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀନେତା ବଟକୃଷ୍ଣ ସ୍ୱାଇଁ ଚାଷୀ ଓ ମୂଲିଆଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଆଇକେକେଏମ୍‌ଏସ୍ ର ଜିଲା କମିଟି ସମ୍ପାଦକ ସୁବାସ ବରାଳଙ୍କ ନେତୃତ୍ୱରେ ନିରଞ୍ଜନ ସାମନ୍ତରାୟ, ହାଡ଼ିବନ୍ଧୁ ବେହେରା, ଜଗବନ୍ଧୁ ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ସଂକ୍ଷେପରେ

## ଆୟୁର୍ବେଦ ଚିକିତ୍ସା ଶିଖିବା ନିମନ୍ତେ ଜିଜ୍ଞାସା ଗୁରୁକୁଳ ବ୍ୟବସ୍ଥା

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ର ତଥା ଓଡ଼ିଶା ରାଜ୍ୟ ଜିଜ୍ଞାସାର ସହସଂଯୋଜକ ଗିରିଧାରୀ ବିଶ୍ୱାଳଙ୍କୁ ଗୁରୁ ସଂଗ୍ରହ ନିମନ୍ତେ ଓଡ଼ିଶା ସମେତ ସର୍ବାଧିକ ୯ ରାଜ୍ୟର ଦାୟିତ୍ୱ ପ୍ରଦାନ କରାଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଜ୍ଞାସା ଆୟୁର୍ବେଦ ଚିକିତ୍ସା ଶିଖିବା ନିମନ୍ତେ ଜିଜ୍ଞାସା ଗୁରୁକୁଳ ବ୍ୟବସ୍ଥା ଆରମ୍ଭ କରିଛି। ବି.ଏ, ଏମ୍‌ଏସ୍‌ସି ଡିଗ୍ରୀ ସାରିଲା ପରେ ଯେଉଁ ବିଦ୍ୟାର୍ଥୀମାନେ ଆୟୁର୍ବେଦ ଚିକିତ୍ସା ଶିଖିବା ପାଇଁ ଇଚ୍ଛୁକ ସେମାନେ ଭାରତର ବିଭିନ୍ନ ଜାଗାରେ ଥିବା ଗୁରୁମାନଙ୍କ ପାଖରେ ରହି ଚିକିତ୍ସା ପଦ୍ଧତି ଶିଖିପାରିବେ। ଏହାକୁ ଲକ୍ଷ୍ୟ କରି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ କିଛିବର୍ଷ ପୂର୍ବେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଆରମ୍ଭ କରିଥିଲା। ଏହି ସେବାରୁ ଯେଉଁମାନେ ବଞ୍ଚିତ ରହୁଛନ୍ତି, କିନ୍ତୁ ଆୟୁର୍ବେଦ ଚିକିତ୍ସା ଶିଖିବାର ଦୃଢ଼ ମନସ୍ଥ ସେମାନଙ୍କୁ ଏହା ସାହାଯ୍ୟ କରିବ। ଏନେଇ ବିଶ୍ୱାଳ ସମସ୍ତ ଆୟୁର୍ବେଦ ବ୍ୟକ୍ତିଙ୍କ ସହଯୋଗରେ ଏହି କାର୍ଯ୍ୟକୁ ସଫଳ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଆଲୋଚନାଚକ୍ର, କବିତା ଆସର

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ପରିଷଦର ଆଧାତ୍ମିକ କବିତା ପାଠୋତ୍ସବ ଏବଂ 'କାର୍ତ୍ତିକ ମାସ ଓ କବିତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟକ ପ୍ରତିମା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନାର ଗବେଷକ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ଗବେଷକ ପ୍ରାଧ୍ୟାପକ ପ୍ରଭାତ ରଞ୍ଜନ ମହାପାତ୍ର ଯୋଗଦେଇ ଥିଲେ। ସମ୍ପାଦକ ସତ୍ୟନାରାୟଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ ଏବଂ ସଙ୍ଗଠିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ପ୍ରତିମା ମିଶ୍ରଙ୍କ କବିତା ସଂଙ୍କଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ କବି ସୁଶ୍ରୀ କିଷ୍ଣା ମହାପାତ୍ର ଓ କମଳିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ସହଦେବ ସାହୁ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷାବିତ୍ ଅର୍ଜୁନ ପରମଗୁରୁ ଧନ୍ୟବାଦ ଦେଇଥିଲେ।

# ୧ରୁ କୋଣାର୍କ ଉତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ




ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ।

କୋଣାର୍କ, ୧୮।୧୧(ଜ୍ୟୋତିରାଜ ମହାନ୍ତି)

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଟିଡିସି ପକ୍ଷରୁ ଡିସେମ୍ବର ୧ରୁ ୫ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ୩୫ତମ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାରେ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଦିନ

### ମୀନାବଜାରରେ ୫୦୦ ଷ୍ଟଲ

ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଓଡ଼ିଶୀ, କୁଚୁପୁଡ଼ି, କଥକ, ମୋହିନୀଆଟ୍ଟମ, ମଣିପୁରୀ, ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନ ହେବ। ଚନ୍ଦ୍ରଭାଗା ବେଳାଭୂମିରେ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ ବାଲୁକା ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ ହେବ। ସେହିଭଳି ହେଲିପ୍ୟାଡ଼ରେ ୩ଟି ଅପେରା ପାର୍ଟି, ମୀନ ବଜାରରେ ୫୦୦ ଷ୍ଟଲ ପଡ଼ିବ। ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଆଲୋକ ବ୍ୟବସ୍ଥା, ରାସ୍ତା ମରାମତି, ଏଏସ୍ଆଇ ଆଦି ବିଭିନ୍ନ ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂର୍ଯ୍ୟ ମନ୍ଦିର ଓ ନବଗ୍ରହ ରାସ୍ତା ଜବରଦଖଲକାରୀ ଓ ଇକୋ ରିଟ୍ରିଟ୍ ନିକଟରେ ଉଚ୍ଛେଦ କରିବାକୁ ଜିଲାପାଳ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ କୋଣାର୍କ ଉତ୍ସବ ସହିତ ଜଡିତ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇଲା ଆସୋସିଏଶନ ଅଫ୍ ଟୁଇଟର୍ ଆକ୍ଟିଭିଷ୍ଟ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ସହରରେ ବଢୁଥିବା ଅପରାଧକୁ ଦମନ କରିବା ଲକ୍ଷ୍ୟରେ ୧୪୯ ଅପରାଧୀଙ୍କୁ ଧରି ଆଇନର ଛାଟ ଲଗାଇଥିବାରୁ ପୁରୀ ଲୋକ ଆଶ୍ୱସ୍ତି ଲାଭ କରିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୋଲିସର ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଚଳିତବର୍ଷ ସମୁଦ୍ରରେ କେହି ବୁଡ଼ି ମରିବା ଘଟଣାକୁ ଏଡ଼ାଇ ଦିଆଯାଇଛି। ପୁରୀ ପୋଲିସର ବରିଷ୍ଠ ନାଗରିକଙ୍କ ପ୍ରତି ସେବା ମନୋଭାବ ଓ ବୃଦ୍ଧାବୃଦ୍ଧଙ୍କୁ ଶାନ୍ତିରେ ଜଗନ୍ନାଥ ଦର୍ଶନ କରାଇଥିଲେ, ଯାହା ସାରା ଭାରତରେ ପୁରୀ ମନ୍ଦିରର ବ୍ୟବସ୍ଥା ନେଇ ଚର୍ଚ୍ଚା ହୋଇଥିଲା। ଏହାସହ ପୁରୀ ଏସ୍‌ପିଙ୍କ ଏକ୍ସରେ କୌଣସି ଅଭିଯୋଗ କରିବା ମାତ୍ରେ ତାର ଶ୍ରୀଘ୍ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଯାହାକୁ ଦେଖି ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଷ୍ଟ ତରଫରୁ ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ସାକ୍ଷୀଗୋପାଳ,୧୮।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପୁରୀ– ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଛକ ନିକଟରେ ସୋମବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଲେ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ରାହୁଲ ମଲ୍ଲିକ (୧୯)। ଆହତମାନେ ହେଲେ ଉକ୍ତ ଥାନା ଅଞ୍ଚଳର ମିଟୁ ଦିଗା (୨୩) ଓ ଦୀପକ ଗୌଡ଼(୨୯) ଏବଂ ଗଞ୍ଜାମ ସୋରଡ଼ା ଥାନା ଅଞ୍ଚଳର ରିଷ୍ଟି ନାୟକ (୧୭)।

ଏମାନେ ୪ଜଣ ୨ଟି ବାଇକ୍‌ରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିଲେ। ହଠାତ ବାଇକ ଦ୍ୱୟ ଭାରସାମ୍ୟ ହରାଇ ଅଟୋ ପଛରେ ପିଟି ହୋଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ୪ ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ସାକ୍ଷୀଗୋପାଳ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ପହଞ୍ଚି ଅଟୋ ଓ ୨ଟି ବାଇକ ଜବତ କରିଛି। ସେହିପରି ମୃତ ରାହୁଲଙ୍କ ଶବକୁ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସତ୍ୟବାଦୀ ପୋଲିସ ସୂଚନା ଦେଇଛି।

# ମାଟ୍ରିକ ଫର୍ମଫିଲପ୍ ବାବଦରେ ଅଧିକ ଅର୍ଥ ନିଆଯାଉଛି: ଏଏପି



ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି): ଆଗାମୀ ଫେବୃଆରୀରେ ମାଟ୍ରିକ ପରୀକ୍ଷା ହେବାକୁ ଥିବାବେଳେ ଏବେ ସମସ୍ତ ସ୍କୁଲରେ ପିଲାଙ୍କ ଫର୍ମ ଫିଲପ ହେଉଛି। ସରକାରୀ ନିୟମ ଅନୁସାରେ ଫର୍ମଫିଲପର ମୂଲ୍ୟ ୪୨୦ ଧାର୍ଯ୍ୟ କରାଯାଇଛି। ତେବେ ପୁରୀ ଜିଲାର ଅନେକ ସରକାରୀ ଓ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ୪୨୦ ଟଙ୍କା ନ ରଖି ଅଧିକ ଟଙ୍କା ଆଦାୟ କରୁଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖା ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ପିଲାଙ୍କୁ ତାଙ୍କର ଅଧିକ ଟଙ୍କା ଫେରାଇ ଦିଆଯାଉ ବୋଲି ଏଏପି ଦାବି କରିଛି। ଖବରଦାତା ସମ୍ମିଳନୀରେ ଏଏପି ପୁରୀ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ନଗର ଉପସଭାପତି ଦେବ ପ୍ରଧାନ ଓ ନଗର ସମ୍ପାଦକ ଜନ୍ମେଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ

ପିପିଲି,୧୮।୧୧(ଦୁର୍ଗା ମାଧବ ମିଶ୍ର)

ପିପିଲି ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ବିଇଓ ରବୀନ୍ଦ୍ର ନାଥ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜବାହର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପୀତବାସ ସେଠୀ, ସମ୍ମାନିତ ଅତିଥି ଏବିଇଓ ସାହେବ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ସ୍ଲୋଗାନ ଲିଖନ, ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସିନିୟର୍ ଗ୍ରୁପରେ ଫ୍ୟାନ୍ସି ଡ୍ରେସ୍‌ରେ ଅର୍ଜୁନେଶ୍ୱର ନୋଡାଲ ହାଇସ୍କୁଲର ଛାତ୍ରୀ ପ୍ରିୟଦର୍ଶିନୀ ସାହୁ, ସ୍ଲୋଗାନ ଲିଖନରେ ଅର୍ଜୁନେଶ୍ୱର ଦେବ ନୋଡାଲ ହାଇସ୍କୁଲର ସନ୍ତୋଷିନୀ ସ୍ୱାଇଁ, ଚିତ୍ରାଙ୍କନରେ ହାଟସାହି ପଞ୍ଚାୟତ




ହାଇସ୍କୁଲର ସ୍ମୃତିପ୍ରଜ୍ଞା ସେନାପତି ଏବଂ ଜୁନିୟର ଗ୍ରୁପ୍‌ରେ ଫ୍ୟାନ୍ସି ଡ୍ରେସରେ ପୀତବାସ ଯୁଜିଯୁପିର ଅନିନ୍ଦିତା ଦାଶ, ସ୍ଲୋଗାନ ଲିଖନରେ ମଠସାହି ନୋଡାଲ ସ୍କୁଲର ସ୍ନେହାଶ୍ରୀ ପ୍ରଧାନ, ଚିତ୍ରାଙ୍କନରେ କଣ୍ଟି ନୋଡାଲ୍ ସ୍କୁଲର ଭାଗ୍ୟଲକ୍ଷ୍ମୀ ସେଠୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଥିଲେ। ସିଆର୍‌ସିସି ଚିନ୍ତାମଣି ଓଝା ସଭା ପରିଚାଳନା କରିଥିବା ବେଳେ ବୈକୁଣ୍ଠ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ରମେଶ ଦାସ, ଭଗବାନ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ସେଠୀ, ସମ୍ପୂର୍ଣ୍ଣ ସ୍ୱାଇଁ, ଗଗନ ବିହାରୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମିଶ୍ର, ସଞ୍ଜୟ ଦାଶ, ଜନାର୍ଦ୍ଦନ ମଲ୍ଲିକ, ଅଜୟ ସେଠୀ, ବଟକୃଷ୍ଣ ସାହୁ, ଅଫିସ୍ ଷ୍ଟାଫ୍ ଅଳକା ବେହେରା, ପ୍ରମୋଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ବାଲିସାହି ସ୍ଥିତ ହିଞ୍ଜଳ ଯାଗା କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ନାରାୟଣ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ଏକ ରକ୍ତଦାନ ଶିବିର ନାରାୟଣ ସାହୁ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କମିଟି ସଭ୍ୟମାନଙ୍କ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ସେଚ୍ଛାକୃତ ଭାବେ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ରକ୍ତଦାନ ମହତ୍ ବାର୍ତ୍ତା ଦିଆଯାଇଥିଲା। ନାରାୟଣ ସାହୁ ଫାଉଣ୍ଡେଶନର ସଭାପତି ଅନିଲ କୁମାର ସାହୁ ଓ ସମ୍ପାଦକ ସୁନିଲ କୁମାର ସାହୁ ଓ ହିଞ୍ଜଳ ଯାଗାର ସମ୍ପାଦକ ଜିତେନ୍ଦ୍ର କୁମାର ମୁଦୁଲି ଓ ସଭାପତି କୁଳମଣୀ ସାହୁ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଗକୁ ମଧ ନାରାୟଣ ସାହୁ ଫାଉଣ୍ଡେଶନ ପକ୍ଷରୁ ଅନେକ ମହତ୍ କାର୍ଯ୍ୟ ହେବ ବୋଲି ସମ୍ପାଦକ ସୁନୀଲ କୁମାର ସାହୁ କହିଛନ୍ତି।

# ଜିଲା ବିଶ୍ୱକର୍ମା ମହାସଭା ବୈଠକ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ବିଶ୍ୱକର୍ମା ମହାସଭାର ଜିଲା ବୈଠକ ହାତୀ ଆଖଡ଼ା ମଠରେ ସୋମବାର ସଭାପତି ଲିଙ୍ଗରାଜ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ପ୍ରତି ବ୍ଲକର ମୁଖ୍ୟ କର୍ମକର୍ତ୍ତା ତଥା ସଦସ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠାନର ଉନ୍ନତି ଓ ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଅନୁଷ୍ଠାନର ପ୍ରସ୍ତୁତ ହୋଇଥିବା ୧୩ ଦଫା ଦାବିପତ୍ର ସରକାରଙ୍କୁ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଧାରଣ କରି ଦାଖଲ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦାବିପତ୍ରଗୁଡ଼ିକୁ ବ୍ଲକ ବିଡିଓ ଜିଲାପାଳଙ୍କୁ ଅବଗତ କରାଇବା ପାଇଁ ପିପିଲି ଅଧକ୍ଷ ଅଜୟ ମହାରଣା ସମସ୍ତଙ୍କୁ ବୁଝାଇଥିଲେ। ସଭାରେ ଜିଲାର ସଭାପତି ଲିଙ୍ଗରାଜ ମହାରଣା, ମୁଖ୍ୟ ଉପଦେଷ୍ଟା ମାୟାଧର ମହାରଣା, ଉପଦେଷ୍ଟା ନାରାୟଣ ଓଝା, ଉପସଭାପତି ଲିଙ୍ଗରାଜ ମହାପାତ୍ର, କୋଷାଧକ୍ଷ ଗୁରୁପ୍ରସାଦ ମହାରଣା, ସହ–ସମ୍ପାଦକ ଲକ୍ଷ୍ମୀଧର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସନ୍ତୋଷ ମହାରଣା ଧନ୍ୟବାଦ ଦେଇଥିଲେ।

# ୧୭୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ଅସ୍ତରଙ୍ଗ,୧୮।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବ୍ଲକ ସଭାଗୃହରେ ବ୍ଲକ ଅଧକ୍ଷା ଆରତି ନାଏକଙ୍କ ଅଧକ୍ଷତାରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୭୦ ଅଭିଯୋଗ ହୋଇଥିଲା। ଏଥିରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ଜମିଜମା ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସାଧାରଣ ଲୋକଙ୍କର ସମସ୍ୟାର ସମାଧାନ କରିବା ହେଉଛି ଏହାର ମୂଳଲକ୍ଷ୍ୟ। କିନ୍ତୁ ଉପଯୁକ୍ତ ସୂଚନା, ପ୍ରଚାର ଓ ପ୍ରସାର ଅଭାବରୁ ଲୋକେ ଜାଣିପାରି ନ ଥିବାରୁ ବହୁ ଲୋକ ଆସି ନ ଥିଲେ।

ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା,



ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଓ ଅନ୍ୟ ଅଧିକାରୀମାନେ।

### ପ୍ରଶାସନର ପ୍ରଚାର, ପ୍ରସାର ଅଭାବ: ଜାଣିପାରିଲେନି ଲୋକେ

ଉପଜିଲାପାଳ ନୀଳମାଧବ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ବିଡିଓ ସୁଶ୍ରୀ ସସ୍ମିତା ବେହେରା ଏବଂ ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପ୍ରାଣୀସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଜ୍ୟୋତିର୍ମୟୀଙ୍କ ସଙ୍ଗୀତରେ ଦର୍ଶକ ବିଭୋର

ଅସ୍ତରଙ୍ଗ,୧୮।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଓ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ମିଳିତ ଆୟୋଜନରେ ତାଳଦା ଦେବୀନଦୀ ଘାଟରେ ୪ଦିନ ଧରି ଚାଲିଥିବା ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଭାପତି ବିଜୟ କୁମାର ପଡ଼ିଆରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର




ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ଏମ୍‌ପି ତରାଇ କହିଛନ୍ତି, ଉତ୍କଳର ବୋଇତ ବନ୍ଦାଣ ପରମ୍ପରା ମହାନ୍, ଏହି ସ୍ମୃତିକୁ ଆଗାମୀ ପିଢ଼ି ଉଜ୍ଜୀବିତ ରଖିବା ଆବଶ୍ୟକ। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କଟକର ମେଲୋଡି ବିଟସର କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ ସହ ଅନ୍ୟ କଣ୍ଠଶିଳ୍ପୀଙ୍କ ଗୀତ ସମସ୍ତଙ୍କୁ ମୁଗ୍ଧ କରିଥିଲା। ବୋଇତ ବନ୍ଦାଣ ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଥିବା ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ କମିଟିର ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଉପଦେଷ୍ଟା ପ୍ରତାପ ପରିଡ଼ା, ସାଧାରଣ ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧକ୍ଷ ଦିବାକର ସାହୁ ପ୍ରମୁଖ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ରାଜା ମହାନ୍ତି, ବିଜନ ପରିଡ଼ା, ସରପଞ୍ଚ ଦୀପକ ପରିଡ଼ା, ସରପଞ୍ଚ ରାଜକିଶୋର ବେହେରା, ମାନସ ବିଶ୍ୱାଳଙ୍କ ସହ ତାଳଦା ଓ ତରାସାହି ପଞ୍ଚାୟତର ମିଳିତ ସହଯୋଗରେ ଚଳିତ ବର୍ଷ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଫଳ ହୋଇଛି।

- ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ
- ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଲୋକେ

## ଭଗବତୀ ଦେବୀଙ୍କ ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୧୮।୧୧(ଲିଙ୍ଗରାଜ ରାଉତ): ଦାରୁଠେଙ୍ଗ ଭଗବତୀ ମୁଣ୍ଡିଆ ଉପରେ ନବନିର୍ମିତ ମା' ଭଗବତୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ପାଳିତ ହୋଇଛି। ରବିବାର ଶୁଭାଧିବେଶ, ଅଙ୍କୁରାରୋପଣ ହୋଇଥିଲା। ସୋମବାର ୬୧ ଜଣ ମହିଳା ଓ ପୁରୁଷ ଭକ୍ତ କଳସ ଯାତ୍ରା କରିଥିଲେ। ରୋଷଣିରେ ମହାଦେବଙ୍କ ନୂଆ ପୋଖରୀରୁ ପାଣି ଉଠାଇ ବାବା ବାଲୁଙ୍କେଶ୍ୱର ଦେବଙ୍କଠାରୁ ଆଜ୍ଞା ମାଳ ନେଇ ଭକ୍ତମାନେ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ବୁଦ୍ଧେଶ୍ୱର ବେହେରା ଓ ଜ୍ୟୋତ୍ସ୍ନା ବେହେରା କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜକ ହିମାଂଶୁ ଭୂଷଣ ପ୍ରହରାଜ, ନାରାୟଣ ଦାସ, ଅଜିତ ଶତପଥୀ, ମିହିର ଦାସ, ଲୋକନାଥ ପାଢ଼ୀ, ରାଜେଶ ମହାପାତ୍ର, ଶିଶିର ଦାସ ପ୍ରମୁଖ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ।

# ଭାରତୀୟ ରାଜନୀତିରେ ଆଦର୍ଶଗତ ବିଚାର ଶେଷ ହୋଇଛି

### ଯୋଗେନ୍ଦ୍ର ଯାଦବଙ୍କ ସହ ବାର୍ତ୍ତାଳାପ



ଭୁବନେଶ୍ୱର,୧୮।୧୧ (ସୁଚିସ୍ମିତା ସାହୁ)

ଭାରତୀୟ ରାଜନୀତିରେ ଆଦର୍ଶଗତ ବିଚାର ଶେଷ ହୋଇଯାଇଛି। ଦେଶର ବର୍ତ୍ତମାନର ସ୍ଥିତିକୁ କେବଳ ସଙ୍କଟର ନାମ ଦେଲେ ହେବ ନାହିଁ, ବରଂ ଶହେ ବର୍ଷ ସଂଗ୍ରାମର ନିର୍ଯାସରେ ଯେଉଁ ସମ୍ବିଧାନ ଭାରତରେ ପ୍ରସ୍ତୁତ ହୋଇଥିଲା ତାହାକୁ ୨୦୧୯ ଆସିବା ବେଳକୁ ଆମେ ନଷ୍ଟ କରିସାରିଲୁଣି। ସ୍ୱାଧୀନତା ପରର ଗଣତନ୍ତ୍ର ସମ୍ପୂର୍ଣ୍ଣ ଲୋପ ପାଇସାରିଛି। ଗଣତନ୍ତ୍ର ଆଳରେ ହିନ୍ଦୁ ଭଳି ଏକଚ୍ଛତ୍ରବାଦ ମୂଳକ ସମାଜ ସ୍ଥାପନ ନିମନ୍ତେ ପ୍ରୟାସ କରାଯାଉଛି। ଆମେ ବର୍ତ୍ତମାନ ନୋ ମ୍ୟାନ୍ସ ଲ୍ୟାଣ୍ଡରେ ଛିଡା ହୋଇଛୁ। ଭାରତ ଓ ଦକ୍ଷିଣ ଆଫ୍ରିକାର ସମ୍ବିଧାନ ବିଂଶ ଶତାବ୍ଦୀର ସମଗ୍ର ବିଶ୍ୱ ନିମନ୍ତେ ଶ୍ରେଷ୍ଠ ଦସ୍ତାବିଜ। ଏହାର ବିନଷ୍ଟର ଅର୍ଥ କେବଳ ଆମ ଦେଶ ନୁହେଁ, ସମଗ୍ର ପୃଥିବୀର କ୍ଷତି ବୋଲି ବିଶିଷ୍ଟ ସମାଜଶାସ୍ତ୍ରୀ ତଥା ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ଯୋଗେନ୍ଦ୍ର ଯାଦବ ସତର୍କ କରାଇଛନ୍ତି। ଲୋହିଆ ଏକାଡେମୀ, ଜୟ କିଷାନ ଆନ୍ଦୋଳନ ଓ ଭାରତ ଯୋଡୋ ଆନ୍ଦୋଳନ ପକ୍ଷରୁ ଏକାଡେମୀ ପରିସରରେ ଯୋଗେନ୍ଦ୍ର ଯାଦବଙ୍କ ସହ ସୋମବାର ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସେ କହିଲେ, ସମାଜବାଦ ଉପରେ ଆଧାରିତ କରୁଣା, ଧର୍ମନିରପେକ୍ଷତା ଆଧାରିତ ମୈତ୍ରୀ ଓ ସମତା ଆଧାରିତ ନମ୍ରତା ଆମ ଗଣତନ୍ତ୍ରର ମୂଳାଧାର। ୨୦୨୪ ସାଧାରଣ ନିର୍ବାଚନ କେନ୍ଦ୍ର ସରକାର ଓ ତାହାର ଆଦର୍ଶ କେନ୍ଦ୍ର ସଂଘ ପରିବାରକୁ ନୂଆ ସମ୍ବିଧାନ ଲାଗୁ କରିବାରେ ରୋକ୍ ଲଗାଇଛି। ତେବେ ଆମକୁ ଆମ ମୂଳ ଗଣତନ୍ତ୍ର ଓ ସମ୍ବିଧାନକୁ ଫେରାଇ ଆଣିବାକୁ ସଂସଦୀୟ ଏକଚ୍ଛତ୍ରବାଦରୁ ଭାରତକୁ ମୁକ୍ତ କରିବାକୁ ପଡିବ। ତିନି ସ୍ତରରେ ଏକଚ୍ଛତ୍ରବାଦ ବିରୋଧରେ ଲଢିବାକୁ ହେବ। ଭାଜପା ବିରୋଧରେ ଲଢୁଥିବା ଇଣ୍ଡିଆ ମେଣ୍ଟକୁ ସହଯୋଗ କରିବା, ଜନ ସଂଘର୍ଷ ମୋର୍ଚ୍ଚା ମାଧ୍ୟମରେ ଜନ ସମସ୍ୟାକୁ ଉଠାଇବା ତଥା ବିଚାର ଓ ସଂସ୍କୃତିର ଲଢେଇକୁ ଲମ୍ବା ସମୟ ଧରି ଲଢିଲେ ଯାଇ ଆମେ ଜୟଯୁକ୍ତ ହୋଇପାରିବା। ଓଡିଶାର ଦେଶପ୍ରେମୀ ଜନସାଧାରଣ ଭାରତ ଯୋଡୋ ଆନ୍ଦୋଳନରେ ସାମିଲ ହୋଇ ବ୍ୟବସ୍ଥା ପରିବର୍ତ୍ତନର ଏହି ସଂଗ୍ରାମରେ ସାମିଲ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଜୟ କିଷାନ ଆନ୍ଦୋଳନର ଆବାହକ ଲିଙ୍ଗରାଜ ଏଥିରେ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ପରିବେଶବିତ ତଥା ଲୋହିଆ ଏକାଡେମୀର ଟ୍ରଷ୍ଟି ପ୍ରଫୁଲ୍ଲ ସାମନ୍ତରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାରତ ଯୋଡୋ ଆନ୍ଦୋଳନର ରାଜ୍ୟ ସଂଯୋଜକ ଡା. ବିଶ୍ୱଜିତ ଧନବାଦ ଅର୍ପଣ କରିଥିଲେ ।

## ଆରମ୍ଭ ହେଲା କବ୍ ବୁଲ୍‌ବୁଲ୍ ଉତ୍ସବ



ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ଓଡିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସ ପକ୍ଷରୁ ରାଜ୍ୟ ମୁଖ୍ୟାଳୟ ପରିସରରେ ସୋମବାର କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୧୬ଟି ଜିଲାର ପ୍ରାଥମିକ ବିଦ୍ୟାଳୟରୁ ୭୨୦ଜଣ କବ୍ ସ୍କାଉଟ୍, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କ ୟୁନିଟ୍ ଲିଡରଙ୍କ ତତ୍ତ୍ୱାବଧାନରେ ଉତ୍ସବରେ ଯୋଗଦେଇଛନ୍ତି। ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଏବଂ ଭୁବନେଶ୍ୱର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଜ୍ଞାପାରମିତା ଜେନା ଯୋଗଦେଇ କୁନିକୁନି ପିଲାମାନଙ୍କର ବିଭିନ୍ନ ପ୍ରତିଯୋଗିତାକୁ ଦେଖିଥିଲେ। କ୍ୟାମ୍ପରେ ପିଲାଙ୍କ ରହଣି ସେମାନଙ୍କ ଭିତରେ ଭ୍ରାତୃଭାବ, ସମାନତା ବୃଦ୍ଧିରେ ସହାୟକ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସର ରାଜ୍ୟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଦାବିପତ୍ର

ଭୁବନେଶ୍ୱର,୧୮।୧୧ (ସୁଚିସ୍ମିତା ସାହୁ)

ଚାକିରି ସ୍ଥାୟୀ କରିବା, ଦରମା ବୃଦ୍ଧି ସମେତ ୧୨ ଦଫା ଦାବି ପୂରଣ ପାଇଁ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛି। ଦୀର୍ଘ ୧୮ବର୍ଷ ଧରି ସେମାନେ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟର ସମସ୍ତ ଡାକ୍ତରଖାନାରେ ପରିଚାଳନା କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ କରୋନା ମୁକାବିଲା ଭଳି ବିଭିନ୍ନ କ୍ଷେତ୍ରରେ ବହୁ ସଫଳତା ହାସଲ କରି ବହୁଥର ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ସେହିପରି ମାତୃ ଓ ଶିଶୁ ମୃତ୍ୟୁହାରକୁ ଆଖିଦୃଶିଆ ଭାବେ ହ୍ରାସ କରିବା, ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ ଓ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ ଆଦି ଅନେକ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଥିଲେ ମଧ୍ୟ ସରକାର ଅଣଦେଖା କରୁଛନ୍ତି। ୨୦୨୧ରେ ପୂର୍ବ ସରକାର ଠିକା ପ୍ରଥା ଉଠାଇଦେବାର ନାରା ଦେଇ ପ୍ରାୟ ସମସ୍ତ ବିଭାଗରୁ ୫୮୦୦୦ କର୍ମଚାରୀଙ୍କୁ ସ୍ଥାୟୀ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ପ୍ରାୟ ୮୦୦୦କର୍ମଚାରୀଙ୍କୁ ବାଦ ଦେଇଥିଲେ। ଏମାନଙ୍କ ମଧ୍ୟରେ ପରିଚାଳନା କର୍ମଚାରୀ ସମେତ ଆୟୁଷ ଡାକ୍ତର, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କର୍ମଚାରୀ, ଇଞ୍ଜିନିୟରିଂ କର୍ମଚାରୀ ଓ ଏଡ୍‌ସ ସୋସାଇଟି କର୍ମଚାରୀ ରହିଛନ୍ତି। ତେଣୁ ବର୍ତ୍ତମାନର ସରକାର ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ୮ହଜାର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସଂଘ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ମହେଶ କୁମାର ମିଶ୍ର, ସଭାପତି ଅନିରୁଦ୍ଧ ପଣ୍ଡା, କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର ଓ ସଦସ୍ୟ ଭାଗୀରଥି ବେହେରା ଦାବିପତ୍ର ପ୍ରଦାନ ସମୟରେ ନିବେଦନ କରିଛନ୍ତି।

## ମୋହିନୀ ମୋହନଙ୍କୁ 'ତାଜିନ୍ଦର ସିଂ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'




ରାଗୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମ୍ୟୁଜିକ ସର୍କଲ ସଭାପତି ଅରବିନ୍ଦ ବେହେରାଙ୍କ ସହ ଅନ୍ୟ ଅତିଥିମାନେ।

### ରାଗୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୧୧(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ରାଗୋତ୍ସବ ୨୦୨୪ ସୋମବାର ଉତ୍କଳ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ମ୍ୟୁଜିକ ସର୍କଲ ସଭାପତି ଅରବିନ୍ଦ ବେହେରା, କୋଷାଧ୍ୟକ୍ଷ ଗିରିଜା ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ ଓ ଡ. ଆଦାଶ୍ୟା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସିତାର, ଭାଓଲିନ ଓ ବଂଶୀର ସ୍ୱର ପ୍ରଥମ ସନ୍ଧ୍ୟାକୁ ଭାବଗମ୍ଭୀର କରିଦେଇଥିଲା। ପ୍ରସିଦ୍ଧ ବାଦ୍ୟ ବିଶାରଦ ଡ. ଶ୍ୟାମ ରସ୍ତୋଗୀ ସିତାର ବାଦନ ଶୈଳୀକୁ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ। ସେହିପରି ଡ. ସାରଦା ପ୍ରସନ୍ନ ଦାସଙ୍କ ଭାଓଲିନ ବାଦନ ଓ ଡ. ଜବାହାର ମିଶ୍ରଙ୍କ ସୁମଧୁର ବଂଶୀର ସ୍ୱର ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବଂଶୀ ବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକଙ୍କୁ ପ୍ରଥମ 'ତାଜିନ୍ଦର ସିଂ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ୨୦୨୪' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ୬୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦୁଷୀ ସାନିଆ ପଟନାକର ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କର ନିଖୁଣ ଓ ସୁନ୍ଦର ରାଗ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉତ୍ସବ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୧.୩୦ କୋଟିର ୨୭ ପ୍ରକଳ୍ପ ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୧୮।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ରବିବାର ବିଧାୟକ ବାବୁ ସିଂ ୨୭ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଇଟିପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧.୩୦ କୋଟି ଟଙ୍କାର ୨୭ଟି ବିଭିନ୍ନ ଉନ୍ନତ୍ତୀମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏସବୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଶିଳାନ୍ୟାସ ଅବସରରେ ବିଧାୟକ ସିଂ କହିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ରବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ କୁମାର ପୁରୋହିତ, ନାରୀନେତ୍ରୀ ରଶ୍ମି ମହାପାତ୍ର, ଯୁବନେତା ଆଲୋକ ରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ସାହୁ, କୃଷ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ପ୍ରତାପ ଜେନା, ସରୋଜିନୀ ପରିଡ଼ା, ନାରାୟଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## 'ବ୍ୟାକରଣ' ଭାଷାକୁ ଜୀବନ୍ତ କରେ

### 'ଦୁଷ୍ପ୍ରାପ୍ୟ ଓଡ଼ିଆ ବ୍ୟାକରଣ ସଂଗ୍ରହ' ଓ 'ଜଗମୋହନ ରାମାୟଣ ଶବ୍ଦକୋଷ' ଲୋକାର୍ପିତ



ଭୁବନେଶ୍ୱର, ୧୮।୧୧(ବନ୍ଦନା ସେଠୀ)

ଭାଷାକୁପ୍ରାଣବନ୍ତ, ଜୀବନ୍ତ କରେ ବ୍ୟାକରଣ। 'ବ୍ୟାକରଣ' ହେଉଛି ଭାଷାର ଆଧାରଶିଳା। ଏହା ଭାଷାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିଥାଏ। ପଞ୍ଚଶଖା ଯୁଗର ସାରସ୍ୱତ ସାଧକ ଓଡ଼ିଆ ଜାତିର ଭାଷା, ସାହିତ୍ୟ ସହ ସଂସ୍କୃତି ଓ ଐତିହ୍ୟକୁ ଯେଉଁ ଅବଦାନ ଦେଇଯାଇଛନ୍ତି, ତାହା ଅବିସ୍ମରଣୀୟ। ନବାକ୍ଷରୀ ଛାନ୍ଦରେ ଓଡ଼ିଆ ଭାଗବତ ଲେଖିଥିବା ଜଗନ୍ନାଥ ଦାସ ଓ ଜଗମୋହନ ରାମାୟଣ ରଚୟିତା ବଳରାମ ଦାସଙ୍କ ଅବଦାନ ଅନନ୍ୟ ବୋଲି ମତ ପ୍ରକାଶ ପାଇଛି। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀର ଆଦିକବି ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ପ୍ରକାଶିତ 'ଦୁଷ୍ପ୍ରାପ୍ୟ ଓଡ଼ିଆ ବ୍ୟାକରଣ ସଂଗ୍ରହ' ଓ 'ଜଗମୋହନ ରାମାୟଣ ଶବ୍ଦକୋଷ' ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସଂସ୍କୃତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ପ୍ରଫେସର ଓଁକାର ନାଥ ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପୁସ୍ତକଗୁଡ଼ିକର ସଂକଳକ ଡ. ହରପ୍ରସାଦ ମିଶ୍ର ଓ ଡ. ତମସାରଣୀ ଦାସ ମହାପାତ୍ର ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ରର ପ୍ରଫେସର ଉଦୟନାଥ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ, ଡ. ଦେବାଶିଷ ମହାପାତ୍ର ସଭା ପରିଚାଳନା କରିଥିଲେ। ଡ. ରମେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହେଲ୍‌ଥ ଭିଲେରେ ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ

ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)



ଭୁବନେଶ୍ୱର ଉପକଣ୍ଠ ଭାଲୁଙ୍କାସ୍ଥିତ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ହେଲ୍‌ଥ ଭିଲେରେ ୭ମ ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇଥିଲେ। ଚାରା ରୋପଣ କାର୍ଯ୍ୟକ୍ରମରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପ୍ରାକୃତିକ ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଅତିଥିମାନେ ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବିଭିନ୍ନ ସ୍ଥାନରୁ ୧୦ଜଣଙ୍କୁ ୱେଲ୍‌ନେସ୍ ଆମ୍ବାସାଡର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମଗ୍ରିକ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ଏକ ସୁସ୍ଥକର ସମାଜ ଗଠନ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ହେଲ୍‌ଥ ଭିଲେର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଲେ, ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ସର୍ବଦା ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଓ ଅତି ବ୍ୟୟ ସାପେକ୍ଷ । ଏଲୋପାଥିକ ଔଷଧ ଉପରେ ନିର୍ଭର ନ କରି ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ଓଡିଶାକୁ ମଧୁମେହମୁକ୍ତ ରାଜ୍ୟରେ ପରିଣତ କରିବା ହେଲ୍‌ଥ ଭିଲେ ଲକ୍ଷ୍ୟ ରଖିଥିବା ସେ କହିଥିଲେ।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

ବାଲିପାଟଣା,୧୮।୧୧(ଅଭିମନ୍ୟୁ ନାୟକ)

ବିଶ୍ୱନାଥପୁର ଭାୟା କିଆଜୋରି ସଠିଲୋ ରାସ୍ତାରେ ସରକାରୀ ଜାଗାରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବାଲିପାଟଣା ତହସିଲଦାର କଳ୍ପନା ଦାସଙ୍କ ନିର୍ଦ୍ଦେଶରେ ଏକ ପ୍ଲାଟୁନ ପୋଲିସ ସରକାରୀ ଜାଗାରେ ଗଢି ଉଠିଥିବା ପାଚେରୀ ଓ ଘରକୁ ଜେସିବି ସାହାଯ୍ୟରେ ଉଚ୍ଛେଦ କରିଛି। ରାସ୍ତା ନିର୍ମାଣରେ ବାଧକ ସାଜିବାକୁ କାହାରିକୁ ଦିଆଯିବ ନାହିଁ ବୋଲି ତହସିଲଦାର ଦାସ କହିଛନ୍ତି। ଉଚ୍ଛେଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନାରାୟାଣ ସେଠୀ, ଅମିନ ଶିବକୁମାର ସେଠୀ, ଖିରୋଦ କୁମାର ସେନାପତି, ଅମିନ ରାଜକିଶୋର ସାହୁ ଓ ସୁପରଭାଇଜର କାଳନ୍ଦୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।
ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଚାଲିଥିଲା। ବିଶ୍ୱନାଥପୁର ମହାପାତ୍ର ସାହି ଓ କିଆଯୋରୀର ୩ଟି ପରିବାରର ପାଚେରୀ ରାସ୍ତାକୁ ମାଡ଼ି ରହିଥିବାରୁ ସେହି ରାସ୍ତା ଦେଇ ୨ ଚକିଆ ଯାନ କିମ୍ବା କାର୍ ଯିବା ସମ୍ଭବ ହେଉ ନ ଥିଲା। ରାସ୍ତାରୁ ଅବରୋଧ ହଟାଇବାକୁ ବିଭାଗୀୟ କର୍ତ୍ତୃପକ୍ଷ ତହସିଲ ପ୍ରଶାସନକୁ ଲିଖିତ ଭାବେ ନିବେଦନ କରିଥିଲେ। ବାଲିପାଟଣା ତହସିଲ ପକ୍ଷରୁ ବାରମ୍ବାର ଏ ସଂକ୍ରାନ୍ତରେ ନୋଟିସ କରାଯାଇଥିଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ତେବେ ସୋମବାର ତହସିଲ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି।

## ଦର୍ଶକଙ୍କୁ ନଚାଇଲେ ଇରା

### ଭୁବନେଶ୍ୱର ଉତ୍ତର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବାଲିଅନ୍ତା/ ତ୍ରିଶୂଳିଆ, ୧୮।୧୧(ନୀଳମାଧବ ସାହୁ/ ତୁଷାରକାନ୍ତ ବେହେରା)

ଭୁବନେଶ୍ୱରରେ ଚାଲିଥିବା ପ୍ରଥମ ଭୁବନେଶ୍ୱର ଉତ୍ତର ମହୋତ୍ସବର ସୋମବାର ଚତୁର୍ଥ ସନ୍ଧ୍ୟା ବେଶ ଚିତ୍ତାକର୍ଷକ ଥିଲା। ଶୀତୁଆ ସନ୍ଧ୍ୟା ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ନାଚି ଉଠିଥିଲେ। ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ଗୀତରେ ଦର୍ଶକ ବିଭୋର ହୋଇଯାଇଥିଲେ। ଇରାଙ୍କ ନିଆରା ନନ୍ଷ୍ଟପ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ଚତୁର୍ଥ ସନ୍ଧ୍ୟାର ଅତିଥି ରୂପେ ଭୁବନେଶ୍ୱର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ରାଜ୍ୟ ସଭା ଏମ୍‌ପି ସୁଜିତ କୁମାର, ବିଧାୟକ ଇରାଶିଷ ଆଚାର୍ଯ୍ୟ, ମହୋତ୍ସବର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ମହୋତ୍ସବ କମିଟି ଅଧ୍ୟକ୍ଷ କୁନାଲ ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ପରଲୋକରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



## ଶେଷ ସନ୍ଧ୍ୟାରେ ଝୁମିଲେ ଦର୍ଶକ



### ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଯାପିତ

ବାରଙ୍ଗ,୧୮।୧୧(ଲିଙ୍ଗରାଜ ରାଉତ)

 କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଚୁଡଙ୍ଗଗଡ଼ ବାରଙ୍ଗ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶୀତୁଆ ରାତିରେ ଶକ୍ତି ମିଶ୍ର ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଆୟୋଜିତ ମେଲୋଡିକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଆଧୁନିକ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ୍ର, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର ପଣ୍ଡା, ଯୁବ ସାମାଜିକ କର୍ମୀ ଅଭୟ ବାରିକ୍, ବିଡିଓ ଧର୍ମରଞ୍ଜନ ପଣ୍ଡା, ତହସିଲଦାର ତୁଷାରଜ୍ୟୋତି ରଞ୍ଜନ, ସାମାଜିକ କର୍ମୀ ବାବାଜି ବେହେରା, ସରପଞ୍ଚ ସସ୍ମିତା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭୂତି ଭୂଷଣ ପାଣି ସ୍ୱାଗତ ଭାଷଣ ଦେଇଥିବାବେଳେ ଦୀପକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସନ୍ତୋଷ ପାଣି, ପ୍ରତାପ ମଣ୍ଡଳ, ଆଦିତ୍ୟ ପାଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।



## ମନମୁଗ୍ଧ କଲା ପାରମ୍ପରିକ ନୃତ୍ୟ, ଗୀତ

### ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର,୧୮।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଅନୁଷ୍ଠିତ ଏକାମ୍ର ବାଲିଯାତ୍ରା ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ମେଲୋଡି ନାଇଟ୍‌ରେ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା ଶୀତୁଆ ସନ୍ଧ୍ୟାରେ ଲୋକଙ୍କୁ ବାନ୍ଧି ରଖିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋକି, ବିଭିନ୍ନ ଖାଇବା ଲୋକଙ୍କୁ ମୋହିତ କରୁଛି। ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେପି ନେତା ବିଶ୍ୱରଞ୍ଜନ ବଡ଼ଜେନା, ରଶ୍ମି ମହାପାତ୍ର, ସାମାଜିକ କର୍ମୀ ସଂଗ୍ରାମ କେଶରୀ ପାଇକରାୟ, ରାଜେନ୍ଦ୍ର ସମର୍ଥା, ଭୁବନେଶ୍ୱର ବ୍ଲକ ବିଡିଓ ଦେବୀ ପ୍ରସାଦ ମହାନ୍ତି ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।




କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଶିବାନୀ ସଙ୍ଗୀତା ସଙ୍ଗୀତ ପରିବେଷଣ କରୁଛନ୍ତି।


କଟକ ଏନ୍ କଟକ ପରିସରସ୍ଥ ସାଉଥ୍ ଇଷ୍ଟ ପାଭିଲିଅନ୍‌ରେ ବୋଇତ ବନ୍ଦାଣ ଐତିହ୍ୟକୁ ନେଇ ପ୍ରଦର୍ଶନୀ।


ଓର୍‌ମାସ୍ ପରିସରରେ ସେରାମିକ୍‌ରେ ପ୍ରସ୍ତୁତ ଗୃହ ଉପକରଣ କିଣିବା ପାଇଁ ଲୋକଙ୍କ ଗହଳି।


ଯୁବତୀମାନେ ବାଉଁଶରେ ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ କିଣୁଛନ୍ତି।


ଯୁବତୀମାନେ ସେଲ୍‌ଫି ନେଉଛନ୍ତି।


ଟୟଟ୍ରେନ୍‌ରେ ପିଲାମାନେ ମଜା ନେଉଛନ୍ତି।


ତଳପଡ଼ିଆରେ ସୁନାମି ଦୋଳି। (ଫଟୋ-ରାଜକିଶୋର ମହାନ୍ତି)

## ବାଲିଯାତ୍ରାରେ ସୁଗାର ଫ୍ରି ଛେନାପୋଡ଼




ବାଲିଯାତ୍ରା ପଡିଆର ଷ୍ଟଲରେ ବିକ୍ରି ହେଉଛି ଛେନାପୋଡ। ହେଲେ ଏହା ସାଧାରଣ ପୋଡଠାରୁ ଟିକିଏ ଅଲଗା। ଛେନା ସହ ବିଭିନ୍ନ ଫ୍ଲେଭର ମିଶାଯାଇ ଏହାକୁ ପ୍ରସ୍ତୁତ କରାଯାଇଛି। ସୁବର୍ଣ୍ଣପୁରର ବ୍ୟବସାୟୀ ସୌମ୍ୟରଞ୍ଜନ ପୂଜାରୀ ବାଲିଯାତ୍ରା ଷ୍ଟଲରେ ଏହାକୁ ବିକ୍ରି କରୁଛନ୍ତି। ମଧୁମେହ ରୋଗୀଙ୍କ ପାଇଁ ବିନା ଚିନିରେ ସ୍ୱତନ୍ତ୍ର ଭାବେ ଛେନାପୋଡ ତିଆରି କରାଯାଇଛି। କିଲୋ ପିଛା ଏହାର ଦର ୬୩୦ ଟଙ୍କା ରହିଛି। ଏହାସହ ଗୁଡ଼ ଛେନାପୋଡ଼ ଦାମ୍ କିଲୋ ପିଛା ୩୮୦ ଟଙ୍କା, ଗୁଲାବ ଓ କେଶର ଛେନାପୋଡ଼ ଦାମ୍ କିଲୋ ପିଛା ୪୫୦ ଟଙ୍କା ଦର ରହିଛି। ଲୋକମାନେ ଏହାକୁ ଖାଇବା ସହ ଘରକୁ ନେବା ପାଇଁ ପସନ୍ଦ କରୁଛନ୍ତି।

## ଅବ୍ୟବସ୍ଥା ପାଇଁ ପ୍ରଶାସନ ଦାୟୀ: ସୋଫିଆ

କଟକ,୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାରେ ଲିଫ୍ଟଲାଇଟ୍ ଧରିପକାଇବାରୁ ଜଗତ୍‌ସିଂହପୁର ଅଞ୍ଚଳର ଛାତ୍ର ବିଶ୍ୱପ୍ରକାଶ ମନ୍ଥନଙ୍କ ମୃତ୍ୟୁ ଘଟିଛି। ଏସ୍‌ସିବି ମେଡିକାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୋମବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ମେଡିକାଲରେ ପହଞ୍ଚି ମୃତ ବିଶ୍ୱପ୍ରକାଶଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ସୋଫିଆ କହିଛନ୍ତି, ବାଲିଯାତ୍ରାରେ ଏଭଳି ଘଟଣା ମନରେ ଦୁଃଖ ଦେଇଛି। କେବଳ ପ୍ରଶାସନିକ ଅବହେଳା ପାଇଁ ଏହି ଘଟଣା ଘଟିଛି। ବାଲିଯାତ୍ରାର ପ୍ରଥମଦିନରୁ ହିଁ ସମସ୍ତ ବ୍ୟବସ୍ଥାରେ ଅବହେଳା ହୋଇଆସୁଛି।

**କାମ କରିବା ଇଚ୍ଛା ନ ଥିଲେ ଅଧିକାରୀ କଟକ ଛାଡ଼ି ଚାଲିଯାଆନ୍ତୁ**

ବାଲିଯାତ୍ରା ନିମନ୍ତ୍ରଣପତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନାଁ ରଖାଯାଇନାହିଁ। ଏପରିକି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଅଧଘଣ୍ଟା ଅପେକ୍ଷା କରି ବିରକ୍ତ କରାଇ ଦିଆଯାଇଥିଲା। ଫଳରେ ମୁଖ୍ୟମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ଚାଲିକି ଯାଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୋଲିସ ପ୍ରଶାସନ ରୋକିବା ଶୋଭାପାଇନି। ଜଣେ ମହିଳା କଣ୍ଠଶିଳ୍ପୀଙ୍କୁ ଏଭଳି ଅପଦସ୍ଥ କରିବା ନିନ୍ଦନୀୟ ଘଟଣା। ଅତିଥିଙ୍କୁ ନିମନ୍ତ୍ରଣ କରି ଅପଦସ୍ଥ କରିବା କୌଣସି ଅଧିକାରୀଙ୍କର ଅଧିକାର ନାହିଁ। ଯେଉଁ ଅଧିକାରୀଙ୍କର କାମ କରିବାର ଇଚ୍ଛା ନାହିଁ, ସେମାନେ କଟକ ଛାଡ଼ି ଚାଲିଯାଆନ୍ତୁ। କଟକରେ କାମ କରିବାକୁ ହେଲେ ସମ୍ମାନର ସହ ଲୋକଙ୍କ ସହିତ ଯୋଡ଼ିହୋଇ କାମ କରନ୍ତୁ। ଅଧିକାରୀମାନଙ୍କ ମନରେ ଡର ରହିବା ଦରକାର। କିନ୍ତୁ ପୂର୍ବ ସରକାର ସମୟରୁ ଅଧିକାରୀଙ୍କ ମନରୁ ଡର ହଜିଯାଇଛି। ଭାଜପା ସରକାର ସମୟରେ ମଧ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଏହି ସମସ୍ତ ପ୍ରସଙ୍ଗ ବିଧାନସଭାରେ ଉଠାଯିବ। ଆଗାମୀ ବର୍ଷଠୁ ସମସ୍ତ ଜନପ୍ରତିନିଧି ବାଲିଯାତ୍ରା କମିଟିର ସଦସ୍ୟ ରହିବେ ଏବଂ ବାଲିଯାତ୍ରାକୁ ପରିଚାଳନା କରିବେ ବୋଲି ସୋଫିଆ କହିଛନ୍ତି।

## ବାଲିଯାତ୍ରାର ଚତୁର୍ଥ ଦିନ

କଟକ, ୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)- ଐତିହାସିକ କଟକ ବାଲିଯାତ୍ରାର ସୋମବାର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଥିବାରୁ ପଡିଆରେ ଲୋକଙ୍କ ବିଶେଷ ଗହଳି ନ ଥିଲା। ତେବେ ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ଉଠାଇଥିଲେ। ଏପରି କି ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ବାଲିଯାତ୍ରା ପଡ଼ିଆରେ ଅନେକ ଯୁବତୀ ଯୁବକ ବୁଲି ବୁଲି ମୋବାଇଲ୍‌ରେ ସେଲ୍ଫି ଉଠାଇଥିଲେ।

## ପ୍ରଶାସନ ପକ୍ଷରୁ ନିଃଶୁଳ୍କ ବସ୍ ବ୍ୟବସ୍ଥା



ଚଳିତବର୍ଷ ବାଲିଯାତ୍ରାରେ ଲୋକଙ୍କ ଯାତାୟତ ସୁବିଧା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଃଶୁଳ୍କ ବସ୍ ବ୍ୟବସ୍ଥା କରାଯାଇଛି। ବାଲିଯାତ୍ରା ପଡିଆକୁ ସଂଯୋଗ କରୁଥିବା ରିଂବନ୍ଧ ରାସ୍ତାର ଉଭୟ ପଟେ ଏହି ବ୍ୟବସ୍ଥା ହୋଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ଅଧିକାରୀ ବିଡାନାସୀ ଚହଟା ନିକଟସ୍ଥ ଭୁଆସୁଣୀ ଗଡାଠାରୁ ୧୮ଟି ବସ୍ ଏବଂ ବୋଷ ଇଞ୍ଜିନିୟରିଂ କଲେଜଠାରୁ ୮ଟି ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରିଛନ୍ତି।

## ଆୟୁର୍ବେଦ ଚିକିତ୍ସା ଷ୍ଟଲ୍‌ରେ ବଢୁଛି ଭିଡ଼

କଟକ,୧୮।୧୧ (କାର୍ତ୍ତିକ ସାହୁ)

ଓଡ଼ିଶା ଆୟୁର୍ବେଦ ଭବନ ପକ୍ଷରୁ ଆୟୁର୍ବେଦ ଚିକିତ୍ସା ଷ୍ଟଲ ଖୋଲିଛି। ପ୍ରଫେସର ଡା. ସଂଗ୍ରାମ କେଶରୀ ପ୍ରଧାନ ଓ ଡା. ତ୍ରୈଲୋଚନ ଛାଟୋଇ ମିଳିତ ଭାବେ ଷ୍ଟଲକୁ ଉଦ୍‌ଘାଟନ କରିଛନ୍ତି। ଗ୍ୟାସ୍, ଏସିଡିଟି, ବଦ୍‌ହଜମ, ଆଣ୍ଠୁଗଣ୍ଠି ଦରଜ, ଆମ୍‌ବାତ ଆଦି ରୋଗର ଚିକିତ୍ସା ଓ ଔଷଧ ନିଃଶୁଳ୍କ ଦିଆଯାଉଛି। ଆୟୁର୍ବେଦ ଔଷଧ ତିଆରିରେ ୭୦ ବର୍ଷର ଅଭିଜ୍ଞତା ରଖିଥିବା ବେଳେ ଗୁଣକାରୀ ଔଷଧକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି ବୋଲି କୁହାଯାଇଛି। ସ୍ୱର୍ଗତ କବିରାଜ ବନମାଳୀ ଦାସଙ୍କ ଦ୍ୱାରା ୧୯୪୨ ମସିହାରେ ଓଡ଼ିଶା ଆୟୁର୍ବେଦ ଭବନ ଗଠନ ହୋଇ ପୁରାତନ ତଥା ଜଟିଳ ରୋଗ ଆରୋଗ୍ୟ କରିଆସୁଛି। ଏହି ଷ୍ଟଲରେ ଲୋକମାନଙ୍କର ବେଶ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି।

## ବାଲିଯାତ୍ରାରେ ଭାରତ ମସଲାର ସ୍ୱତନ୍ତ୍ର ସ୍କିମ୍

**ଲକି ଡ୍ର ଜରିଆରେ ଗ୍ରାହକ ଜିତିଲେ ଆକର୍ଷଣୀୟ ପୁରସ୍କାର**

କଟକ,୧୮।୧୧ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲାର ଆକର୍ଷଣୀୟ ଅଫର ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ମସଲା ମାଗଣାରେ ପାଇବା ସ୍କିମ୍ ଜାରି ରହିଛି। ଏହାସହ ମାତ୍ର ୨୫୦ ଟଙ୍କାରେ ମସଲା କିଣି ସୁନିଶ୍ଚିତ ଉପହାର ମଧ ଗ୍ରାହକ ପାଇ ପାରୁଛନ୍ତି। କେବଳ ସେତିକି ନୁହେଁ, ସୁନିଶ୍ଚିତ ଉପହାର ସହ ଗୋଟିଏ ଲକି ଡ୍ର କୁପନ ପାଇବାକୁ ଜଣେ ମଧ ସକ୍ଷମ ହେଉଛନ୍ତି, ଯାହାକି ଜଣେ ଗ୍ରାହକଙ୍କର ଭାଗ୍ୟକୁ ବଦଳାଇ ଦେଉଛି। ଗତ ୨ ଦିନ ମଧରେ ବାଲିଯାତ୍ରାରୁ ମସଲା କ୍ରୟ କରି କୁପନ ହାସଲ କରିଥିବା ଭାଗ୍ୟଶାଳୀ ବିଜେତାମାନଙ୍କୁ ନେଇ ନିକଟରେ ଏକ ଲକି ଡ୍ର କାର୍ଯ୍ୟକ୍ରମ କଟକ ବାଲିଯାତ୍ରା ତଳପଡିଆଠାରେ ଥିବା ଭାରତ ମସଲା ଷ୍ଟଲରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାରତ ମସଲାର ଏମଡି ସୁଶାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏପରିକି ଷ୍ଟଲ ପରିସରରେ ଉପସ୍ଥିତ କୁପନଧାରୀମାନେ ଲକି ଡ୍ର ବାକ୍ସ ମଧରୁ କୁପନ କାଢ଼ି ଭାଗ୍ୟଶାଳୀ ବିଜେତାମାନଙ୍କ ନାମ, କ୍ରମିକ ନମ୍ବର ଓ ମୋବାଇଲ ନମ୍ବରକୁ ସର୍ବସମ୍ମୁଖରେ ଘୋଷଣା କରିଥିଲେ। ସେହିଭଳି ଗତ ୧୭ ତାରିଖ ଲକି ଡ୍ରର ଭାଗ୍ୟଶାଳୀ ବିଜେତା (ପ୍ରଥମ) ଭୁବନେଶ୍ୱର ପଟିଆର ଅଜିତ କୁମାର ବେହେରାଙ୍କୁ ମାଇକ୍ରୋ ଓଭାନ୍, ୨ୟ ବିଜେତା ପାରାଦୀପ କୁଜଙ୍ଗର ଜ୍ୟୋତ୍ସ୍ନା ନାଥଙ୍କୁ ରେସିଙ୍ଗ ବାଇ ସାଇକେଲ ଓ ୩ୟ ବିଜେତା ଯାଜପୁର ସୁଜନପୁରର ରଶ୍ମିରେଖା




ମହାନ୍ତିଙ୍କୁ ନନ୍ ଷ୍ଟିକ୍ ୟୁଟେନ୍ସିଲ୍ ସେଟ୍ ଏବଂ ୪ର୍ଥ ବିଜେତା କଟକ ସୈନ୍ଧା ବାଲିସାହିର ରାଜ କିଶୋର ସାହୁଙ୍କୁ ନନ୍ ଷ୍ଟିକ୍ ପ୍ୟାନ ପୁରସ୍କାର ସ୍ୱରୂପ ଦିଆଯାଇଥିଲାବେଳେ ୧୬ ତାରିଖର ଭାଗ୍ୟଶାଳୀ ବିଜେତା (ପ୍ରଥମ) ଭୁବନେଶ୍ୱର କଳ୍ପନା ଛକର ସୁନୀଲ କୁମାର ବେହେରା ମାକ୍ରୋ ଓଭାନ, ୨ୟ ବିଜେତା ଭୁବନେଶ୍ୱର ନୟାପଲ୍ଲୀର ମାନସ ଭୋଇ ରେସିଙ୍ଗ ବାଇ ସାଇକେଲ ଓ ୩ୟ ବିଜେତା ଖୋର୍ଦ୍ଧା ବେଜପୁରର ପ୍ରମୋଦ ସାମନ୍ତରାୟ ନନ୍ ଷ୍ଟିକ୍ ୟୁଟେଂଶିଲ ସେଟ୍ ଏବଂ ୪ର୍ଥ ବିଜେତା ବଡମ୍ବା ନରସିଂହ ପୁରର ଚିତ୍ତ ରଞ୍ଜନ ସାହୁ ନନ୍ ଷ୍ଟିକ୍ ପାନ୍ ଜିତି ଖୁସି ବ୍ୟକ୍ତ କରିଛନ୍ତି।

ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା,ଦିଗନ୍ତ କୁମାର ପଣ୍ଡା, ଜିଏମ୍ ଅପରେଶନ ଅରୁଣ କୁମାର ନାୟକ,ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ପି. ଆର. ଓ ଏସ୍‌ଏନ୍ ମିଲେନିୟମଙ୍କ ସମେତ ଭାରତ ମସଲାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଖୋଲା ଜାଗାରେ ଏଆର୍, ଭିଆର୍ ଅନୁଭୂତି

ବାଲିଯାତ୍ରା ପଡିଆ କଟକ ଇନ୍ କଟକରେ ଓଡ଼ିଆ ଚଳଚ୍ଚିତ୍ର ପାଭିଲିଅନ ସ୍ଥାନ ପାଇଛି। ଚଳିତଥର ଏଠାରେ ପ୍ରଶାସନ ପକ୍ଷରୁ ଡିଜିଟାଲ ଜୋନ୍‌ର ବ୍ୟବସ୍ଥା କରାଯାଇଛି। ଏଠାରେ ଅଗୁମେଣ୍ଟେଡ୍ ରିଆଲିଟି(ଏଆର) ଓ ଭିଜୁଆଲ ରିଆଲିଟି (ଭିଆର) ଅନୁଭୂତି ନେଉଛନ୍ତି ଦର୍ଶକ। କ୍ୟୁଆର୍ କୋଡ୍ ସ୍କାନ କରି ନିଜ ପସନ୍ଦର ଅଭିନେତାଙ୍କ ଫଟୋ ସହ ଏଆଇ ଦ୍ୱାରା ଫଟୋ ଉଠାଇ ପାରୁଛନ୍ତି। ଏହାସହ ଭିଆର ଦ୍ୱାରା ବାଲିଯାତ୍ରାର ଐତିହ୍ୟ ସମ୍ପର୍କରେ ଜାଣିପାରୁଛନ୍ତି।

## କଶ୍ମୀର ଶାଲ୍‌ର ଚାହିଦା ଅଧିକ

ଧୀରେ ଧୀରେ ଶୀତ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ନୂଆ କରି ହସ୍ତତନ୍ତ ଶାଲ୍ ବିକ୍ରି କରିବା ପାଇଁ କଶ୍ମୀରରୁ ବ୍ୟବସାୟୀମାନେ ବାଲିଯାତ୍ରାକୁ ଆସିଛନ୍ତି। ଓର୍‌ମାସ୍ ଷ୍ଟଲରେ ଏହି ଶାଲ୍ ବିକ୍ରି ହେଉଛି। ଏହାର ଦାମ୍ ୫୦୦ ଟଙ୍କାରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାର ଚାହିଦା ଅଧିକ ରହିଥିବାବେଳେ ଲୋକମାନେ ଏହାକୁ କିଣିବା ପାଇଁ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି।

## 'ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୧୮।୧୧(କାର୍ତ୍ତିକ ସାହୁ)

ନୂଆବଜାର ମହାନଗର ସାମ୍ବାଦିକ ସଂଘ ପକ୍ଷରୁ ପୋତାପୋଖରୀସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ସମୀର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂହ ଯୋଗଦେଇ ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ, ବିଧାୟକ ଇଂ. ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ପଣ୍ଡା, ଶିକ୍ଷାବିତ୍ ଡ. ପ୍ରଭୁ ଚରଣ ମହାନ୍ତି, ଡ. ଚୌଧୁରୀ ସତ୍ୟ ଦାସ, କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ମୁଖ୍ୟବକ୍ତା ସାମ୍ବାଦିକ ମାନସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ଚିତ୍ତରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା, ସଭାପତି ସମୀର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରଦୀପ ପତି ମଞ୍ଚ ପରିଚାଳନା କରିଥିଲେ। ବିଭୂତି ଭୂଷଣ ସାହୁ, ସୁଶାନ୍ତ କୁମାର ଜେନା ଓ ରାଜକିଶୋର ମହାନ୍ତିଙ୍କୁ ମହାନଗର ସାମ୍ବାଦିକ ଗୌରବ ସମ୍ମାନ ଏବଂ ଆଶାକର୍ମୀ ଶିବାନୀ ମଣ୍ଡଳ, ସମାଜସେବୀ ଅଭିମନ୍ୟୁ ଦାସ, ସ୍ୱପ୍ନ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଧାଂଶୁ ପାତ୍ରଙ୍କୁ ମହାନଗର ସେବା ସମ୍ମାନ ଓ ଲେଖିକା ସୋହାଗିନୀ ବେହେରାଙ୍କୁ ମହାନଗର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପଇସା ପୂଜା କମିଟି ସଦସ୍ୟ ବାପି ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ବଳରାମ ନାୟକ ବିବରଣୀ ପାଠ କରିଥିଲେ। ବିଶ୍ୱଜିତ ନାୟକ ଧନ୍ୟବାଦ ଦେଇଥିଲେ। ସୁକାନ୍ତ ପଣ୍ଡା, ପ୍ରଦୀପ୍ତ ରଥ, ପ୍ରଶାନ୍ତ ମହାନ୍ତି, ବିଶ୍ୱଜିତ ଧଳ, ସ୍ୱରାଜ କେଶରୀ, ଜୟନ୍ତ ରାଉତରାୟ, ମହେଶ ପାତ୍ର ପ୍ରମୁଖ ସହାୟତା କରିଥିଲେ।

## ଆଜିଠୁ ଖୁଣ୍ଟୁଣୀ କାର୍ତ୍ତିକ ମହୋତ୍ସବ

ଖୁଣ୍ଟୁଣୀ,୧୮।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ କାର୍ତ୍ତିକ ମହୋତ୍ସବ ସ୍ଥାନୀୟ ରମ୍ଭେଇ ଯାତ୍ରା ପଡ଼ିଆଠାରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହି ଉତ୍ସବ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ଷ୍ଟଲ୍ ବସିବ। ଏଥିସହ ରାମଦୋଳି, ଡ୍ରାଗନ, ରେଳଗାଡ଼ି, ମିକି ମାଉସ, ପାଣି ଡଙ୍ଗା, ଚକ୍ରି ଦୋଳି ଓ ଜିକ୍‌ଜାକ୍ ଦୋଳି ଆଦି ବିଭିନ୍ନ ମନୋରଞ୍ଜନଧର୍ମୀ ଖେଳର ଦର୍ଶକ ମଜା ଉଠାଇପାରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ କୁନି କୁନି ଶିଶୁ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଆଦି ପରିବେଶଣ କରିବେ। ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ମନୋଜ ମିଶ୍ର ଓ ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନୀ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ମହୋତ୍ସବ କମିଟି ସଭାପତି ଦୀପକ ସାହାଣୀ, ସମ୍ପାଦକ ମଳୟ ବହିଆ ସୂଚନା ଦେଇଛନ୍ତି।

## ରାତି ୧୦ରେ ସରିବ ବିସର୍ଜନ, ଡିଜେକୁ ନା

**ଖୁଣ୍ଟୁଣୀ କାର୍ତ୍ତିକେଶ୍ୱର ଭସାଣି ପ୍ରସ୍ତୁତି ବୈଠକ**

ଖୁଣ୍ଟୁଣୀ,୧୮।୧୧(ସଚ୍ଚିଦାନନ୍ଦ ପଣ୍ଡା)

କାର୍ତ୍ତିକ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ଖୁଣ୍ଟୁଣୀ କାର୍ତ୍ତିକେଶ୍ୱର ପୂଜା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୪ ତାରିଖ ଅପରାହ୍ନ ୧ଟା ୪୫ ମିନିଟ୍‌ରୁ କ୍ରମାନ୍ୱୟରେ ସମସ୍ତ ମେଢ ଶୋଭାଯାତ୍ରାରେ ସାହି, ବସ୍ତି, ବଜାର ପରିକ୍ରମା କରି ଦଣ୍ଡା ଫୁଙ୍କାର ନାଳ ଓ ବାମ ନାଳରେ ବିସର୍ଜନ ହେବ। ଏନେଇ ପୋଲିସ ପ୍ରସାଶନ ପକ୍ଷରୁ ସୋମବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ରାତି ଠିକ୍ ୧୦ଟାବେଳେ ସମସ୍ତ ମେଢ଼ ବିଷର୍ଜନ ସରିବ। ଡିଜେ ବାଜା ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେକେବଳ ୪ଟି ବକ୍ସ ବାଜିବ ବୋଲି ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ କହିଛନ୍ତି। ଚଳିତବର୍ଷ ଖୁଣ୍ଟୁଣୀ କାର୍ତ୍ତିକ ପୂଜାକୁ ୮୨ ବର୍ଷ ହୋଇଥିବାବେଳେ ଦୁର୍ଗା ବଜାର, ମହାଦେବ ସାହି, ନୂଆ ବଜାର, ଶାନ୍ତି ବଜାର, ଗଣେଶ ବଜାର, ତ୍ରିନାଥ ସାହି, ମଝି ସାହି, ଲକ୍ଷ୍ମୀ ସାହି, ଜେନେକା ସାହି, କୈବର୍ତ୍ତ ସାହି ଆଦି ୧୮ ସ୍ଥାନରେ ପୂଜା ମଣ୍ଡପକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଏସ୍‌ଡିପିଓ ନାୟକ କହିଛନ୍ତି। କୌଣସି ମେଢ଼ ଯେପରି ଠିକ୍ ସମୟରେ ବାହାରିବା ସହ ବିଶୃଙ୍ଖଳା ନ ହୁଏ, ସେଥିପାଇଁ ପ୍ରତି ମେଢ଼ର ୫ ଜଣ ସଦସ୍ୟଙ୍କ ନାମ ଓ ନମ୍ବର ଉପଜିଲାପାଳଙ୍କ ଅନୁମତି ସହିତ ପୋଲିସକୁ ଦେବାକୁ ଏସ୍‌ଡିପିଓ ନାୟକ, ଆଇଆଇସି ବିକାଶ କୁମାର ସେଠୀ ଦାୟିତ୍ୱ ନେଇଛନ୍ତି। ବୈଠକରେ ଏସ୍‌ଡିପିଓ ନାୟକ, ଏସ୍‌ଆଇ ବିକାଶ ସେଠୀ, ବରିଷ୍ଠ ଗ୍ରାମ କମିଟି ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡ଼ା, ଭାଜପା କାର୍ଯ୍ୟକର୍ତ୍ତା ତପନ ପ୍ରଧାନ, ପରେଶ ସାହୁ, ମହୋତ୍ସବ କମିଟି ସଭାପତି ଦୀପକ ସାହାଣୀ, ଗୋପାଳ ସାମନ୍ତରାୟ, ମହାସଂଘ ସମ୍ପାଦକ ସୁଶାନ୍ତ ସାହୁ, ବିଶ୍ୱଜିତ ମହାପାତ୍ର, କିଶୋର ସ୍ୱାଇଁ, ସୁଧୀର ଦାଶ ଓ ବିପିନ ବିହାରୀ ସାହୁ ପ୍ରମୁଖ ୧୮ ସାହି ଓ ବଜାର ପୁରବି ଉପସ୍ଥିତ ଥିଲେ।


ମଞ୍ଚରେ ଏସ୍‌ଡିପିଓ ଉମାକାନ୍ତ ନାୟକ, ଏସ୍‌ଆଇ ବିକାଶ ସେଠୀ ଓ ଅନ୍ୟମାନେ।

# 'ଆର୍ଥିକ ବିକାଶରେ ସମବାୟର ପ୍ରମୁଖ ଭୂମିକା ରହିଛି'

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ପରିବାର ସଦସ୍ୟମାନଙ୍କୁ ପ୍ରାଥମିକ କୃଷିଋଣ ସମବାୟ ସମିତି ଗୁଡିକରେ ସଭ୍ୟଭୁକ୍ତ କରାଯାଇ ସେମାନଙ୍କୁ ସମବାୟ ମାଧ୍ୟମରେ କୃଷି ଓ ଚାଷ ନିମନ୍ତେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ବିଭିନ୍ନ କ୍ଷେତ୍ରରେ ସମବାୟର ସାମାଜିକ ଓ ଅର୍ଥନୈତିକ ଅବଦାନ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ଗ୍ରାମୀଣସ୍ତରରେ ସାଧାରଣ ଲୋକଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଗୁଡିକର ପ୍ରମୁଖ ଭୂମିକା ରହିଛି। ପ୍ୟାକ୍ସରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡି ସେମାନଙ୍କ ଅର୍ଥନୈତିକ ବିକାଶରେ ମାଧ୍ୟମ ହୋଇପାରିଲେ, ଲୋକଙ୍କ ହୃଦୟ ଜିଣିପାରିବେ ବୋଲି ସମବାୟ ସପ୍ତାହ ଅବସରେ ମତପ୍ରକାଶ ପାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ କେନ୍ଦ୍ର (କେସିସିବି) ଆନୁକୂଲ୍ୟରେ ଜିଲାସ୍ତରୀୟ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉତ୍ସବ ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ)ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କେସିସିବି ପରିଚାଳନା କମିଟି ସଭାପତି ଅଭିଷେକ ସିଂସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି, ସମବାୟ ସମିତି ସମୂହ ଉପନିବନ୍ଧକ ଅଲକାନନ୍ଦା ଜେନା, ପରିଚାଳନା ପରିଷଦ ସମ୍ପାଦକ ତଥା କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ସାରଥୀ ଶତପଥୀ, ସହ ନିବନ୍ଧକ ଖୋର୍ଦ୍ଧା ମଣ୍ଡଳ ଭି.ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱାଗତ ଭାଷଣରେ ସମବାୟର ଇତିହାସ ଓ ଭିତ୍ତିଭୂମି ସମ୍ପର୍କରେ ଆଲୋକପାତ କରି କହିଥିଲେ, ଗ୍ରାମୀଣ ଅଞ୍ଚଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ତଥା ରାଜ୍ୟର ଅର୍ଥନୀତିର ମୁଖ୍ୟସ୍ରୋତରେ ସମବାୟ ଏକ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରୁଛି। ୧୯୧୦ରେ ବାଙ୍କୀଠାରେ ପ୍ରଥମେ ସମବାୟ ବ୍ୟାଙ୍କ ଆରମ୍ଭ ହୋଇଥିଲା। ୧୯୧୨ରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସୃଷ୍ଟି। ପୁରୀ ଓ ନୟାଗଡ ଜିଲାର କିଛି ଅଂଶ ଏବଂ ଖୋର୍ଦ୍ଧା ଜିଲା ଅର୍ନ୍ତଭୁକ୍ତ ରହିଛି। ୧୩ଟି କୃଷି ବ୍ୟାଙ୍କ, ୩ଟି ଅତିରିକ୍ତ କେନ୍ଦ୍ର ଏବଂ ୪ଟି ଅଣ କୃଷି ବ୍ୟାଙ୍କ ଶାଖା, ୧୫୭ ସୋସାଇଟିକୁ ନେଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିସୀମା ରହିଛି ବୋଲି ସୂଚନା ଦେଇଛନ୍ତି। ସେହିପରି ସଭାପତିତ୍ୱ ଭାଷଣରେ ସିଂସାମନ୍ତ କହିଥିଲେ, କେସିସିବି ଚାଷୀଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଆସିଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟସ୍ତରୀୟ ଉତ୍ସବରେ ୩ୟ ସ୍ଥାନରେ ପୁରସ୍କୃତ କରାଯାଇଛି। ଉକ୍ତ ପୁରସ୍କାର ଓ ମାନପତ୍ରକୁ ବ୍ୟାଙ୍କ ସଭାପତି ସିଂସାମନ୍ତ ଗ୍ରହଣ କରିଥିଲେ। ମୁଖ୍ୟ ବକ୍ତା ସମବାୟବିତ୍ ବିରଜା ପ୍ରସାଦ ଶତପଥୀ ସାମାଜିକ ଅର୍ଥନୀତି ଅଭିବୃଦ୍ଧି ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ସମବାୟ ସଂସ୍ଥା ସ୍ୱାଧୀନତାର ୭୮ବର୍ଷରେ ଏକ ବଡ କଳ୍ପବୃକ୍ଷରେ ପରିଣତ ହୋଇଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ବେଉରା ସମବାୟ କାର୍ଯ୍ୟରେ ସ୍ୱଚ୍ଛତା, ବିକାଶର ଧାରାକୁ ତୃଣମୂଳ ସ୍ତରରେ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସମବାୟର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ସାମାଜିକ, ଅର୍ଥନୈତିକ ବିକାଶ। ତେଣୁ ସାଧାରଣବର୍ଗର ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିପାରିଲେ, ଦେଶର ସମୃଦ୍ଧିରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ୧୨ଜଣ କନିଷ୍ଠ ଓ ବରିଷ୍ଠ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି ଓ ଉଦ୍ୟାନ କୃଷିରେ ଜିଲାର ୨ଅଗ୍ରଣୀ ଚାଷୀ, ସର୍ବଶ୍ରେଷ୍ଠ ୫ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ସର୍ବଶ୍ରେଷ୍ଠ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ଓ ଭୁବନେଶ୍ୱର ମଣ୍ଡଳର ବଡ଼ ହନ୍ତୁଆଡ ପ୍ୟାକ୍ସ, ମାଝିହରା ପ୍ୟାକ୍ସ, ନୀଳକଣ୍ଠେଶ୍ୱର ଓ ରମଲେଙ୍କା ପ୍ୟାକ୍ସକୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଛି। ୪୦ଜଣ ଅଭିଜ୍ଞ ସମବାୟବିତଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଜ୍ୟୋତିରଞ୍ଜନ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ ଏବଂ ସମସ୍ତ ସୋସାଇଟିର ସଭାପତି, ସମ୍ପାଦକ ଏବଂ ଏସ୍ଏଚ୍‌ଜି ଗ୍ରୁପର ମହିଳାମାନେ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ**

# ରାସ୍ତାରେ ପାଚେରି ନିର୍ମାଣକୁ ବିରୋଧ



ଜଟଣୀ, ୧୮।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେଲୱେ ପ୍ରଶାସନ ପକ୍ଷରୁ ଏକ ରାସ୍ତାରେ ପାଚେରି ନିର୍ମାଣକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସୂଚନା ମୁତାବକ, ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଟାଉନ ହଲ ସମ୍ମୁଖ ଜେଏମ୍ଏଫ୍‌ସି ଏବଂ ଗାନ୍ଧୀ ପାର୍କ ପାର୍ଶ୍ୱ ଦେଇ ଖୋର୍ଦ୍ଧାରୋଡ୍ ଷ୍ଟେଶନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ରେଲୱେ ପ୍ରଶାସନ ସୋମବାର ପାଚେରି ନିର୍ମାଣ କରିବା ପାଇଁ ଆସିଥିଲା। ଖବରପାଇ ସ୍ଥାନୀୟ ଜନସାଧାରଣଙ୍କ ସହିତ ଜଟଣୀ ନଗରପାଳ ଅନନ୍ତ ବେହେରା, ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, କାଉନସିଲର ବିଷ୍ଣୁ ସାହୁ ପ୍ରମୁଖ ପହଞ୍ଚି ପାଚେରିନିର୍ମାଣ ବନ୍ଦ କରିବା ପାଇଁ ରେଲୱେ ଅଧିକାରୀଙ୍କୁ ନିବେଦନ କରିଥିଲେ। ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ଉକ୍ତ ସମସ୍ୟାର ସମାଧାନ ପାଇଁ ଅପରାହ୍ଣରେ ନଗରପାଳ ଏବଂ ଖୋର୍ଦ୍ଧାରୋଡ ମଣ୍ଡଳ ରେଳପ୍ରବନ୍ଧକଙ୍କ ସହିତ ଆଲୋଚନା ହୋଇଥିଲା। ଉକ୍ତ ରାସ୍ତାରେ ସ୍ଥାୟୀ ପାଚେରି ପରିବର୍ତ୍ତେ ଜନସାଧାରଣଙ୍କ ସୁବିଧା ପାଇଁ ଗେଟ୍ ଏବଂ ସିସିଟିଭି ଲଗାଯିବା ନେଇ ଆଲୋଚନାରେ ସ୍ଥିର ହୋଇଛି ବୋଲି ନଗରପାଳ ବେହେରା ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା ଶିବିର



ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ରୋଗୀମାନଙ୍କୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟରତ ଏମ୍ବ ସ୍ୱାସ୍ଥ୍ୟ ଅଧିକାରୀ ଡା. ସସ୍ମିତା ସ୍ୱାଇଁ ଯୋଗଦେଇ ଦିନକୁ ଦିନ ଖାଦ୍ୟପ୍ରଣାଳୀ ବଦଳୁଥିବାରୁ ଏହାର ପ୍ରଭାବ ଶରୀର ଉପରେ ପଡୁଛି। ଫଳରେ ବହୁ ଲୋକ ଡାଇବେଟିସ ଓ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ, ବ୍ୟାୟାମ କରିବା ସହ ୬ରୁ ୭ ଘଣ୍ଟା ଶୋଇବା ଆବଶ୍ୟକ। ନିୟମ ମାନିଲେ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। ଦେବାଶିଷ ନାୟକ, ଶିବବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଚୋରି

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ଅଫିସ୍ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଏକ ସାଉଣ୍ଡ ବକ୍ସ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରାଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସୋମବାର ସକାଳ ୯ଟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣଙ୍କ ଅଫିସ୍ ରୁମ୍ ଖୋଲିବା ବେଳେ ସାଉଣ୍ଡ ବକ୍ସ ନ ଥିବା ଦେଖିଥିଲେ। ସେହି ଘରର ଦ୍ୱିତୀୟ ଦ୍ୱାର କବାଟରେ ପଡ଼ିଥିବା ତାଲା ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ସେ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ।

# ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୧୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କାଳୀଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶୁଭକାନ୍ତ ମହାପାତ୍ର ଏବଂ ସାଗର ବରାଳଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ବିଧାୟକ ପ୍ରଦୀପ ସାହୁ ଉଦ୍‌ଘାଟନ କରିଥିଲେ। ବିଜେଡି ନେତା ମନ୍ମଥ ରାଉତରାୟ, କଲେଜ ପ୍ରତିଷ୍ଠାତା କାଳୀଚରଣ ଜୟସିଂହ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସାମାଜିକ କର୍ମୀ ବଂଶୀଧର ସାହୁ, ସଚିକାନ୍ତ ଷଡ଼ଙ୍ଗୀ, ପ୍ରଭାତୀ ରାଉତରାୟ, ଜୟକୃଷ୍ଣ ଫତେସିଂହ, ସୁରେଶ ସାମନ୍ତରାୟ, ଶ୍ରୀକାନ୍ତ ତ୍ରିପାଠୀ, ଉମାକାନ୍ତ ବିଶ୍ୱାଳପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଖୋର୍ଦ୍ଧା ରକ୍ତଭଣ୍ଡାର ପକ୍ଷରୁ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ, ସୁକାନ୍ତ ବେହେରା, ସୁଶାନ୍ତ ସୁବୁଦ୍ଧି ଓ ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ମିଳିତ ଜନଶୁଣାଣି ଶିବିର**

# ୭୮୫ ଅଭିଯୋଗରୁ ୧୩ ସାମୂହିକ

ବେଗୁନିଆ,୧୮।୧୧
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର(ପରିଛଳ) ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତ ସମିତି ଏବଂ ଗୋବିନ୍ଦପୁର ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ତାପସ ବିସି, ବିଡିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୭୮୫ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୭୫୮ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୧୩ଟି ସାମୂହିକ ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଜଣେ ନିର୍ମାଣ ଶ୍ରମିକଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଲୋକଙ୍କ ହିତରେ ସରକାରଙ୍କ ଦ୍ୱାରା ଗୃହୀତ ବିଭିନ୍ନ ଜନହିତକାରୀ ଯୋଜନା ବାଟବଣା ହୋଇରହିଛି ବୋଲି ଶିବିରରେ ପ୍ରମୁଖ ଅଭିଯୋଗ କରାଯାଇଛି। ଅଯୋଗ୍ୟ ଏବଂ ଧନିକ ବ୍ୟକ୍ତିଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚୁଥିବା ବେଳେ ଗରିବ ଶ୍ରେଣୀର ଲୋକେ ବଞ୍ଚିତ ହେଉଛନ୍ତି ବୋଲି ବହୁ ଅଭିଯୋଗ ହୋଇଥିଲା। ସେହିପରି ବେଗୁନିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଏକ ସପ୍ତାହ ହେବ ଅପହରଣ କରାଯାଇଛି। ନାବାଳିକାଙ୍କ ସମ୍ପର୍କୀୟ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସର ତଦନ୍ତରେ ଶିଥିଳତା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ପ୍ରାଚୀ ପ୍ରତ୍ୟୁଷା ଖଟେଇ ଏବଂ ଜିଲା ଓ ବ୍ଲକସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର ପାହାଡ଼ସିଂହ ଏବଂ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବେଗୁନିଆ,୧୮।୧୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର (ପରିଛଳ) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରକୁ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶୁଭାରମ୍ଭ କରିଥିଲେ। ସେଠାରେ ଜିଲାପାଳ ରାଣା ଗୋମାତାଙ୍କୁ ପୂଜାକରି ସମାଜ ପାଇଁ ଉଦାହରଣ ପାଲଟିଥିଲେ। ପରେ ୮ଟି ପଞ୍ଚାୟତ ଅଞ୍ଚଳର ୧୬୮ ଜଣ ଭିନ୍ନକ୍ଷମଙ୍କୁ ପଞ୍ଜୀକୃତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଭିନ୍ନକ୍ଷମଙ୍କ ଶରୀର ପରୀକ୍ଷା କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ଦୃଷ୍ଟିହୀନ, ଶ୍ରବଣ, ମାନସିକ ଅକ୍ଷମତା ଏବଂ ଶାରୀରିକ ଅକ୍ଷମ ଆଦି ଯୋଗଦେଇଥିଲେ। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସମେତ ବ୍ଲକ ଏବଂ ଜିଲାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ।

# ଚିଲିକା, ଦୟାନଦୀ ଥିଲା ଖୋର୍ଦ୍ଧା ନୌବାଣିଜ୍ୟର ପେଣ୍ଠସ୍ଥଳୀ

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଚିଲିକା ଏବଂ ଦୟାନଦୀ ଥିଲା ଖୋର୍ଦ୍ଧା ଅଞ୍ଚଳରେ ଚାଲିଥିବା ନୌବାଣିଜ୍ୟ କାରବାରର ପ୍ରମୁଖ କେନ୍ଦ୍ର। ଏହି ଚିଲିକାରେ ଦିନେ ଗଢ଼ି ଉଠିଥିଲା ପାଲୁର, ମାଣିକପାଟଣା ଭଳି ଅନ୍ତର୍ଜାତୀୟ ପୋତାଶ୍ରୟ ବୋଲି ଐତିହାସିକ ପତ୍ରିକା ତ୍ରିକଳିଙ୍ଗ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ 'ଖୋର୍ଦ୍ଧା ଜିଲାର ନୌବାଣିଜ୍ୟ ପରମ୍ପରା' ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। କଳାବିନୋଦ ଚେତନା ପରିଷଦର ସଭାପତି ଡ. ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ବିଶ୍ୱାମିତ୍ର ଜନସେବା ଭବନରେ ଏହି ଆଲୋଚନାଚକ୍ରକୁ ବରିଷ୍ଠ ସମାଜସେବୀ ରାମଶଙ୍କର ଉଦ୍‌ଘାଟନ କରିଥିଲେ। ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ଗବେଷକ ଗୋପାଳ କୃଷ୍ଣ ଦାସ, ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ୍ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଡ. ସୁରେଶ ଛୋଟରାୟ, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଖୋର୍ଦ୍ଧା ଜିଲା ନୌବାଣିଜ୍ୟର ପ୍ରମୁଖ କେନ୍ଦ୍ର ଶିଶୁପାଳଗଡ଼, ଗୋଳବାଇ, ତାଳପଡ଼ା, ବଙ୍କାଡ଼ଗଡ଼, ଦୟା, ମଲାଗୁଣି, ପ୍ରାଚୀ, ଶାଳିଆ, ସାପୁଆ ଏବଂ ଗଙ୍ଗୁଆ ନଦୀ ତଟରେ ଚାଲିଥିବା ନୌବାଣିଜ୍ୟ କାରବାର ସମ୍ପର୍କରେ ଆଲୋଚନା କରିଥିଲେ। ଗବେଷକ ଗୋପାଳ କୃଷ୍ଣ ଦାସ ବଙ୍କାଡ଼ଗଡ଼, ପାରିକୁଦ, ବାଣପୁର ଏବଂ ଗୋଳବାଇ ସମେତ ତତ୍କାଳୀନ କଙ୍ଗୋଦ ରାଜ୍ୟର ନୌବାଣିଜ୍ୟ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ର ପରେ ପରେ ନୀଳାଦ୍ରି ଜଗଦ୍ଦେବଙ୍କ ସଂଯୋଜନାରେ କଳିଙ୍ଗ ନୌବାଣିଜ୍ୟ ସମ୍ପର୍କରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ତ୍ରିକଳିଙ୍ଗର ପୁରୀ ଜିଲା ସଂଯୋଜକ କିଶୋର କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ତ୍ରିନାଥ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜଟଣୀ ବାଇପାସ ରୋଡ୍ ସ୍ପିନିଙ୍ଗ ମିଲ୍ କଲୋନୀରେ ତ୍ରିନାଥ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ ପରେ ରବିବାର ଶତାଧିକ ମହିଳା, ପୁରୁଷ ନୂତନ ବସ୍ତ୍ର ପରିଧାନ କରି ସ୍ଥାନୀୟ ପୋଖରୀରୁ ପୂର୍ଣ୍ଣକଳସ ଜଳ ଧରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ହୁଳହୁଳି, ଶଙ୍ଖନାଦ, ମନ୍ତ୍ରଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଦେବୀ ଆବାହନ ପୂର୍ବକ ଅଗ୍ନିସ୍ଥାପନ କରାଯାଇ ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟାଆଳତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ସୋମବାର ସୂର୍ଯ୍ୟପୂଜା, ସାଲପୂଜା ପରେ ବିଧି ଅନୁଯାୟୀ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ସହ ହୋମ ପୂର୍ଣ୍ଣାହୁତି ହୋଇଥିଲା। ଉଦ୍‌ଯାପନୀ ଦିବସରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# କାଣ୍ଡଗାଡ଼ିଆରୁ ନରମାନବୀ ରାସ୍ତାର ଭିତ୍ତିପ୍ରସ୍ତର

**୫.୨୯ କୋଟି ବ୍ୟୟ ମଞ୍ଜୁର**

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପାରିଓରଡ଼ ପଞ୍ଚାୟତ କାଣ୍ଡଗାଡିଆଠାରୁ କୁଞ୍ଜୁରୀ ପଞ୍ଚାୟତର ନରମାନବୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଦ୍ୱାରା ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ୬ କିଲୋମିଟର ୬୦୦ ମିଟର ରାସ୍ତା ନିର୍ମାଣ ପାଇଁ ୫ କୋଟି ୨୯ ଲକ୍ଷ ୫୬ ହଜାର ୨୮୯ ଟଙ୍କା ମଞ୍ଜୁର ହୋଇଛି। ଆସନ୍ତା ୯ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ବିଭାଗୀୟ ନିର୍ଦ୍ଦେଶ ରହିଛି। ପାରିଓରଡ଼ ଛକରୁ ଶତାଧିକ ମହିଳା ଓ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଏମ୍‌ପି ଏବଂ ବିଧାୟକଙ୍କୁ ସଭାସ୍ଥଳକୁ ନେଇଥିଲେ। ଏହି ରାସ୍ତା ନିର୍ମାଣ ହେବା ପରେ ପାରିଓରଡ଼, ଟୁଟୁମ୍ବରପଲ୍ଲୀ, କାଣ୍ଡଗାଡ଼ିଆ, କମ୍ପୁଆ, ସିଙ୍ଗରମା, ପଣସପୁର, ନରମାନବୀ ଗ୍ରାମର ଜନସାଧାରଣ ଉପକୃତ ହେବେ। ଏହି ଅଞ୍ଚଳର ଜନସାଧାରଣ ଅମଳ କରୁଥିବା କୃଷିଜାତ ଫସଲକୁ ସୁବିଧାରେ ବଜାରକୁ ସ୍ଥାନାନ୍ତର କରିପାରିବେ। ଫଳରେ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ। ସମାଜସେବୀ ଲଲାଟ କେଶରୀ ମଙ୍ଗରାଜ, ସୁବାସ ଚନ୍ଦ୍ର ପ୍ରଧାନ, ପାରିଓରଡ ସରପଞ୍ଚ, ସମିତିସଭ୍ୟ, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, କୁହୁଡ଼ି ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ବିଭାଗୀୟ ଟାଙ୍ଗୀ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟଚନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ଟ୍ରାଇସାଇକେଲ, ୮ ଜଣଙ୍କୁ ହୁଇଲ ଚେୟାର, ୮ ଜଣଙ୍କୁ କଲିପେନସ ବଣ୍ଟନ କରାଯାଇଥିଲା। ୩୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉପକରଣ ଯୋଗାଇଦେବା ଲାଗି ମାପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁଷ୍ପାମିତ୍ରା ମିଶ୍ର ସଂଯୋଜନା କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁକ୍ତା ବେହେରା, ରିସୋର୍ସ ପର୍ସନ ରୋଜାଲିନ ମିଶ୍ର, ହୃଷୀକେଶ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବଳରାମ ବେହେରା, ସହଦେବ ବେହେରାଙ୍କ ସମେତ ସିଆର୍‌ସିସି ସହଯୋଗ କରିଥିଲେ।

# କାର୍ ଧକ୍କାରେ ସାଇକେଲ ଚାଳକ ମୃତ, ରାସ୍ତାରୋକୋ

ବାଣପୁର, ୧୮।୧୧ (ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅଧୀନ ମଠପାଟଣା ଛକଠାରେ ସୋମବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଠପାଟଣା ଗ୍ରାମର ବିଭୂତି ପଟ୍ଟଯୋଶୀ(୫୮)। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ, ମଠପାଟଣା ଗ୍ରାମର ବିଭୂତି ବାଲୁଗାଁରେ ଏକ ଔଷଧ ଦୋକାନରେ କାମ କରନ୍ତି। ପ୍ରତ୍ୟେକ ଦିନ ଭଳି ସୋମବାର ଅପରାହ୍ଣରେ ଘରେ ଖାଇ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱରପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥଲା। ଫଳରେ ବିଭୂତି ତଳେ ପଡ଼ିଯିବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସ୍ଥାନୀୟ ଲୋକେ ଓ ଗ୍ରାମବାସୀ ମୃତକଙ୍କୁ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକା କରିଥିଲେ। ଫଳରେ ଉଭୟ ପଟରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଜେବ୍ରା କ୍ରସିଂ ନିର୍ମାଣ ସହ ଷ୍ଟ୍ରିଟ୍ ଲାଇଟ ଲଗାଇବା ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ତହସିଲଦାର ଟି. ପଦ୍ମନାଭ ଦୋରା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା, ରେଡ୍‌କ୍ରସରୁ ସହାୟତା ପାଇଁ ଘୋଷଣା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।


କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ୍

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରୁଟିକା ସମାଜ ମଙ୍ଗଳ ସଂଗଠନର କର୍ମକର୍ତ୍ତା ଓ ଚନ୍ଦ୍ରଶେଖରପୁର ଥାନା ପୋଲିସ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳର ଏକ ହୋଟେଲରେ ସୋମବାର ଚଢ଼ାଉ କରି ଜଣେ ୧୧ ବର୍ଷର ଶିଶୁଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଏନେଇ ସଂଗଠନ ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଏତଲା ହୋଇଥିବା ସୂଚନା ଦିଆଯାଇଛି। ଶିଶୁଟିର କହିବା ଅନୁଯାୟୀ, ତାଙ୍କ ଘର ପୁରୀ ଜିଲା କାକଟପୁର ଅଞ୍ଚଳରେ। ତାଙ୍କ ପରିବାର ଶୈଳଶ୍ରୀ ବିହାରସ୍ଥିତ ଏକ ବସ୍ତିରେ ରହୁଛନ୍ତି। କିଛିଦିନ ତଳେ ତାଙ୍କ ବାପା ପରିବାର ଛାଡ଼ି ପଳାଇଯିବା ପରେ ସେ ଉକ୍ତ ହୋଟେଲରେ ପ୍ରାୟ ତିନି ମାସ ହେବ କାମ କରୁଛନ୍ତି। ପିଲାଟିକୁ ଉଦ୍ଧାର କରି ରୁଟିକାର କର୍ମକର୍ତ୍ତାମାନେ ଅତିରିକ୍ତ ଶିଶୁ କଲ୍ୟାଣ ସମିତି ନିକଟରେ ହାଜର କରାଇଛନ୍ତି। ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶକ୍ରମେ ପିଲାଟିକୁ ରୁଟିକା ଓପନ ସେଲ୍ଟରକୁ ପଠାଇ ଦିଆଯାଇଛି।

# 'ଭାରତ ଶ୍ରେଷ୍ଠତା ପାଇଁ ସମୂହ ପ୍ରୟାସ ଜରୁରୀ'

**ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା**

**ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଜାତୀୟସ୍ତରକୁ ଉନ୍ନୀତ**

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତ ଓ କଳିଙ୍ଗ ଶାଖାର ସହଯୋଗରେ କିଟ୍ କ୍ୟାମ୍ପସ ସ୍ଥିତ କିମ୍ସ ଅଡିଟୋରିଅମରେ ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ, ଆଧୁନିକ ଯୁଗରେ ଆମ ସଂସ୍କୃତିକୁ ଆହୁରି ଆଗକୁ ନେବା। ଭାରତ କିପରି ବିଶ୍ୱରେ ଶ୍ରେଷ୍ଠ ହେବ ସେ ନେଇ ସମସ୍ତେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହକ୍ଷେତ୍ରୀୟ ପ୍ରଚାରକ ଜଗଦୀଶ ଖାଡେଙ୍ଗା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବକ୍ଷେତ୍ରର ଅଧକ୍ଷା ସୁମନ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପୂର୍ବପ୍ରାନ୍ତର ଅଧକ୍ଷ ସତ୍ୟବାଦୀ ଦାସ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ବିଷୟରେ ପିଲାଙ୍କୁ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତାରେ ଭାରତର ପୂର୍ବକ୍ଷେତ୍ରର ୭ଟି ପ୍ରାନ୍ତରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୂର୍ବକ୍ଷେତ୍ରୀୟ ସଂସ୍କୃତ, ହିନ୍ଦୀ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାରେ ଓଡ଼ିଶା ସମେତ କୋଲକାତା, ଝାଡ଼ଖଣ୍ଡର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରି ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଭୁବନେଶ୍ୱର ଚାମ୍ପିୟନ ହୋଇ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛି। ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର ସଂଯୁକ୍ତ କ୍ଷେତ୍ରୀୟ ମହାସଚିବ ସୁଭାଶିଷ କର, ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଡ. ବିଜୟଲକ୍ଷ୍ମୀ ସାହୁ ଏବଂ କ୍ଷେତ୍ରୀୟ ମହିଳା ସହଭାଗିତା ସଚିବ ସୁପ୍ରୀତି ରଥଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ନୃସିଂହନାଥ ନନ୍ଦ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ଅର୍ଥ ସଚିବ ନରସିଂହ ମିଶ୍ର, ପ୍ରାନ୍ତ ମିଡିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ପ୍ରାନ୍ତ ସଂସ୍କାର ସଚିବ ପ୍ରୀତି ପ୍ରତିଭା ଭୋଳ, ପ୍ରାନ୍ତ ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ, ପ୍ରାନ୍ତ ମହିଳା ସହଭାଗିତା ସଚିବ ବିଜୟନନ୍ଦିନୀ ଦୁବେ, କଳିଙ୍ଗ ଶାଖାର ଉପସଭାପତି ବ୍ରଜ ଗୋପାଳ ରାୟ, ଜିତେନ୍ଦ୍ର କୁମାର ଦାସ, ଧିରେନ୍ଦ୍ର ସ୍ୱାଇଁ, ଅଜୟ କର, ଅଶୋକ ପାତ୍ର, ପ୍ରଦୀପ୍ତ କୁମାର ପାତ୍ର ଏବଂ କଳିଙ୍ଗ ଶାଖାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଓଡ଼ିଶା ପୂର୍ବ ପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଘର ଦେଖାଇବା ଆଳରେ ବନ୍ଧୁକ ମୁନରେ ଲୁଟ୍

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)

ଜଣେ ଯୁବକଙ୍କୁ ଭଡ଼ାଘର ଦେଖାଇବା ଆଳରେ ଡାକି ନିସ୍ଥୁକ ମାଡ଼ ମାରିବା ସହ ବନ୍ଧୁକ ମୁନରେ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଲୁଟ୍‌ର ଶିକାର କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ହଳଦିଆ ଗାଁର ଚନ୍ଦନ ଲେଙ୍କା ସୋମବାର ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଚନ୍ଦନ ଏକ ହୋଟେଲରେ କାମ କରିବା ସହ ଚକେଇସିଆଣିରେ ରହୁଛନ୍ତି। ସେ ଘରଭଡ଼ା ପାଇଁ ଏକ ଆପ୍‌ରେ ଖୋଜାଖୋଜି କରୁଥିଲେ। ଉକ୍ତ ଆପ୍ ମାଧ୍ୟମରେ ସତ୍ୟନଗର ମଶାଣି ପଛପଟେ ଥିବା ବସ୍ତିର ଜଣେ ଯୁବକଙ୍କ ସହ ତାଙ୍କର ଯୋଗାଯୋଗ ହୋଇଥିଲା। ରବିବାର ରାତିରେ ଘର ଦେଖିବାକୁ ଯୁବକ ଜଣଙ୍କ କହିବାରୁ ଚନ୍ଦନ ରାଜି ହୋଇଥିଲେ। ପରେ ଯୁବକଙ୍କ କହିବା ଅନୁଯାୟୀ ଚନ୍ଦନ ସତ୍ୟନଗର ମଶାଣି ପାଖକୁ ଯାଇ କାଳୀମନ୍ଦିର ଗଳିପଛପଟେ ଏକ ବସ୍ତିର ଏକ ଘର ଦେଖିବାକୁ ଯାଇଥିଲେ। ଉକ୍ତ ଘର ମାସକୁ ୩ ହଜାର ଟଙ୍କା ହେବ ବୋଲି କହି ଯୁବକ ଜଣଙ୍କ ଚନ୍ଦନଙ୍କୁ ତା' ଭିତରକୁ ନେଇଥିଲେ। ପରେ ଘରର କବାଟ ବନ୍ଦ କରି ଅଭିଯୁକ୍ତ ଜଣଙ୍କ ଅନ୍ୟ ୪ ସହଯୋଗୀଙ୍କ ସହ ଚନ୍ଦନଙ୍କୁ କାବୁ କରି ନେଇଥିଲେ। ସେମାନେ ବନ୍ଧୁକ ମୁଣ୍ଡରେ ଲଗାଇ ତାଙ୍କ ପାଖରୁ ମନିପର୍ସରେ ଥିବା ୨୫୦୦ ଟଙ୍କା ଓ ରୁପା ବ୍ରେସଲେଟ୍ ନେଇଯାଇଥିଲେ। ଏଥିସହ ସେମାନେ ଚନ୍ଦନଙ୍କ ଡେବିଟ୍ ଏଟିଏମ୍ ପାସ୍‌ୱାର୍ଡ ମାଗିଥିଲେ। ଚନ୍ଦନ ସେମାନଙ୍କ କବଳରୁ ଖସିବାକୁ ଉଦ୍ୟମ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ସାଙ୍ଗମାନେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ବୋଲି ଚନ୍ଦନ ଏତଲାରେ ଦର୍ଶାଇଛନ୍ତି।

# ୧ରୁ କୋଣାର୍କ ଉତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

କୋଣାର୍କ, ୧୮।୧୧(ଜ୍ୟୋତିରାଜ ମହାନ୍ତି)

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଟିଡିସି ପକ୍ଷରୁ ଡିସେମ୍ବର ୧ରୁ ୫ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ୩୫ତମ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାରେ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଓଡ଼ିଶୀ, କୁଚୁପୁଡ଼ି, କଥକ, ମୋହିନୀଆଟ୍ଟମ, ମଣିପୁରୀ, ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନ ହେବ। ଚନ୍ଦ୍ରଭାଗା ବେଳାଭୂମିରେ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ ବାଲୁକା ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ ହେବ। ସେହିଭଳି ହେଲିପ୍ୟାଡ଼ରେ ୩ଟି ଅପେରା ପାର୍ଟି, ମୀନ ବଜାରରେ ୫୦୦ ଷ୍ଟଲ ପଡ଼ିବ। ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଆଲୋକ ବ୍ୟବସ୍ଥା, ରାସ୍ତା ମରାମତି, ଏଏସ୍‌ଆଇ ଆଦି ବିଭିନ୍ନ ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂର୍ଯ୍ୟ ମନ୍ଦିର ଓ ନବଗ୍ରହ ରାସ୍ତା ଜବରଦଖଲକାରୀ ଓ ଇକୋ ରିଟ୍ରିଟ୍ ନିକଟରେ ଉଚ୍ଛେଦ କରିବାକୁ ଜିଲାପାଳ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ କୋଣାର୍କ ଉତ୍ସବ ସହିତ ଜଡିତ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସମୀର ଦେଙ୍କୁ ଶ୍ରଦ୍ଧାଞ୍ଜଳି

## କଟକ ମହନଗରକୁ ଆଧୁନିକରଣ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା: ମନମୋହନ



ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସମୀର ଦେଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସମୀର ଦେଙ୍କ ପାର୍ଥିବ ଶରୀରକୁ ଶେଷ ସମ୍ମାନ ଜଣାଇ ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ସ୍ୱର୍ଗତଃ ଦେ ୧୯୯୫, ୨୦୦୦, ୨୦୦୪ରେ କଟକ ନିର୍ବାଚନମଣ୍ଡଳୀରୁ ଲଗାତର ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ୨୦୦୦ରୁ ୨୦୦୪ ନଗର ଉନ୍ନୟନ ମନ୍ତ୍ରୀ ଓ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କଟକ ମହନଗରକୁ ଆଧୁନିକରଣ କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସ୍ୱର୍ଗତଃ ଦେଙ୍କ ପାର୍ଥିବ ଶରୀରକୁ କଟକସ୍ଥିତ ବାସଭବନରେ ରାଷ୍ଟ୍ରୀୟ ମାର୍ଯ୍ୟାଦା ସହିତ ସମ୍ମାନ ଜଣାଇବା ପରେ ଭୁବନେଶ୍ୱରକୁ ଅଣାଯାଇଥିଲା। ପ୍ରଥମେ ବିଧାନସଭା ପହଞ୍ଚିବା ପରେ ସେଠାରେ ଉପସ୍ଥିତ ବାଚସ୍ପତି, ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟବୃନ୍ଦ, ବିଧାୟକ ଓ ବିଧାୟିକାବୃନ୍ଦଙ୍କ ଅନେକ ବିଶେଷ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଏହାପରେ ସ୍ୱର୍ଗତଃ ଦେଙ୍କ ପାର୍ଥୀବ ଶରୀରକୁ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଉପସ୍ଥିତ ରାଜ୍ୟ ସଭାପତି, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତ୍ରୀ ସଞ୍ଚିତା ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସମେତ ଅନେକ ନେତୃବୃନ୍ଦ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

# ଗର୍ଭାଶୟ କର୍କଟର ମୂଳୋତ୍ପାଟନ ଦିବସ



ଭୁବନେଶ୍ୱର, ୧୮।୧୧ (ସୌମ୍ୟରଞ୍ଜନ ରାଉତ) – ରାଜରାଣୀ ମନ୍ଦିର ପରିସରରେ ଗର୍ଭାଶୟ କର୍କଟ ମୂଳୋତ୍ପାଟନ ଦିବସ ପାଳିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମହିଳାଙ୍କ କ୍ଷେତ୍ରରେ ବହୁଳ ଭାବେ ଦେଖାଦେଉଥିବା ସର୍ଭିକାଲ କ୍ୟାନ୍‌ସର ବା ଗର୍ଭାଶୟ କର୍କଟକୁ ନେଇ ସଚେତନ ସୃଷ୍ଟି ଉପରେ ଆଲୋଚନାଚକ୍ରରେ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ. ରବି ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ରୋଜାଲିନ ପାଟଶାଣୀ, ସମ୍ମାନିତ ବକ୍ତା ଭାବେ ଡାକ୍ତର ପ୍ରଶାନ୍ତ ପରିଡା, ମୁଖ୍ୟ ବକ୍ତା ଭାବେ ଡାକ୍ତର ଭାଗ୍ୟଲକ୍ଷ୍ମୀ ନାୟକ ଯୋଗ ଦେଇ ଗର୍ଭାଶୟ କର୍କଟ ରୋଗର କାରଣ, ନିରାକରଣ ଏବଂ ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। କ୍ରିଆ ଫାଉଣ୍ଡେଶନର ଚେୟାରପର୍ସନ ଲିଲି ଜେନାମଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିତେନ୍ଦ୍ର ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ପରିଦର୍ଶନ କଲେ ବାଙ୍କୀ ବିଧାୟକ

ତ୍ରିଶୂଳିଆ, ୧୮।୧୧(ତୁଷାରକାନ୍ତ ବେହେରା): ବାରଙ୍ଗ ବ୍ଲକ ଅଧୀନ ୩୨ନଂ. ଜୋନ୍‌ର ୮ ପଞ୍ଚାୟତରେ ପୂଜା ପାଉଥିବା ବିଭିନ୍ନ କାର୍ତ୍ତିକେଶ୍ୱର ପୂଜା ମଣ୍ଡପକୁ ସୋମବାର ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବୁଲି ଦେଖିଛନ୍ତି। ତାଙ୍କ ସହ ବାରଙ୍ଗ ବ୍ଲକ ବିଜେଡି ସଭାପତି ଅଶୋକ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ରାମାକାନ୍ତ ରାଉତ, ବାରଙ୍ଗ ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ, ରଞ୍ଜିତ ବିଶୋଇ, ସମିତି ସଭ୍ୟ ନାରାୟଣ ସେନାପତି, ପ୍ରହଲ୍ଲାଦ ରାଉତ ଓ ପବିତ୍ର ମୋହନ ପ୍ରଧାନଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବାରଙ୍ଗରେ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ମହୋତ୍ସବରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।


**CAPITAL REGION URBAN TRANSPORT**
Govt. Of Odisha
Plot No. 548/1452, Kalarahanga , Patia,Bhubaneswar-751031,Odisha,
Phone No. 0674-3501580, E-Mail Id:-crutbbsr@gmail.com

No.3234 — NOTICE INVITING TENDER (NIT) — Date:14.11.2024
BID IDENTIFICATION No.3234/G.M (Engg.)/CRUT/2024-25

No.C-1024:General Manager (Engg.), CRUT, Bhubaneswar on behalf of Managing Director, CRUT invites Percentage Rate bids in DOUBLE COVER SYSTEM for the construction of works as detailed in the table, from the class of eligible contractors as mentioned in column-5 (five) registered with the State Government and contractors of equivalent Grades/ Class Registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the Bid. If successful the bidder who has not registered under state government has to register under the State Government of Odisha in appropriate class of eligibility before signing of the agreement.
The bidders may submit bids for the following work through 'e'-Tendering only.

| Sl. No. | Name of Work | Approximate value of work (Rs. in Amount) Excluding GST | Time of Completion | Class of Contrac-tor | Bid Security | Cost of document (in Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of 153 Nos. of Bus Pole at Cuttack, Odisha | Rs.78,85,620.00 | 03 (Three) Calendar Months | 'B' Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |
| 2 | Construction of Service Pit & Washing Bay at Haladipadar, Berhampur, Ganjam, Odisha | Rs.69,47,179.00 | 03 (Three) Calendar Months | 'B' Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |
| 3 | Upgradation of Bus Depot including additional works at Naraj, Cuttack, Odisha | Rs.1,75,64,680.00 | 06 (Six) Calendar Months | 'B' & 'A' Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |

1. The Bid documents will be available in the website http://tendersodisha.gov.in from 22/11/2024 to 5.30 P.M. of 09/12/2024. 2. All Corrigendum and Addendum will be published in the website only. 3. Other details can be seen in the bidding documents.
Sd./-GM, Engineering on behalf of Managing Director,
Capital Region Urban Transport (CRUT)
OIPR-13183/11/0010/2425



**WATCO**
**OFFICE OF THE MANAGING DIRECTOR, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: watcoodisha@gmail.com

No.C-1027 INVITATION FOR BID (IFB)
Bid Idenification No. WATCO (W)-14/2024-25, Dtd.14.11.2024
WATCO No.7526, Date:14.11.2024

1. Name of the Work : (1) Laying of 300mm dia- 3000 mtrs rising main Jawahar Nagar to Timber Colony. (2) Provision of Drink from Tap & 24x7 water supply to Chandan Nagar & its adjoining areas of Sambalpur Town.
2. Estimated Cost : (1) Rs.316.40 Lakh, (2) Rs.393.76 Lakh
3. Period of Completion : 06 (Six), 06 (Six) Months
4. Date & Time of availability of bid document in the portal: From 11.00 AM of Dt.25.11.2024 to 5.00 PM of 09.12.2024.
5. Last date/time of receipt of bids in the portal: 5.00 PM of 09.12.2024.
6. Date & Time of opening of technical bids: 12.30 PM of 10.12.2024.
7. Name and address of the Officer Inviting Bid: MD, WATCO, Telefax:- 0674-2391444, E-Mail: watcoodisha@gmail.com.
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
Sd./- (Managing Director)
WATCO
OIPR-13194/11/0022/2425



Odisha Tourism
Paryatan Bhawan, Lewis Road
Bhubaneswar-751014
Fax No.+91 674 2430887
E-mail:info@odishatourism.gov.in
ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର-୭୫୧୦୧୪
ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department

No.8625/TSM, Bhubaneswar, Dated 18.11.24
TCT-TSP-FEST-0011-2022

**REQUEST FOR PROPOSAL (RFP) FOR SELECTION OF OPERATOR(S) FOR OPERATION AND MANAGEMENT (O&M) OF RESTAURANT CUM BEACH SHACK AT RAMCHANDI BEACH AREA ON OPERATIONAL CONTRACT BASIS**

No.R-04:Department of Tourism (DoT) invites proposals from prospective applicant(s) for 'Request for Proposal (RFP) for Selection of Operator(s) for Operation and Management (O&M) of Restaurant cum Beach Shack at Ramchandi Beach Area on Operational Contract Basis' in accordance with the conditions and manner prescribed in the Request for Proposal (RFP) document.

The Proposals should be submitted by interested applicant(s) to the Director, Tourism, Paryatan Bhawan, Lewis Road, Bhubaneswar-751014 on or before 04.12.2024 upto 15.00 Hrs. Detailed terms of the RFP may be downloaded from our website: https://odishatourism.gov.in/content/tourism/en/dot/quickLinks/tender.html.

Sd./- Spl. Secretary to Govt.
OIPR-37001/11/0006/2425



**GOVERNMENT OF ODISHA** No.O-658
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail:sencrwangul@yahoo.co.in, Ph:06764-236404
No.2749// Dt.14.11.24
**NOTICE INVITING TENDER FOR CUVDA ROAD WORKS IN ODISHA**
Bid Identification No. Road Online AGL-12/2024-25

1.Name of the Work : Road Works, 2. Total No. of Work: 13 No. 3. Estimated Cost: Rs.434.17 to 1125.00 Lakhs, 4. Class of Contractor: As per Annexure, 5. Period of Completion: As per Annexure, 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online-AGL-12/ 2024-25 | 21.11.24 at 10.00 A.M. | 05.12.24 upto 5.00 PM | 04.12.24 upto 1.00 P.M. | 06.12.24 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
OIPR-25180/11/0014/2425
Sd./- Chief Engineer, Rural Works Circle, Angul



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**
No.A-572: 'e' Procurement Notice No. ACECIC-06/2024-25

| Procure-ment Officer | Bid Identifica-tion No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contrac-tor | Bid documents available online for bidding | | Date of opening of Technical Bid | Period of Comple-tion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhu-baneswar | PID-03/ 2024-25 | Cement Concrete Lining of Budhanga Distributary from RD. 7.500 Km to 15.00 Km | 815.76 | 815800/- (Online) | 10000/- (Online) | "A" & "Special" Class | 21.11.2024 At 10.00 Hours | 05.12.2024 At 17.00 Hours | 06.12.2024 At 11.00 Hours | 12 (Twelve) Calendar Months) |
| | KID-01/ 2024-25 | Improvement of Left Main Canal from RD.0.0 Km to 6.850 Km & Barada Sub-Minor from 0.0 Km to 3.370 Km of Rajua Diversion Weir Project | 177.50 | 177600/- (Online) | 10000/- (Online) | "B" & "A" Class | 21.11.2024 At 10.00 Hours | 05.12.2024 At 17.00 Hours | 06.12.2024 At 11.00 Hours | 11 (Eleven) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0006/2425
Sd./- Additional Chief Engineer, Central Irrigation Circle



**ZILLA SWASTHYA SAMITI, DHENKANAL**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
Notice No. 3437 Date: 18.11.24

No. E-504: Sealed tenders invited from reputed Firm/Company/Society/Trust for services of Housekeeping, Security and Mechanized Laundry Services under Nirmal Scheme in the District. The details regarding application format, terms and conditions of the tender may be downloaded from district website i.e. **www.dhenkanal.nic.in**. The tender will reach the office of the undersigned latest by 09.12.2024 05.30 P.M. through Speed Post/Registered Post/Courier only. The tender will be opened on 10.12.2024 at 10.30 A.M. in the office of the undersigned in the presence of bidders/authorized representatives of the bidders. The undersigned is not responsible for any kind of postal delay and reserves all the right to cancel any or all the tender at any stage of selection/finalization process without assigning any reasons thereof. Any typographical error may be exempted.

Sd./- CDM & PHO-cum-District Mission Director, Dhenkanal
OIPR-10059/11/0008/2425



**GOVERNMENT OF ODISHA** No.N-132
**DEPARTMENT OF HIGHER EDUCATION**
**EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2024-25**

| Sl. No. | Scheme & Sub-Scheme | | Extended dateline for submission of online application by students | Extended dateline for validation of scholarship application by Heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG Merit | No extension | 06.12.2024 |
| 2 | | PG Merit | No extension | 06.12.2024 |
| 3 | | Technical & Professional Merit | 29.11.2024 | 06.12.2024 |
| 4 | Gopabandhu Sikhya Sahayata Yojana | | 29.11.2024 | 06.12.2024 (also at DWO level) |

In case of any problem faced by the Students or Institutes at the time of online application or online validation respectively in the State Scholarship Portal, they may take the help of helpline, Higher Education Department-i) 0674 (2396550), ii) 0674 (2323401), iii) 0674 (2323402), iv) 0674 (2323403), v) 0674 (2323404), (on all working days from 10.30 AM to 5.30 PM) or e-mail on scholarshiphed @gmail.com

OIPR-11001/11/0035/2425
Sd./- Joint Secretary to Government



**GOVERNMENT OF ODISHA** No.A-564:
**OFFICE OF THE CHIEF CONSTRUCTION ENGINEER**
**ANANDAPUR BARRAGE PROJECT, SALAPADA**
(E-mail Id: cceabp@gmail.com)
**E-Procurement Notice No.CCEABP-05 of 2024-25**

| E-Procure-ment Officer | Name of the Work | Bid Id No. | Tender Cost in Lakhs (Appx) | Bid Security (Online) | Cost of Bid document (Online) | Class of Contractor | Period of Comple-tion | Availability of tender online for bidding | | Date of Opening of technical bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Constru-ction Engineer, A.B. Project, Salapada | Protection to eroded slope of left bank in the U/S of Anandapur Barrage near village Sadangi and bank protection near Padmapur and restoration of disturbed protected banks on both sides. | ABP-ABD-01/05 of 2024-25 | 4568.00 | 45,68,000/- | 10,000/- | Spl & Super Class | 12 Calendar Months | 21.11.24 11.30 AM | 11.12.24 5.00 PM | 12.12.24 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.
Sd./- Chief Construction Engineer, Anandapur Barrage Project, Salapada
OIPR-32068/11/0006/2425

# ଧାନ ସଂଗ୍ରହରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ**

- ଡିସେମ୍ବର ୩୧ରୁ ୧୫୪ କେନ୍ଦ୍ରରେ କିଣାଯିବ
- ୧୨.୪୦ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ହେବ
- ରେଜିଷ୍ଟ୍ରାର ତଥ୍ୟ, ଚାଷୀଙ୍କ ତାଲିକା ଲାଗିବ

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଖରିଫ ଋତୁ ଧାନ ସଂଗହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୩୧ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିବ। ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ସୁଗୁତା ମୁର୍ମୁ ବୈଠକ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲାର ୧୦ଟି ବ୍ଲକର ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଏବଂ ୧୫ଟି ଉପକେନ୍ଦ୍ର ମୋଟ ୧୫୪ଟି ସ୍ଥାନରେ ଖରିଫ ଧାନ ସଂଗ୍ରହ କରାଯିବ। ଧାନ ବିକ୍ରୟ ନିମନ୍ତେ ଜିଲାରେ ୫୧ହଜାର,୧୫୧ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୪୯ ହଜାର ୦୦୯ ଚାଷୀଙ୍କ ପଞ୍ଜୀକରଣ ବୈଧ ରହିଛି। ଚଳିତ ଖରିଫ ଋତୁରେ ୧୨ ଲକ୍ଷ ୪୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆବଶ୍ୟକ ଅନୁସାରେ ଏହାର ପରିମାଣ ବଢ଼ାଯିବ। ଜିଲାର ୧୫ଜଣ ମିଲର୍ ଧାନ ସଂଗ୍ରହରେ ଅଂଶଗ୍ରହଣ କରିଛନ୍ତି ବୋଲି ସିଏସ୍‌ଓ କହିଛନ୍ତି।

ଧାନ ସଂଗ୍ରହରେ ସମ୍ପୂର୍ଣ୍ଣଭାବେ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଏଥିନିମନ୍ତେ ସମବାୟ ସମିତି ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ଧାନମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ ପାଇଁ ବ୍ୟବସ୍ଥା କରାଯିବ। ରେଜିଷ୍ଟ୍ରାରରେ ମାନ ଯାଞ୍ଚ ତଥ୍ୟ ଏବଂ ଚାଷୀଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ ଏବଂ ଅସାଧୁ ବ୍ୟକ୍ତି ଧାନ ସଂଗ୍ରହରେ ହସ୍ତକ୍ଷେପ ନ କରନ୍ତି ତଥା ମଣ୍ଡିକୁ ଦଲାଲ ମୁକ୍ତ, ଚାଷୀଙ୍କୁ ପର୍ଯ୍ୟାପ୍ତମାତ୍ରାରେ ଖୋଟ ଅଖା ଯୋଗାଇଦେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳ ରାଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଏସିଏସ୍‌ଓ ଜୟନ୍ତ ଦାଶଙ୍କ ସମେତ ଜିଲା ମୁଖ୍ୟ କୃଷି ଅଧିକାରୀ, ସମବାୟ ସମିତି କର୍ତ୍ତୃପକ୍ଷ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ମିଲର ଏବଂ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହଳଦିଆ ପ୍ରିମିୟର ଲିଗ୍: ଶନିଦେବ ଗେମ ଚେଞ୍ଜର ଚାମ୍ପିୟନ

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ନିକଟ ହଳଦିଆଗଡ଼ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ହଳଦିଆ ପ୍ରିମିୟର ଲିଗ-୨୦୨୪ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗ୍ୟାଙ୍ଗଷ୍ଟାର ଇଲେଭେନ ଟିମ୍‌କୁ ୧୦ରନରେ ହରାଇ ଶନିଦେବ ଗେମ ଚେଞ୍ଜର ଟିମ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୫ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଶନିଦେବ ଗେମ ଚେଞ୍ଜର ଟିମ୍‌ର ଖେଳାଳି ନୃସିଂହ ଚରଣ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଗ୍ୟାଙ୍ଗଷ୍ଟାର ଇଲେଭେନ ଟିମ୍‌ର ଖେଳାଳି ଅମିତ ଲେଙ୍କା ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ସ୍ୱରାଜ ମାୟାଧର, ଅରୁଣାଭ ଭଞ୍ଜଦେଓ, ବିଭୂତି ଭୂଷଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଟୁର୍ନାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିକାଶ ସାହୁ, କଳ୍ପବଟ ମହାପାତ୍ର, ସୌମ୍ୟରଞ୍ଜନ ପ୍ରଧାନ, ଶାନ୍ତନୁ କୁମାର ସାହୁ, କୁନମୁନ ସ୍ୱାଇଁ, ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଭଜନ ସମାରୋହ

କୃଷ୍ଣପ୍ରସାଦ,୧୮।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତର ବଜାରରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ହନୁମାନ କଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୨ତମ ବାର୍ଷିକ ବ୍ଲକସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦେବାଶିଷ ପାତ୍ର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବଜାର କମିଟି ସଭାପତି ଅଜୟ କୁମାର ସ୍ୱାଇଁ, ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ବ୍ୟକ୍ତି ପ୍ରତାପ ଚନ୍ଦ୍ର ପଣ୍ଡା, କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ସ୍ଥାନରୁ ୩୫ଜଣ କଳାକାର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଏବଂ କନିଷ୍ଠ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟବସାୟୀ ବବୁଲ କୁମାର ପଲେଇ ଉପସ୍ଥାପନା କରିଥିଲେ।

### ଜିଲ୍ଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା

ନିରାକାରପୁର,୧୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଯଦୁମଣି ଦାଶ ସ୍ମାରକୀ ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା ରବିବାର ସ୍ଥାନୀୟ ବସଷ୍ଟାଣ୍ଡଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂ ଉଦ୍‌ଘାଟନ କରିଥିଲେ। ମୋଟ୍ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଟୁଲୁ ମହାରଣା, ଲିଙ୍ଗରାଜ ପ୍ରଧାନ, ମାନସ ମଙ୍ଗରାଜ, ଜିତେନ୍ଦ୍ର ପ୍ରଧାନ, ସଞ୍ଜୟ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ କ୍ୟାମ୍ବୋରିରେ ଯୋଗଦେବେ ୧୩୦ ବିଦ୍ୟାର୍ଥୀ



ବୋଲଗଡ଼,୧୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରସ୍ତୁତି ବୈଠକ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ଯାଜ୍ଞସେନୀ ସାହୁ ଏବଂ ସମ୍ପାଦକ ପ୍ରମୋଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଉଦ୍‌ଘାଟନୀ ବୈଠକରେ ବ୍ଲକ କମିଶନର ଗୋକୁଳ ଚନ୍ଦ୍ର ବଳବନ୍ତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲାର ପୂର୍ବତନ ସ୍କାଉଟ କମିଶନର ପୀତବାସ ପଟ୍ଟନାୟକ ଯୋଗଦେଇ ହୁଇସିଲର ବ୍ୟବହାର, ସାଲ୍ୟୁଟ କରିବା ପଦ୍ଧତି, ବ୍ୟାଜ ଓ ଟୋପି ପରିଧାନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସମାନଙ୍କୁ ସହସମ୍ପାଦକ ମିହିର ଭୋଇ ଓ ସୀତା ସୋରେନ ଓଗଲ ବାନ୍ଧିବା ଶିଖାଇଥିଲେ। ପରେ ଜିଲା କ୍ୟାମ୍ବୋରୀ ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକ, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନେ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ପ୍ରଦର୍ଶନ ଦେଖି ଚୟନ କରିଥିଲେ। ଅମିୟ ମଙ୍ଗରାଜ ଏବଂ ଶେଷି ପଟାଙ୍ଗି ମାର୍ଚ୍ଚ ପାଷ୍ଟ, ପ୍ରୀତି ପ୍ରତୀକ୍ଷା ସାହୁ କଲର ପାର୍ଟି, ଦୀପ୍ତି ରଞ୍ଜନ ଦାସ ଓ ନମିତା ସାହୁ ସ୍କିଲୋରାମ, ମାନସ କୁମାର ବେହେରେ ଏକଜିବିଶନ, କ୍ଷେତ୍ର ମୋହନ ରଣା ଓ ଭଗବତ ପ୍ରସାଦ ପାଣ୍ଡେ ପିଜାଣ୍ଟ ଶୋ, ଅଶୋକ କୁମାର ଦାସ ଫୁଡପ୍ଲାଜା, ଶାନ୍ତନୁ ଶ୍ରୀଚନ୍ଦନ ଫିଜିକାଲ ଡିସପ୍ଲେ, ଶ୍ରଦ୍ଧାଞ୍ଜଳି ପାଲଟାସିଂହ ବକ୍ତୃତା, ଅଶ୍ୱିନୀ ନାଗ ଓ ପଦ୍ମ ଚରଣ ବିଶୋଇ ରଙ୍ଗୋଲି, ଜୟକୃଷ୍ଣ ଶୁକ୍ଳ ଓ ଶ୍ରୀଧର ସାହୁ କୁଇଜ, ସନ୍ତୋଷ କୁମାର ସାହୁ ଓ ଯୋଗିନ୍ଦ୍ର ଦାସ ବ୍ୟାଣ୍ଡ ଡିସପ୍ଲେ, ଦେବେନ୍ଦ୍ର ଗିରି ଓ କାଇରା ନାୟକ ଦଳୀୟ ନୃତ୍ୟ, ପ୍ରୀତି ପ୍ରତୀକ୍ଷା ସାହୁ ଫିଜିକାଲ ଡିସପ୍ଲେ ଏବଂ ସୌଦାମିନୀ ବେହେରା ସଙ୍ଗୀତ ପାଇଁ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କୁ ଚୟନ କରିଥିଲେ। ବାମନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାବାସ ଲେଙ୍କା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ। ଉପସଭାପତି ସୁଶ୍ରୀ ସାହୁ ଉଦ୍‌ଯାପନୀ ସଭାରେ ପୌରୋହିତ୍ୟ କରିବା ବେଳେ ଜିଲାସ୍ତରୀୟ କ୍ୟାମ୍ବୋରୀରେ ଭାଗ ନେବାକୁ ଚୟନ ହୋଇଥିବା ବ୍ଲକ ଅଞ୍ଚଳର ମୋଟ୍ ୧୩୦ ଜଣ ବିଦ୍ୟାର୍ଥୀଙ୍କୁ ନିଜନିଜ ବିଦ୍ୟାଳୟରେ ଅଭ୍ୟାସ କରାଇବାକୁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ପାଦକ ସ୍ୱାଇଁ ନିବେଦନ କରିଥିଲେ। ସହ ସମ୍ପାଦକ ମିହିର ଭୋଇ ଧନ୍ୟବାଦ ଦେଇଥିଲେ।

# ‘ଭାରତ ଶ୍ରେଷ୍ଠତା ପାଇଁ ସମୂହ ପ୍ରୟାସ ଜରୁରୀ’




ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

**ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା**

- ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଜାତୀୟସ୍ତରକୁ ଉନ୍ନୀତ

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ପକ୍ଷରୁ ଓଡ଼ିଶା ପୂର୍ବପ୍ରାନ୍ତ ଓ କଳିଙ୍ଗ ଶାଖାର ସହଯୋଗରେ କିଟ୍ କ୍ୟାମ୍ପସ ସ୍ଥିତ କିମ୍ସ ଅଡିଟୋରିଅମରେ ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ, ଆଧୁନିକ ଯୁଗରେ ଆମ ସଂସ୍କୃତିକୁ ଆହୁରି ଆଗକୁ ନେବା। ଭାରତ କିପରି ବିଶ୍ୱରେ ଶ୍ରେଷ୍ଠ ହେବ ସେ ନେଇ ସମସ୍ତେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହକ୍ଷେତ୍ରୀୟ ପ୍ରଚାରକ ଜଗଦୀଶ ଖାଡେଙ୍ଗା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବକ୍ଷେତ୍ରର ଅଧ୍ୟକ୍ଷା ସୁମନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ପୂର୍ବପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ବିଷୟରେ ପିଲାଙ୍କୁ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତାରେ ଭାରତର ପୂର୍ବକ୍ଷେତ୍ରର ୭ଟି ପ୍ରାନ୍ତରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୂର୍ବକ୍ଷେତ୍ର ସଂସ୍କୃତ, ହିନ୍ଦୀ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାରେ ଓଡ଼ିଶା ସମେତ କୋଲକାତା, ଝାଡ଼ଖଣ୍ଡର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରି ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଭୁବନେଶ୍ୱର ଚାମ୍ପିୟନ ହୋଇ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛି। ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର ସଂଯୁକ୍ତ କ୍ଷେତ୍ରୀୟ ମହାସଚିବ ସୁଭାଶିଷ କର, ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଡ. ବିଜୟଲକ୍ଷ୍ମୀ ସାହୁ ଏବଂ କ୍ଷେତ୍ରୀୟ ମହିଳା ସହଭାଗିତା ସଚିବ ସୁପ୍ରୀତି ରଥଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ନୃସିଂହନାଥ ନନ୍ଦ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ଅର୍ଥ ସଚିବ ନରସିଂହ ମିଶ୍ର, ପ୍ରାନ୍ତ ମିଡିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ପ୍ରାନ୍ତ ସଂସ୍କାର ସଚିବ ପ୍ରୀତି ପ୍ରତିଭା ଭୋଳ, ପ୍ରାନ୍ତ ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ, ପ୍ରାନ୍ତ ମହିଳା ସହଭାଗିତା ସଚିବ ବିଜୟନନ୍ଦିନୀ ଦୁବେ, କଳିଙ୍ଗ ଶାଖାର ଉପସଭାପତି ବ୍ରଜ ଗୋପାଳ ରାୟ, ଜିତେନ୍ଦ୍ର କୁମାର ଦାସ, ଧିରେନ୍ଦ୍ର ସ୍ୱାଇଁ, ଅଜୟ କର, ଅଶୋକ ପାତ୍ର, ପ୍ରଦୀପ୍ତ କୁମାର ପାତ୍ର ଏବଂ କଳିଙ୍ଗ ଶାଖାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକର କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ଜନତା ମଇଦାନରେ ଡିସେମ୍ବର ୧୯ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ସଚ୍ଚିଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଆସୋସିଏଶନର ସମ୍ପାଦକ ତଥା ଆଇନଜୀବୀ ମନୋଜ କୁମାର ମାନସିଂହ ସଭା ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଜୟଦେବ ବେହେରା ଯୋଗଦେବାକୁ ଥିବା ଅତିଥିଙ୍କ ବିଷୟରେ ଆଲୋଚନା କରିଥିବା ବେଳେ ସମାଜସେବୀ ସଞ୍ଜୟ ସ୍ୱାଇଁ ପ୍ରଚାର ପତ୍ର, ଟୁର୍ନାମେଣ୍ଟ ଆୟୋଜନ ପାଇଁ ଆୟବ୍ୟୟ ଏବଂ ସମ୍ପାଦକ ମନୋଜ କୁମାର ମାନସିଂହ ଦଳ ସହ ଯୋଗାଯୋଗ ଓ ଅଧିକ ମେମ୍ବର ସଂଯୋଗକୁ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ଅପର୍ତ୍ତି ବେହେରା ପଡ଼ିଆ ପ୍ରସ୍ତୁତି ଓ ସୌନ୍ଦର୍ଯ୍ୟକରଣ ବିଷୟରେ ଅବଗତ କରାଇଥିଲେ। ମହାବୀର ଆଥ୍‌ଲେଟିକ ଆସୋସିଏଶନର ସର୍ବସମ୍ମତିକ୍ରମେ ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁଙ୍କୁ ସହସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ପୂର୍ବତନ ସରପଞ୍ଚ ବିପିନ ଉଦୟସିଂହ, କେଦାର ପାତଲାସିଂହ, ରତ୍ନାକର ସାମନ୍ତରାୟ, ଆନନ୍ଦ ରାଓ, ତ୍ରିନାଥ ପାତ୍ର, ରାଜକିଶୋର ବୈରିଗଞ୍ଜନ, କେଦାର ଦାସ, ହେମନ୍ତ ଜେନା, ଅଶୋକ ଜେନା, ଏକାଦଶୀ ବେହେରା, ସିଲୁ ପ୍ରଧାନ, ଅନୁପ ବେହେରା, ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ବାଗେଶ୍ୱରୀ କଳା ପରିଷଦର ବାର୍ଷିକୋତ୍ସବ

ବେଗୁନିଆ,୧୮।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋସ୍ଥିତ ବାଗେଶ୍ୱରୀ କଳା ପରିଷଦର ୫୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ ତାରକେଶ୍ୱର ଦେବଙ୍କ ନିକଟ କାର୍ତ୍ତିକ ପୂର୍ଣ୍ଣମା ପଡ଼ିଆରେ ସନ୍ଧ୍ୟାରେ ମେଲୋଡି ଏବଂ ରାତିରେ ନାଟକ କଳଙ୍କ ମୋ ପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ ହୋଇଥିଲା। ଚିତ୍ତରଞ୍ଜନ ସେଠୀ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଚିନ୍ତାମଣି ସାମନ୍ତରାୟ ଏବଂ ପଦାରବିନ୍ଦ ରାୟ ପରିଚାଳନା କରିଥିଲେ। ଯୋଗେଶ୍ୱର ଛୋଟରାୟଙ୍କ ସଭାପତିତ୍ୱ ଏବଂ ସଞ୍ଜୟ କୁମାର ବାହୁବଳେନ୍ଦ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ତାରା ପ୍ରସାଦ ପଟ୍ଟନାୟକ, ମୁଖ୍ୟ ବକ୍ତା ସନ୍ତୋଷ ସାହୁ ଏବଂ ସମ୍ମାନିତ ଅତିଥିଭାବେ ଅରବିନ୍ଦ ରାୟ, ଜୟଶ୍ରୀ ପଟ୍ଟନାୟକ, ସାଧୁ ଚରଣ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ।


## CAPITAL REGION URBAN TRANSPORT

Govt. Of Odisha
Plot No. 548/1452, Kalarahanga , Patia,Bhubaneswar-751031,Odisha,
Phone No. 0674-3501580, E-Mail Id:-crutbbsr@gmail.com

No.3234 **NOTICE INVITING TENDER (NIT)** Date:14.11.2024

**BID IDENTIFICATION No.3234/G.M (Engg.)/CRUT/2024-25**

**No.C-1024:General Manager (Engg.), CRUT, Bhubaneswar** on behalf of Managing Director, CRUT invites **Percentage Rate** bids in **DOUBLE COVER SYSTEM** for the construction of works as detailed in the table, from the class of eligible contractors as mentioned in column-5 (five) registered with the State Government and contractors of equivalent Grades/ Class Registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the Bid. If successful the bidder who has not registered under state government has to register under the State Government of Odisha in appropriate class of eligibility before signing of the agreement.
The bidders may submit bids for the following work through ‘e’-Tendering only.

| Sl. No. | Name of Work | Approximate value of work (Rs. in Amount) Excluding GST | Time of Completion | Class of Contrac-tor | Bid Security | Cost of document (in Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of 153 Nos. of Bus Pole at Cuttack, Odisha | Rs.78,85,620.00 | 03 (Three) Calendar Months | ‘B’ Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |
| 2 | Construction of Service Pit & Washing Bay at Haladipadar, Berhampur, Ganjam, Odisha | Rs.69,47,179.00 | 03 (Three) Calendar Months | ‘B’ Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |
| 3 | Upgradation of Bus Depot including additional works at Naraj, Cuttack, Odisha | Rs.1,75,64,680.00 | 06 (Six) Calendar Months | ‘B’ & ‘A’ Class | 1% of Value of work | Rs.10,000.00 + 18% | 09/12/2024 upto 5.30 PM |

1. The Bid documents will be available in the website http://tendersodisha.gov.in from 22/11/2024 to 5.30 P.M. of 09/12/2024. 2. All Corrigendum and Addendum will be published in the website only. 3. Other details can be seen in the bidding documents.

Sd./-GM, Engineering on behalf of Managing Director,
Capital Region Urban Transport (CRUT)
OIPR-13183/11/0010/2425

## WATCO
## OFFICE OF THE MANAGING DIRECTOR, WATCO

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: watcoodisha@gmail.com

No.C-1027 **INVITATION FOR BID (IFB)**
Bid Idenification No. WATCO (W)-14/2024-25, Dtd.14.11.2024
WATCO No.7526, Date:14.11.2024

1. Name of the Work : (1) Laying of 300mm dia- 3000 mtrs rising main Jawahar Nagar to Timber Colony. (2) Provision of Drink from Tap & 24x7 water supply to Chandan Nagar & its adjoining areas of Sambalpur Town.
2. Estimated Cost : (1) Rs.316.40 Lakh, (2) Rs.393.76 Lakh
3. Period of Completion : 06 (Six), 06 (Six) Months
4. Date & Time of availability of bid document in the portal: From 11.00 AM of Dt.25.11.2024 to 5.00 PM of 09.12.2024.
5. Last date/time of receipt of bids in the portal: 5.00 PM of 09.12.2024.
6. Date & Time of opening of technical bids: 12.30 PM of 10.12.2024.
7. Name and address of the Officer Inviting Bid: MD, WATCO, Telefax:- 0674-2391444, E-Mail: watcoodisha@gmail.com.
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd./- (Managing Director)
WATCO
OIPR-13194/11/0022/2425

Odisha Tourism
Paryatan Bhawan, Lewis Road
Bhubaneswar-751014
Fax No.+91 674 2430887
E-mail:info@odishatourism.gov.in

ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର-୭୫୧୦୧୪

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department

No.8625/TSM, Bhubaneswar, Dated 18.11.24
TCT-TSP-FEST-0011-2022

**REQUEST FOR PROPOSAL (RFP) FOR SELECTION OF OPERATOR(S) FOR OPERATION AND MANAGEMENT (O&M) OF RESTAURANT CUM BEACH SHACK AT RAMCHANDI BEACH AREA ON OPERATIONAL CONTRACT BASIS**

**No.R-04:**Department of Tourism (DoT) invites proposals from prospective applicant(s) for ‘Request for Proposal (RFP) for Selection of Operator(s) for Operation and Management (O&M) of Restaurant cum Beach Shack at Ramchandi Beach Area on Operational Contract Basis’ in accordance with the conditions and manner prescribed in the Request for Proposal (RFP) document.

The Proposals should be submitted by interested applicant(s) to the Director, Tourism, Paryatan Bhawan, Lewis Road, Bhubaneswar-751014 on or before 04.12.2024 upto 15.00 Hrs. Detailed terms of the RFP may be downloaded from our website: https://odishatourism.gov.in/content/tourism/en/dot/quickLinks/tender.html.

Sd./- Spl. Secretary to Govt.
OIPR-37001/11/0006/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No.O-658
E-Mail:sencrwangul@yahoo.co.in, Ph:06764-236404
No.2749// Dt.14.11.24

**NOTICE INVITING TENDER FOR CUVDA ROAD WORKS IN ODISHA**
**Bid Identification No. Road Online AGL-12/2024-25**

1.Name of the Work : Road Works, 2. Total No. of Work: 13 No. 3. Estimated Cost: Rs.434.17 to 1125.00 Lakhs, 4. Class of Contractor: As per Annexure, 5. Period of Completion: As per Annexure, 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online-AGL-12/ 2024-25 | 21.11.24 at 10.00 A.M. | 05.12.24 upto 5.00 PM | 04.12.24 upto 1.00 P.M. | 06.12.24 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in

OIPR-25180/11/0014/2425 Sd./- Chief Engineer, Rural Works Circle, Angul

## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

No.A-572: ‘e’ Procurement Notice No. ACECIC-06/2024-25

| Procure-ment Officer | Bid Identifica-tion No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contrac-tor | Bid documents available online for bidding | | Date of opening of Technical Bid | Period of Comple-tion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhu-baneswar | PID-03/ 2024-25 | Cement Concrete Lining of Budhanga Distributary from RD. 7.500 Km to 15.00 Km | 815.76 | 815800/- (Online) | 10000/- (Online) | “A” & “Special” Class | 21.11.2024 At 10.00 Hours | 05.12.2024 At 17.00 Hours | 06.12.2024 At 11.00 Hours | 12 (Twelve) Calendar Months) |
| | KID-01/ 2024-25 | Improvement of Left Main Canal from RD.0.0 Km to 6.850 Km & Barada Sub-Minor from 0.0 Km to 3.370 Km of Rajua Diversion Weir Project | 177.50 | 177600/- (Online) | 10000/- (Online) | “B” & “A” Class | 21.11.2024 At 10.00 Hours | 05.12.2024 At 17.00 Hours | 06.12.2024 At 11.00 Hours | 11 (Eleven) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0006/2425 Sd./- Additional Chief Engineer, Central Irrigation Circle

## ZILLA SWASTHYA SAMITI, DHENKANAL
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION

Notice No. 3437 Date: 18.11.24

No. E-504: Sealed tenders invited from reputed Firm/Company/ Society/Trust for services of Housekeeping, Security and Mechanized Laundry Services under Nirmal Scheme in the District. The details regarding application format, terms and conditions of the tender may be downloaded from district website i.e. **www.dhenkanal.nic.in**. The tender will reach the office of the undersigned latest by 09.12.2024 05.30 P.M. through Speed Post/Registered Post/Courier only. The tender will be opened on 10.12.2024 at 10.30 A.M. in the office of the undersigned in the presence of bidders/authorized representatives of the bidders. The undersigned is not responsible for any kind of postal delay and reserves all the right to cancel any or all the tender at any stage of selection/finalization process without assigning any reasons thereof. Any typographical error may be exempted.

Sd./- CDM & PHO-cum-District
OIPR-10059/11/0008/2425 Mission Director, Dhenkanal

## GOVERNMENT OF ODISHA
## DEPARTMENT OF HIGHER EDUCATION

No.N-132

**EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER “MUKHYAMANTRI MEDHABI CHHATRA PROTSAHAN YOJANA” 2024-25**

| Sl. No. | Scheme & Sub-Scheme | | Extended dateline for submission of online application by students | Extended dateline for validation of scholarship application by Heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG Merit | No extension | 06.12.2024 |
| 2 | | PG Merit | No extension | 06.12.2024 |
| 3 | | Technical & Professional Merit | 29.11.2024 | 06.12.2024 |
| 4 | Gopabandhu Sikhya Sahayata Yojana | | 29.11.2024 | 06.12.2024 (also at DWO level) |

In case of any problem faced by the Students or Institutes at the time of online application or online validation respectively in the State Scholarship Portal, they may take the help of helpline, Higher Education Department-i) 0674 (2396550), ii) 0674 (2323401), iii) 0674 (2323402), iv) 0674 (2323403), v) 0674 (2323404), (on all working days from 10.30 AM to 5.30 PM) or e-mail on scholarshiphed @gmail.com

OIPR-11001/11/0035/2425 Sd./- Joint Secretary to Government

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## ANANDAPUR BARRAGE PROJECT, SALAPADA

No.A-564:
(E-mail Id: cceabp@gmail.com)

**E-Procurement Notice No.CCEABP-05 of 2024-25**

| E-Procure-ment Officer | Name of the Work | Bid Id No. | Tender Cost in Lakhs (Appx) | Bid Security (Online) | Cost of Bid document (Online) | Class of Contractor | Period of Comple-tion | Availability of tender online for bidding | | Date of Opening of technical bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Protection to eroded slope of left bank in the U/S of Anandapur Barrage near village Sadangi and bank protection near Padmapur and restoration of disturbed protected banks on both sides. | ABP-ABD-01/05 of 2024-25 | 4568.00 | 45,68,000/- | 10,000/- | Spl & Super Class | 12 Calendar Months | 21.11.24 11.30 AM | 11.12.24 5.00 PM | 12.12.24 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

Sd./- Chief Construction Engineer, Anandapur Barrage Project, Salapada
OIPR-32068/11/0006/2425

# ଜାତୀୟସ୍ତର ତୁଳନାରେ ରାଜ୍ୟରେ କମିଛି ବୀମା ହାର

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ବୀମା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଥିକ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ। ରାଜ୍ୟରେ ବୀମା ପ୍ରସାରଣ ବୃଦ୍ଧି କରିବା ପାଇଁ ସୋମବାର ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟିଛନ୍ତି । ରାଜ୍ୟରେ ବୀମାହାର ଜାତୀୟ ସ୍ତର ତୁଳନାରେ କମିଥିବାରୁ ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ହାସଲ କରିବା ପାଇଁ ବୀମା କଭରେଜରେ ଉନ୍ନତି ଆଣିବା ନିମନ୍ତେ ରଣନୀତି ଉପରେ ଆଲୋଚନା କରାଯାଇଥିଲା । ସମସ୍ତ ଅଂଶୀଦାରଙ୍କ ସହଯୋଗରେ ପ୍ରଥମ ରାଜ୍ୟସ୍ତରୀୟ ବୀମା କମିଟି (ଏସ୍ଏଲ୍ଆଇସି)ର ବୈଠକ ଆୟୋଜନ କରାଇବା ପାଇଁ ଏକ ସବିଶେଷ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଆଇଆର୍ଡିଏଆଇ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ସରକାରୀ ଜମିରେ ବୈକୁଣ୍ଠଧାମ ଆଶ୍ରମ

**କଲ୍କୀ ଅବତାର କହି ପାଦରେ ତୁଳସୀ ଥୋଇବା ଘଟଣା**

- ସରିଲା ମାପଚୁପ, ସରକାରଙ୍କୁ ଦିଆଯିବ ରିପୋର୍ଟ
- 'ଶ୍ରୀ' ଲେଖା ଉପରେ ମାଟି ବୋଲିଲେ ମହିଳା
- ବଢୁଛି ଅଭିଯୋଗର ଲମ୍ବା ଫର୍ଦ୍ଦ


ପ୍ରଶାସନ ପକ୍ଷରୁ ବୈକୁଣ୍ଠଧାମ ଆଶ୍ରମ ଜମି ମାପଚୁପ କରାଯାଉଛି।

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରି ଅଞ୍ଚଳରେ ଥିବା ଶ୍ରୀ ବୈକୁଣ୍ଠଧାମ ଆଶ୍ରମରେ ଜଣେ ନାବାଳକଙ୍କୁ କଲ୍କୀ ଅବତାର କହି ତାଙ୍କ ପାଦ ଉପରେ ତୁଳସୀ ଥୋଇ ପୂଜା କରିବା ପ୍ରସଙ୍ଗ ଭିନ୍ନ ମୋଡ଼ ନେବାରେ ଲାଗିଛି। ଦିନ ଗଡୁଥିବାବେଳେ ବାବା ଓ ଆଶ୍ରମର କାର୍ଯ୍ୟକଳାପକୁ ନେଇ ଭିନ୍ନ ଭିନ୍ନ ଅଭିଯୋଗ ଆସୁଛି। ଏପରି କି ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ ମଧ୍ୟ ଦେଖିବାକୁ ମିଳୁଛି। ଅପରପକ୍ଷରେ ଆଶ୍ରମ ଗଢ଼ିଉଠିଥିବା ସ୍ଥାନ ସରକାରୀ ଜମି ବୋଲି ଅଭିଯୋଗ ଆସିବା ପରେ ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ତହସିଲ ପକ୍ଷରୁ ମିଳିତ ଭାବେ ଆଶ୍ରମର ଜମିକୁ ମାପଚୁପ କରାଯାଇଛି। ୮ଜଣିଆ ଟିମ୍ ପୂର୍ବାହ୍ନରୁ ଆଶ୍ରମରେ ପହଞ୍ଚି ତଦାରଖ କରିବା ସହ ଫିତା ପକାଇ ମାପଚୁପ କରିଥିଲେ। ଜିଏ ବିଭାଗ ସର୍ଭେ ଏନ୍ଫୋର୍ସମେଣ୍ଟ ସହ ନିର୍ଦ୍ଦେଶକ ଅମିୟ କୁମାର ଦାସ ଗଣମାଧ୍ୟମରେ କହିଛନ୍ତି, ଆଶ୍ରମରେ ସରଜମିନ୍ ତଦନ୍ତ କରାଯାଇଛି। ଆଶ୍ରମ ଥିବା ସ୍ଥାନଟି ସରକାରୀ ଜମି କିମ୍ବା ସ୍ଥିତିବାନ୍ ସେନେଇ ତଦାରଖ କରିଛୁ। ଏଥିସହ ପ୍ଲଟଟି ଚିହ୍ନଟ ମଧ୍ୟ କରାଯାଇଛି। ପ୍ରାଥମିକ ତଦନ୍ତରୁ ତାହା ସରକାରୀ ଜମି ମଧ୍ୟରେ ଥିବା ଜଣାପଡ଼ିଛି। ମାପଚୁପ ସରିଛି। ସରକାରଙ୍କୁ ଏହି ରିପୋର୍ଟ ଦେବୁ। ଏହାପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶ୍ରୀ ବୈକୁଣ୍ଠଧାମ ଆଶ୍ରମର ୩ ମହଲା କୋଠା ହୋଇଥିବାବେଳେ ଏଥିରେ ବହୁ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଦିନକୁ ଦିନ ଏହି ଅଭିଯୋଗର ଲମ୍ବା ଫର୍ଦ୍ଦ ବଢ଼ିବାରେ ଲାଗିଛି। କଲ୍କି କୁହାଯାଉଥିବା ନାବାଳକ ଜଣଙ୍କ ପଟିଆ ଅଞ୍ଚଳରେ ଥିବା ଏକ କାଫେରେ ଟଙ୍କା ଉଡ଼ାଉଥିବା ଜଣେ ଯୁବତୀ ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ଏଭଳିସ୍ଥଳେ କିଛି ମହିଳା ଆଶ୍ରମ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଶ୍ରମର ମୁଖ୍ୟ ଗେଟ୍ରେ ଶ୍ରୀ ବୈକୁଣ୍ଠଧାମ ଲେଖାଥିବାବେଳେ ଏହାକୁ ନେଇ ସମାଲୋଚନା କରିଥିଲେ। ଏଥିସହ 'ଶ୍ରୀ' ଲେଖା ଉପରେ ମାଟି ବୋଲି ପ୍ରତିବାଦ ମଧ୍ୟ କରିଥିଲେ। ଏପରି କି ଆଶ୍ରମ ଉପରେ ଲାଗିଥିବା ଏକ ଭିନ୍ନ ଧରଣର ପତାକାକୁ ବିଦେଶୀ ପତାକା କହି ମଧ୍ୟ ଜଣେ ମହିଳା ପ୍ରଶ୍ନ ଉଠାଇଛନ୍ତି। ଏନେଇ ପୋଲିସ ଆପରାଧିକ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ଓମ୍ଫେଡ୍ ପୁରସ୍କୃତ


ଓମ୍ଫେଡ୍ର ଶହୀଦନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପୁରସ୍କାର ଟ୍ରଫି ସହ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)

ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ ପାଇଁ ଓମ୍ଫେଡ୍କୁ ସର୍ବଶ୍ରେଷ୍ଠ ପୁରସ୍କାର ମିଳିଛି। ସୋମବାର ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ସୂଚନାଭବନଠାରେ ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଓମ୍ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଏବଂ ମାନବ ସମ୍ବଳ ଅଧିକାରୀ ଡ. ଜୟକୃଷ୍ଣ ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ବରଗଡ ଅତାବିରା ସୋସାଇଟିକୁ ପ୍ରଥମ ପୁରସ୍କାର, ଗୁମୁଟାକୁ ଦ୍ୱିତୀୟ ଏବଂ ମାଲାମୁଣ୍ଡା ସୋସାଇଟିକୁ ତୃତୀୟ ପୁରସ୍କାର ମିଳିଛି। ତେବେ ପୁରସ୍କାର ମିଳିବା ପରେ ଓମ୍ଫେଡ୍ର ଶହୀଦନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓମ୍ଫେଡ୍ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପୁରସ୍କାରର ଶ୍ରେୟ ରାଜ୍ୟର ଦୁଗ୍ଧଚାଷୀ, ଗ୍ରାହକ ଏବଂ କର୍ମଚାରୀଙ୍କୁ ଦେଇଛନ୍ତି। ଏହି ପୁରସ୍କାର ଚାଷୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କାମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି।

# କାନାଡ଼ାରେ ପଢ଼ାହେବ ଓଡ଼ିଆ

ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)

କାନାଡ଼ାରେ ଓଡ଼ିଆ ଭାଷାରେ ପାଠପଢ଼ିବେ ପ୍ରବାସୀଙ୍କ ପିଲା। ଟରୋଣ୍ଟୋ ଡିଷ୍ଟ୍ରିକ୍ଟ ସ୍କୁଲ ବୋର୍ଡ ପକ୍ଷରୁ ଓଡ଼ିଆ ଶିକ୍ଷା ପ୍ରଚଳନ ପାଇଁ ଅନୁମତି ମିଳିବା ପରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୂର୍ବରୁ ହିନ୍ଦୀ ଭଳି କେତେକ ଭାରତୀୟ ଭାଷା ଶିକ୍ଷା ପାଇଁ ଅନୁମତି ମିଳିଥିବାବେଳେ ପ୍ରଥମଥର ଓଡ଼ିଆ ଭାଷାରେ ଶିକ୍ଷାକୁ ଅନୁମତି ମିଳିଛି। ପ୍ରଥମ ପର୍ଯ୍ୟାୟରେ ଏହା ଟମ୍ ଓ ସାଣ୍ଟେର ପବ୍ଲିକ୍ ସ୍କୁଲରେ ଆରମ୍ଭ ହୋଇଛି। ପ୍ରତି ଶନିବାର ୩ଘଣ୍ଟା ଓଡ଼ିଆ ଭାଷାର ପାଠ ପଢ଼ାଯିବ। ପର୍ଯ୍ୟାୟକ୍ରମେ ଏହା ଟରୋଣ୍ଟୋର ଅନ୍ୟ ବୋର୍ଡରେ ପଢ଼ାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ଏଥିରେ ୨୫-୩୦ଜଣ ପିଲାଙ୍କ ନାମ ପଞ୍ଜୀକରଣ କରାଯାଇଛି। ଆଗକୁ ଏହି ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। କାନାଡ଼ାରେ ଓଡ଼ିଆ ଭାଷାର ଶିକ୍ଷା ପଛରେ ପ୍ରବାସୀ ଭାରତୀୟ ଅମଳେନ୍ଦୁ ଦାସଙ୍କ ପ୍ରମୁଖ ଭୂମିକା ରହିଛି। ଏହି ସଫଳତାକୁ ଆଗକୁ ନେବା ସହ ପିଲାଙ୍କ ପଞ୍ଜୀକରଣ ପାଇଁ ଆର୍ଥିକ ବ୍ୟବସ୍ଥା ସତ୍ୟ ଦାସ ଏବଂ କମଳାକାନ୍ତ ବେହେରାଙ୍କ ଦ୍ୱାରା କରାଯାଇଥିବା ସୂଚନା ମିଳିଛି।

# ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

କାକଟପୁର/ ଅସ୍ତରଙ୍ଗ,୧୮।୧୧
(ଶୁଭଦର୍ଶନ ମିଶ୍ର/ମମତା ଜେନା)

- ପୋତାଗଲା ଶଙ୍ଖୁଡ଼ି ଭୋଗ
- କ୍ଷମାପ୍ରାର୍ଥନା କରି ଜରିମାନା ଦେଲେ ଯୁବତୀ

କାକଟପୁର ମଙ୍ଗଳା ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ଜଣେ ଯୁବତୀ ତାଙ୍କର ପୁରୁଷ ବନ୍ଧୁଙ୍କୁ ମଙ୍ଗଳା ମନ୍ଦିର ଦର୍ଶନ କରାଇବାକୁ ନେଇ ପଶ୍ଚିମ ଦ୍ୱାର ଦେଇ ମନ୍ଦିର ବେଢ଼ା ଭିତରକୁ ପ୍ରବେଶ କରିଥିଲେ। ସେହି ସମୟରେ କେତେଜଣ ସେବାୟତ ତାଙ୍କୁ ଦେଖି ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ଖବରପାଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ମନ୍ଦିର କାର୍ଯ୍ୟାଳୟକୁ ଆଣି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରିବାପରେ ସେମାନେ ଅଣହିନ୍ଦୁ ବୋଲି ପ୍ରମାଣ ପାଇଥିଲେ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିଷେଧ ଥିବାବେଳେ କାହିଁକି ମନ୍ଦିରରେ ପ୍ରବେଶ କଲ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶ୍ନ କରିଥିଲେ। ଯୁବତୀ ଜଣଙ୍କ ଏହା ତାଙ୍କର ତ୍ରୁଟି ବୋଲି ଏକ ଲିଖିତ ନିବେଦନ ପତ୍ର ମଙ୍ଗଳା ମନ୍ଦିର ପ୍ରଶାସନକୁ ଦେବାସହିତ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଅଣହିନ୍ଦୁ ପ୍ରବେଶ ଯୋଗୁ ମା' ମଙ୍ଗଳାଙ୍କ ପୁନଃ ସ୍ନାନ ମାର୍ଜନା କରାଯିବା ପରେ ସଙ୍ଖୁଡ଼ି ଭୋଗକୁ ପୋତି ଦିଆଯାଇଥିଲା। ମନ୍ଦିର ପ୍ରବେଶ ନେଇ ଯୁବତୀ ଜଣଙ୍କ ୫ହଜାର ଟଙ୍କା ମନ୍ଦିର ପ୍ରଶାସନକୁ ଜରିମାନା ଦେଇଥିଲେ ।

# କୋଚିଂ ସେଣ୍ଟର ପାଇଁ ଖୁବ୍ଶୀଘ୍ର ଗାଇଡ୍ଲାଇନ୍

ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)

**୨୦ରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

ରାଜ୍ୟରେ ଥିବା ଘରୋଇ କୋଚିଂ ସେଣ୍ଟର ପରିଚାଳନା ପାଇଁ ସ୍ୱତନ୍ତ୍ର ଗାଇଡ୍ଲାଇନ୍ ଆସିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ଗାଇଡ୍ଲାଇନ୍ ପ୍ରସ୍ତୁତି ନେଇ ଆସନ୍ତା ୨୦ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପୁସ୍ତକ ଭବନସ୍ଥିତ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ରାଜ୍ୟର ପ୍ରମୁଖ ଘେରୋଇ କୋଚିଂ ସେଣ୍ଟରର ପ୍ରତିନିଧିମାନେ ଯୋଗଦେବେ। ବିଶେଷକରି ଖୋର୍ଦ୍ଧା, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଓ ବାଲେଶ୍ୱର ଆଦି ଜିଲାର ୨୫ ଅନୁଷ୍ଠାନରୁ ପ୍ରତିନିଧି ଯୋଗଦେବେ। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱରର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉକି, ରାଜ୍ୟରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ କୋଚିଂ ସେଣ୍ଟର ଖୋଲାଯାଉଛି। ଦିନକୁ ଦିନ ଏପରି କୋଚିଂ ସେଣ୍ଟର ସଂଖ୍ୟା ବଢ଼ିଚାଲିଥିବାବେଳେ ଏସବୁର ପରିଚାଳନା ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍ଲାଇନ୍ ନ ଥିବାରୁ ବିଭିନ୍ନ ସମୟରେ ଅନେକ ଅଭିଯୋଗ ଆସୁଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଅନେକ କୋଚିଂ ସେଣ୍ଟରରେ କୌଣସି ବ୍ୟବସ୍ଥା ନ ଥିବାବେଳେ ଆର୍ଥିକ ଶୋଷଣ ଭଳି ଅଭିଯୋଗ ଉଠିଛି। ତେଣୁ ସ୍ୱତନ୍ତ୍ର ଗାଇଡ୍ଲାଇନ୍ ଜାରି କରିବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବିକରି ଆସୁଛନ୍ତି।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ସୁନୀତା


@ ଅଜିତ୍


@ ଅରୁଣ


@ ପ୍ରକାଶଚନ୍ଦ୍ର


@ ବିଶ୍ୱରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଢ଼ିଲାଣି ଶୀତ, ପଡ଼ିଲାଣି କୁହୁଡ଼ି

ଭୁବନେଶ୍ୱର,୧୮।୧୧(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେବ ତାପମାତ୍ରାରେ ହ୍ରାସ ଘଟିବା ସହ ଶୀତ ଅନୁଭୂତ ହେଉଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଓ କନ୍ଧମାଳ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହୁଛି। ହେଲେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ମାଲକାନଗିରି, ନୂଆପଡ଼ା ଓ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ ବୋଲି ସୂଚନା ଦିଆଯାଇଛି।

# ଜୀବନ ଫେରିପାଇଲେ ଯବାନ

**ଏମ୍ସ ଡାକ୍ତରଙ୍କ ବଡ଼ ସଫଳତା**

- ଦୁଇଘଣ୍ଟା ପରେ ପୁନଃକାର୍ଯ୍ୟ କଲା ହୃଦୟ
- କାମଦେଲା ଇ-ସିପିଆର୍ ପ୍ରଣାଳୀ, ପୂର୍ବ ଭାରତରେ ପ୍ରଥମ


ସୁସ୍ଥ ହୋଇଥିବା ଯବାନଙ୍କ ସହ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଡାକ୍ତରୀ ଟିମ୍।

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)

ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତାର ପାହାଚ ଚଢ଼ିଛି ଏମ୍ସ ଭୁବନେଶ୍ୱର। ଏମ୍ସର ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ଉନ୍ନତ ଏକ୍ସଟ୍ରାକୋପୋରାଲ କାର୍ଡିଓ-ପଲ୍ମୋନାରି ରେସୁସିଟେଶନ (ଇ-ସିପିଆର୍) ମାଧ୍ୟମରେ ଜଣେ ୨୪ବର୍ଷୀୟ ଯବାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଛି। ନୟାଗଡ଼ ରଣପୁର ଅଞ୍ଚଳରୁ ଆସିଥିବା ଏହି ଯୁବକଙ୍କ ହୃଦୟ ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ବନ୍ଦ କରିଦେଇଥିଲା। ମାତ୍ର ଏମ୍ସ ଡାକ୍ତରୀ ଦଳର ଉଦ୍ୟମ ଓ ଚିକିତ୍ସା ଜ୍ଞାନକୌଶଳର ସଫଳ ପ୍ରୟୋଗ ଉକ୍ତ ଯବାନଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ଓଡ଼ିଶା ସମେତ ପୂର୍ବ ଭାରତରେ ଏହି ପ୍ରଣାଳୀ ପ୍ରଥମଥର ଉପଯୋଗ ହୋଇଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏପରି କାର୍ଯ୍ୟକୁ ସଫଳରୂପ ଦେଇଥିବା ଡାକ୍ତରୀ ଦଳକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଜଟିଳ ସ୍ୱାସ୍ଥ୍ୟାବସ୍ଥାରେ ସମ୍ପୃକ୍ତ ଯବାନଙ୍କୁ ଏମ୍ସ ଭୁବନେଶ୍ୱରକୁ ରେଫର କରାଯାଇଥିଲା। ଏଠାରେ ପହଞ୍ଚିବାର କିଛି ସମୟ ପରେ ସେ ହୃଦ୍ଘାତରେ ଆକ୍ରାନ୍ତ ହୋଇଥିଲେ। ଜୀବନ ବଞ୍ଚାଇବା ନିମିତ୍ତ ୪୦ ମିନିଟ୍ର ପ୍ରାଥମିକ ସିପିଆର୍ ସତ୍ତ୍ୱେ ତାଙ୍କ ହୃଦୟ କାର୍ଯ୍ୟ କରି ନ ଥିଲା। ଏପରି ଅବସ୍ଥାରେ ଏମ୍ସ ଡାକ୍ତରୀ ଦଳ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଯବାନଙ୍କ ଜୀବନ ବଞ୍ଚାଇବା ନିମନ୍ତେ ନିରନ୍ତର ଉଦ୍ୟମ କରିଥିଲେ। ଏକ୍ମୋ ବିଶେଷଜ୍ଞ ଡା. ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୮୦ ମିନିଟ୍ର ମାରାଥନ ସିପିଆର୍ ପରେ ଯୁବକଙ୍କୁ ଏକ୍ମୋ ପ୍ରଣାଳୀ ପ୍ରଦାନ ଆରମ୍ଭ କରିଥିଲେ। ଇସିପିଆର୍ ଦେବାର ୪୦ ମିନିଟ୍ ପରେ ଯୁବକଙ୍କ ହୃଦୟ କାର୍ଯ୍ୟ ଆରମ୍ଭ କରିଥିଲା। ପରବର୍ତ୍ତୀ ୩୦ଘଣ୍ଟା ମଧ୍ୟରେ ଉନ୍ନତି ହେବା ସହ ୯୬ଘଣ୍ଟା ପରେ ରୋଗୀଙ୍କୁ ସଫଳତାର ସହିତ ଏକ୍ମୋରୁ ବାହାର କରାଯାଇଥିଲା। ଏହି ପ୍ରକ୍ରିୟାରେ ଡା. କ୍ରିଷ୍ଣମୋହନ ଗୁଲା, ଡା. ସନ୍ଦୀପ କୁମାର ପଣ୍ଡା, ଡା. ସିଦ୍ଧାର୍ଥ ସାଠିଆ, ଡା. ସଙ୍ଗୀତା ସାହୁ, ଡା. ମାନସ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ବାଲିଯାତ୍ରା: ଛାତ୍ରମୃତ୍ୟୁର ତଦନ୍ତ ହେବ

କଟକ,୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାରେ ରବିବାର ଲିଟୁଲାଇଟ୍ ଧରିପକାଇବାରୁ ଜଗତ୍ସିଂହପୁର ଅଞ୍ଚଳର ଛାତ୍ର ବିଶ୍ୱପ୍ରକାଶ ମଲ୍ଲିକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ସୋମବାର କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି। ମୃତକଙ୍କ ପରିବାରକୁ ରେଡ୍କ୍ରସ୍ ପକ୍ଷରୁ ଆର୍ଥିକ ଅନୁକମ୍ପା ରାଶି ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ମୃତ ବିଶ୍ୱପ୍ରକାଶଙ୍କ ପରିବାର ଲୋକେ ପ୍ରଶାସନର କାର୍ଯ୍ୟରେ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ଆଣିଛନ୍ତି।

# ବନ୍ଦ ରହିଲା ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ

କଟକ,୧୮।୧୧
(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସମୀର ଦେଙ୍କ ସୋମବାର ଅପରାହ୍ନରେ ପରଲୋକ ଘଟିଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୋମବାର ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ପରିବେଷଣ ହେବାକୁ ଥିବା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯିବା ନେଇ ସିଡିଏଠାରେ ସୂଚନା ଦେଇଛନ୍ତି। ସେହିପରି ସମସ୍ତ ଡାକବାଜି ଯନ୍ତ୍ରକୁ ମଧ୍ୟ ବନ୍ଦ ରଖାଯାଇଛି। ସୂଚନା ଅନୁଯାୟୀ, ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନଙ୍କ ଓଲିଉଡ୍ ନାଇଟ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା।

# ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ବାବୁ

*ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ସରକାରୀ ବାବୁ ଧରାପଡୁଛନ୍ତି। ଭିଜିଲାନ୍ସ ଚଢ଼ାଉ ପରେ ସେମାନଙ୍କଠାରୁ ଜବତ ହେଉଥିବା ଅମାପ ସମ୍ପତ୍ତି ସମସ୍ତଙ୍କୁ ଚକିତ କରୁଛି। ଏହି କ୍ରମରେ ସୋମବାର ଗୋଟିଏ ଦିନରେ ୩ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡିବା ପରେ ସେମାନଙ୍କ କଳା କାରନାମା ପଦାକୁ ଆସିଛି। ସେମାନଙ୍କ ମଧ୍ୟରେ ଜଣେ କାମାକ୍ଷାନଗର ଉପଜିଲାପାଳ ଥିବାବେଳେ ଆଉଜଣେ ଓପିଏଚ୍‌ଡବ୍ଲ୍ୟୁସିର ବ୍ରହ୍ମପୁର ଡିଭିଜନର ଡିଜିଏମ୍ ଏବଂ ଅନ୍ୟଜଣେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ରହିଛନ୍ତି।*

## ୬ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଶୋକ ଦାଶ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ପ୍ରସବ ପାଇଁ ଆସିଥିବା ଜଣେ ମହିଳାଙ୍କ ସ୍ୱାମୀଙ୍କଠାରୁ ଚିକିତ୍ସା ବାବଦକୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଡିଙ୍ଗପଦର ଗାଁର ଗର୍ଭବତୀ ଲକ୍ଷ୍ମୀପ୍ରିୟା ମାଝୀଙ୍କ ଅସ୍ତ୍ରୋପଚାର କରିବା ନାଁରେ ଡାକ୍ତର ଦାଶ ସ୍ୱାମୀ ଲୋକେଶ ମାଝୀଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲୋକେଶ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୂର୍ବାହ୍ନରେ ସେ ଲୋକେଶଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ବିଭାଗ ତାଙ୍କୁ ମାଡିବସିଥିଲା। ଏହି ସମୟରେ ଡାକ୍ତରଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିଥିଲା। ପରେ ଡାକ୍ତରଙ୍କ ସରକାରୀ କ୍ୱାର୍ଟର୍ସରେ ଭିଜିଲାନ୍ସ ବିଭାଗ ଚଢାଉ କରି ୯୬ ହଜାର ୯୫୦ ଟଙ୍କା ଜବତ କରିଛି। ସେହିପରି ଡାକ୍ତରଙ୍କ ନୟାଗଡ଼ଠାରେ ଥିବା ପୈତୃକ ଘରେ ମଧ୍ୟ ବିଭାଗ ଚଢ଼ାଉ କରିଛି। ଡାକ୍ତର ଦାଶଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ପଚରାଉଚୁରା କରୁଥିବାବେଳେ ବର୍ତ୍ତମାନ ମଧ୍ୟ ତଦନ୍ତ ଚାଲିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ କଳାହାଣ୍ଡି ଓ କୋରାପୁଟ ଭିଜିଲାନ୍ସ ଟିମ୍ ସାମିଲ ହୋଇଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୨୩/୨୦୨୪) ରୁଜୁ ହୋଇଛି।


ଡାକ୍ତର ଅଶୋକ ଦାଶ

## କାମାକ୍ଷାନଗର ଉପଜିଲାପାଳଙ୍କ ୧୦ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଭିଜିଲାନ୍ସ ସ୍କାନରକୁ ଆସିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ନାରାୟଣଙ୍କ ଘର ସମେତ ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ମୟୂରଭଞ୍ଜ ଜିଲାର ୧୦ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଜୋରାଡ଼ିଆ ଗ୍ରାମସ୍ଥିତ ସହଯୋଗୀଙ୍କ ଘର, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଧଳପୁରସ୍ଥିତ ଅନ୍ୟଜଣେ ସହଯୋଗୀଙ୍କ ଘର, ଭଦ୍ରକ ବାରୁଆଣିରେ ଥିବା ସମ୍ପର୍କୀୟଙ୍କ ଘର, ଭଦ୍ରକ ବାସୁଦେବପୁରସ୍ଥିତ କପାଗାଡ଼ିଆ ଗ୍ରାମରେ ଥିବା ପୈତୃକ ଘର, କାମାକ୍ଷା ନଗରସ୍ଥିତ ସରକାରୀ କ୍ୱାର୍ଟର, କାର୍ଯ୍ୟାଳୟ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ନାରାୟଣଙ୍କ ଘରୁ ନଗଦ ୧ ଲକ୍ଷ ୪୮ ହଜାର ୬୮୦ ଟଙ୍କା ସମେତ ବିପୁଳ ସମ୍ପତ୍ତି ଠାବ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ନାରାୟଣଙ୍କ ଭୁବନେଶ୍ୱର ଝାରପଡ଼ାସ୍ଥିତ ୪ ହଜାର ୮୦୦ ବର୍ଗଫୁଟରେ ଥିବା ନିର୍ମାଣାଧୀନ ୩ ମହଲା କୋଠା, ଭଦ୍ରକ ଜିଲା କୁଆଁସରେ ୬ ହଜାର ୯୦୦ ବର୍ଗଫୁଟରେ ଥିବା ୩ ମହଲା କୋଠା, ଗେଲପୁରରେ ୬ ହଜାର ୨୦୦ ବର୍ଗଫୁଟରେ ନିର୍ମାଣାଧୀନ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର, ଭଦ୍ରକ ଓ ପୁରୀରେ ୧୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୭, ଭଦ୍ରକରେ ୬ ଓ ପୁରୀ ଜିଲା ପିପିଲିରେ ଗୋଟିଏ ରହିଛି। କ୍ରୟ ସମ୍ବନ୍ଧିତ ଦଲିଲ୍‌ରେ ପ୍ଲଟଗୁଡ଼ିକର ମୂଲ୍ୟ ୧.୪ କୋଟି ଉଲ୍ଲେଖ ଥିବାବେଳେ ଏହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୩୪ ଲକ୍ଷ ୫୭ ହଜାର ୫୨ ଟଙ୍କା ଥିବା ବେଳେ ଘରୁ ୩୬୬ ଗ୍ରାମର ଅଳଙ୍କାର, ଗୋଟିଏ ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ନାରାୟଣଙ୍କୁ ତାଙ୍କ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ନାରାୟଣଙ୍କ ଚାକିରି କାଳ ସମ୍ବନ୍ଧରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ନାରାୟଣ ୧୯୯୭ରେ ଓପିଏସ୍‌ସି-ଓଏସ୍‌ସିଏସ୍ ଜରିଆରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପରେ ସେ କଳାହାଣ୍ଡିରେ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ଓ ଭବାନୀପାଟଣା ଅତିରିକ୍ତ ତହସିଲଦାର ଭାବେ ୧୯୯୯ରୁ ୨୦୦୪ ଯାଏ ୫ବର୍ଷ କାମ କରିଥିଲେ। ପରେ ନାରାୟଣ ବିଡିଓ ଭାବେ ଖରିଆର, ଦଶରଥପୁର ଓ ବାଲିଅନ୍ତା ବ୍ଲକରେ ୨୦୧୪ରୁ ୨୦୨୩ ଯାଏ କାମ କରିଥିଲେ। ୨୦୧୧ରେ ନାରାୟଣ ଓଏଏସ୍ କ୍ୟାଡରରେ ଯୋଗ ଦେଇଥିଲେ। ୨୦୨୩ରୁ ସେ କାମାକ୍ଷାନଗର ଉପଜିଲାପାଳ ଭାବେ କାମ କରୁଥିଲେ।


ଭଦ୍ରକ କୁଆଁସସ୍ଥିତ ତିନିମହଲା କୋଠା।

### ଘରୁ ମିଳିଲା ନଗଦ ୧.୪୮ ଲକ୍ଷ ଟଙ୍କା


ନାରାୟଣ ଚନ୍ଦ୍ର ନାୟକ

## ପଡ଼ୋଶୀଙ୍କ ଛାତକୁ ୧୦ ଲକ୍ଷ ଟଙ୍କା ଫିଙ୍ଗିଲେ ଓପିଏଚ୍‌ଡବ୍ଲ୍ୟୁସି ଡିଜିଏମ୍

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ବ୍ରହ୍ମପୁର ଡିଭିଜନ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ସୁବାସ ଚନ୍ଦ୍ର ପଣ୍ଡାଙ୍କ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀସ୍ଥିତ ଅଫିସ, ବ୍ରହ୍ମପୁର ଖାରବେଳନଗର ପ୍ରଥମ ଲେନ୍‌ସ୍ଥିତ ଭଡ଼ାଘର, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ନିକଟ ବରିମୁଣ୍ଡ ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସୁବାସଙ୍କ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ଶଙ୍କରପୁର ମହାଦେବନଗରସ୍ଥିତ ୪ ହଜାର ବର୍ଗଫୁଟ ବିଶିଷ୍ଟ ପ୍ଲଟ୍ ନଂ.୧୧୦୫/୧୮୮୨ରେ ଥିବା ୩ ମହଲା କୋଠା ହୋଇଥିବାବେଳେ ଏଠାରୁ ସୁବାସ ଟଙ୍କା ଲୁଚାଇବାକୁ ଯାଇ ହଟହଟା ହୋଇଛନ୍ତି। ଭିଜିଲାନ୍ସ ଟିମ ଚଢ଼ାଉ କରିବା ଦେଖି ଡିଜିଏମ ପଣ୍ଡା ନଗଦ ୧୦ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ପଡ଼ୋଶୀଙ୍କ ଛାତକୁ ଫିଙ୍ଗି ଦେଇଥିଲେ। ପରେ ଭିଜିଲାନ୍ସ ଅଧିକାରୀମାନେ ଏହି ଟଙ୍କାକୁ ଜବତ କରିଥିଲେ। ଏଥିସହ ଉକ୍ତ ଘରୁ ଆଉ ୩ ଲକ୍ଷ ୪୭ ହଜାର ୪୯୦ ଟଙ୍କା ମଧ୍ୟ ଠାବ ହୋଇଛି। ସେହିପରି ସୁବାସଙ୍କ ମଞ୍ଚେଶ୍ୱର ବରିମୁଣ୍ଡ ଗ୍ରାମସ୍ଥିତ ଦୁଇ ମହଲା କୋଠା ମଧ୍ୟ ଠାବ ହୋଇଛି। ତେବେ ଏଥିସହ ସୁବାସ ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଅନ୍ନପୂର୍ଣ୍ଣା ରେସିଡେନ୍ସ ଆପାର୍ଟମେଣ୍ଟରେ ଫ୍ଲାଟ୍ ନଂ.୨୦୧କୁ ନିଜ ନାଁରେ କିଣିବାକୁ ୬୬ ଲକ୍ଷ ଦେଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱରରେ ସୁବାସଙ୍କ ବହୁମୂଲ୍ୟ ୫ଟି ପ୍ଲଟ୍ ମଧ୍ୟ ଠାବ ହୋଇଛି। ଏଥିସହ ତାଙ୍କ ଘରୁ ୮୭୦ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୧ କୋଟି ୮୪ ଲକ୍ଷ ୯ ହଜାର ୫୨୬ ଟଙ୍କା ରହିଛି। ସେହିପରି ଗୋଟିଏ ଚାରି ଚକିଆ ଯାନ (ହୁଣ୍ଡାଇ ଭେନ୍ୟୁ) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ସୁବାସଙ୍କୁ ଏସଂକ୍ରାନ୍ତରେ ପଚରାଉଚରା କରୁଥିବା ବେଳେ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଅଧିକ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭିଜିଲାନ୍ସ ଆହୁରି ସୂଚନା ଦେଇଛି ଯେ, ୨୦୧୦ ରେ ସୁବାସ ନିଜ ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସେ ଚାକିରି ଫେରିପାଇଥିଲେ।


ଜବତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ।


ସୁବାସ ଚନ୍ଦ୍ର ପଣ୍ଡା।

### ବ୍ରହ୍ମପୁର, ଭୁବନେଶ୍ୱରର ୪ ସ୍ଥାନରେ ଯାଞ୍ଚ

**ଦାୟିତ୍ୱରେ ଅବହେଳା ପାଇଁ ୨୦୧୦ରେ ବହିଷ୍କୃତ ହୋଇଥିଲେ**

## ଦୋଷୀ ବାପାଙ୍କୁ ୨୫ବର୍ଷ ସଶ୍ରମ ଦଣ୍ଡାଦେଶ

### ନାବାଳିକା ଝିଅଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର, ୧୮।୧୧(ବାଞ୍ଛାନିଧି ଦେ)

ନାବାଳିକା ଝିଅଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୫ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନ୍ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯେ, ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳରେ ଅଭିଯୁକ୍ତ ତାଙ୍କ ପରିବାର ସ୍ତ୍ରୀ, ନାବାଳିକା ଝିଅ ଓ ଦୁଇ ଜଣ ପୁଅଙ୍କ ସହ ରହୁଥିଲେ। ଘରେ କେହି ନ ଥିବା ବେଳେ ଗତ ଅଗଷ୍ଟ ୪ ତାରିଖରେ ନିଜର ୧୩ ବର୍ଷୀୟା ନାବାଳିକା ଝିଅଙ୍କୁ ଅଭିଯୁକ୍ତ ଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ହଠାତ୍ ଘରକୁ ଆସି ଏହା ଦେଖି ପ୍ରତିବାଦ କରି କାହାରିକୁ ଜଣାଇ ନ ଥିଲେ। ପୁଣି ୫ ତାରିଖରେ ଝିଅଙ୍କୁ କାମାନ୍ଧ ବାପା ବଳାତ୍କାର କରିଥିବା ଜାଣିବା ପରେ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ସିଂଲା ଥାନାରେ ଅଗଷ୍ଟ ୬ ତାରିଖରେ ଏକ ମାମଲା (ନଂ. ୧୩୩/୨୪) ରୁଜୁ କରି ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ନାବାଳିକାଙ୍କ ବୟାନକୁ ଭିତ୍ତି କରି ୧୨ଜଣ ସାକ୍ଷୀ ଓ ୨୮ ଦଲିଲ ଦସ୍ତାବିଜକୁ ଆଧାର କରି ବିଚାରପତି ଦୋଷୀ ବାପାଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିଚାର ସାଢେ ୩ ମାସ ମଧ୍ୟରେ ହୋଇଥିବାରୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବୌଦ୍ଧ,୧୮।୧୧( ଅଜିତ କୁମାର ବାରିକ)

ସୋମବାର ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ହରଭଙ୍ଗା ବ୍ଲକ୍ ତଳଗାଁ ପଞ୍ଚାୟତ ବଡ଼ଭୁରୁଡା ଗ୍ରାମର କଇମତି ନାଏକ ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବଡ଼ଭୁରୁଡା ଗ୍ରାମର ଅଭୟ ନାଏକ ସ୍ତ୍ରୀ କଇମତିଙ୍କ ଚରିତ୍ରକୁ ସନ୍ଦେହକରି ଘରେ ଅଧିକାଂଶ ସମୟରେ ପାଟିତୁଣ୍ଡ କରୁଥିଲେ । ତା୧୮।୪।୨୦୨୩ ରିଖରେ ଅଭିଯୁକ୍ତ ଜଣକ ପୁନର୍ବାର ସେହି ପ୍ରସଙ୍ଗ ଉଠାଇ ସ୍ତ୍ରୀଙ୍କୁ ଗାଳି କରିଥିଲେ । ଏନେଇ ସ୍ତ୍ରୀ ପ୍ରତିବାଦ କରିବାରୁ ସ୍ୱାମୀ ଅଭୟ ଏକ କାଠଫାଳିଆରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ଏହା ଦେଖି ଦେଖି ଝିଅ ମନା କରିବାରୁ ତାଙ୍କୁ ମଧ୍ୟ ମାଡ଼ ଦେବାକୁ ଗୋଡ଼ାଇଥିଲେ । ତେବେ କୌଣସି ମତେ ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ସଞ୍ଜିତା ତଳଗାଁ ମେଡିକାଲକୁ ନେଇଥିଲେ । କିନ୍ତୁ ସେଠାରେ କଇମତିଙ୍କର ମୃତ୍ୟୁ ଘଟିଥିଲା । ଏନେଇ ସଞ୍ଜିତା ଉକ୍ତ ଦିନ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ପୋଲିସ ନଂ. ୫୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ଘଟଣାରେ ଅଭୟଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନମ୍ବର ୫୪/୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ହତ୍ୟା ମାମଲାରେ ନାବାଳକଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

୨୦୨୨ରେ ସଂଘଟିତ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ନାବାଳକ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଉକ୍ତ ମାମଲାର ବିଚାର ପୂର୍ବକ ୨୪ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ଏହି ମାମଲାର ରାୟ ପ୍ରକାଶ କରି ସୋମବାର ଅଭିଯୁକ୍ତଙ୍କୁ ଦଫା ୩୦୨ରେ ୨୦ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଗୁଣ୍ଡରପୁର ଅଞ୍ଚଳରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ନେଇଥିବା ଋଣ ଆଦାୟ ପାଇଁ ଯାଇଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ କମଳ ବାଗଙ୍କୁ ଅଭିଯୁକ୍ତ ନାବାଳକଙ୍କ ସହ ତାଙ୍କ ପରିବାର ଲୋକେ ହତ୍ୟା କରିଥିଲେ। ଉକ୍ତ ଘଟଣାକୁ ନେଇ ଧମା ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୩୯/୨୨) ରୁଜୁ କରି ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ବୋର୍ଡରେ ହାଜର କରିବା ସହ ତାଙ୍କ ପରିବାରର ଅନ୍ୟ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାଲିଥିଲା। ସରକାରଙ୍କ ପକ୍ଷରୁ ଅଦାଲତରେ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।

## ଫଟୋ ଭାଇରାଲ ଧମକ ଦେଇ ବଳାତ୍କାର

### ପୂର୍ବତନ ପ୍ରେମିକ ଗିରଫ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ) – ଆପତ୍ତିଜନକ ଫଟୋ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଭୁବନେଶ୍ୱର ମୈତ୍ରିବିହାର ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଟାଉନ୍‌ର ସୋମନାଥ ମଲ୍ଲିକ (୨୯)। କୋର୍ଟଚାଲାଣ ପରେ ସୋମନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୩ରେ ପୀଡତା ଯୁବତୀ ଓ ସୋମନାଥ ଏହି ଥାନା ଅନ୍ତର୍ଗତ ଏକ ହୋଟେଲରେ କାମ କରୁଥିବ ବେଳେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ସୋମନାଥ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଫଶାଇଥିଲେ। ଗତବର୍ଷ ଜୁଲାଇ ମାସରେ ପାତ୍ରପଡାସ୍ଥିତ ଏକ ହୋଟେଲରେ ଉଭୟେ ରହିଥିଲେ। ସେଠାରେ ସୋମନାଥ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ସେହି ସମୟର କିଛି ଆପତ୍ତିଜନକ ଫଟୋକୁ ନିଜ ମୋବାଇଲରେ ଉଠାଇ ରଖିଥିଲେ। ଏହାପରେ ଉକ୍ତ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଇ ସେ ପୀଡିତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ତାଙ୍କଠାରୁ ସୋମନାଥ ୭୦ ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ପରେ ପୀଡିତାଙ୍କ ଜାତିକୁ ଛୋଟ ଦର୍ଶାଇ ବିବାହ କରିବାକୁ ସୋମନାଥ ମନା କରିଦେଇଥିଲେ। ଏନେଇ ପୀଡିତା ଯୁବତୀଙ୍କ ଏତଲାକ୍ରମେ ପୋଲିସ ଅକ୍ଟୋବର ୨୩ରେ ଏକ ମାମଲା (ନଂ.୪୮୩/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ସୋର, ୧୮।୧୧(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ଖରାସାହାପୁର ଗ୍ରାମର ଜଣେ ଯୁବତୀଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଖରାସାହାପୁର ଗ୍ରାମର ଜଣେ ଯୁବତୀ ନର୍ଥ ଓଡିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ପଢୁଥିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ସିଂଲାମୁଣ୍ଡୁଳି ଗ୍ରାମର ଯତୀନ ଗନ୍ତାୟତ(୨୨) ଙ୍କ ସହିତ ବନ୍ଧୁତା ବଢିଯାଇଥିଲା। ଏହାର ସୁଯୋଗ ନେଇ ଯତୀନ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଫଟୋ ଉତ୍ତୋଳନ କରି ମୋବାଇଲରେ ରଖିଥିଲେ। ପରେ ସେ ଏହି ଫଟୋ ଦେଖାଇ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହିତ ଫଟୋ ଭାଇରାଲ କରିବାର ଧମକ ଦେଇଥିଲେ। ଯୁବତୀଜଣଙ୍କ କୌଣସି ଉପାୟ ନ ପାଇ ନିଜର ମୋବାଇଲ ନମ୍ବରକୁ ବଦଳାଇ ଦେଇଥିଲେ। ତାପରେ ଯତୀନ ଉକ୍ତ ଫଟୋକୁ ଯୁବତୀଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଇବା ସହିତ ଯୁବତୀଙ୍କ ନାମରେ ଏକ ଫେକ ଫେସବୁକ ଆଇଡି ଖୋଲି ଫଟୋକୁ ସେଥିରେ ଭାଇରାଲ କରିଥିଲେ। ଏନେଇ ଯୁବତୀଜଣଙ୍କ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୯୪୫/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ଯତୀନଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଡ଼ାକୁ ସୁନ୍ଦର ଗୁଡ଼ ଦହି,
ଦୁଧକୁ ସୁନ୍ଦର ନବାତ ଖଇ ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡ଼ାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚେଡ଼ି ଗେରତାଣି, ଭଣ୍ଡାରି ପାତର,
ସେ ଘର ବୁଡ଼ିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରି ନିଜ କୌଳିକ ବୃତ୍ତିକୁ ଛାଡ଼ି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ୩୦ଯାଏ କନିଷ୍ଠ ମେଧାବୃତ୍ତି ପାଇଁ ଆବେଦନ

ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ରାଜ୍ୟର ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଆବେଦନ ଆରମ୍ଭ ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସିବିଏସ୍‌ଇ ଓ ଆଇସିଏସ୍‌ଇ ଅନୁବନ୍ଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟରଙ୍କ ପକ୍ଷରୁ ଜାରି ଏହି ଚିଠିରେ ଆବେଦନର ପ୍ରଣାଳୀ, ଯୋଗ୍ୟତା, ସମୟସୀମା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଇ-ମେଧାବୃତ୍ତି ଯୋଜନାରେ ରାଜ୍ୟର ମୋଟ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବାକୁ ଥିବାବେଳେ ଆସନ୍ତା ୩୦ ତାରିଖ ଯାଏ ଆବେଦନ ଗ୍ରହଣ କରାଯିବ। ଦଶମରେ ୬୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବାର୍ଷିକ ଆୟ ୬ଲକ୍ଷ ଟଙ୍କାରୁ କମ୍ ଥିଲେ ସେମାନେ ମେଧାବୃତ୍ତି ପାଇଁ ଆବେଦନ କରିପାରିବେ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବାର୍ଷିକ ୩ ହଜାର ଟଙ୍କା ବୃତ୍ତି ରାଶି ପାଇବେ। ଆବେଦନ ସମ୍ପର୍କିତ ସମସ୍ତ ତଥ୍ୟ ସାମସ୍ ୱେବ୍‌ସାଇଟରେ ଉପଲବ୍ଧ ରହିଛି।

# ଜନବସତିମୁହାଁ ବାଘ

- ପାଦଚିହ୍ନ ଦେଖି ଲୋକେ ଭୟଭୀତ
- ସଚେତନ କଲା ବନ ବିଭାଗ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା, (ସନ୍ତୋଷ ବାଚ୍ଛିନୀ),୧୮।୧୧

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କପ୍ତିପଦା ରେଞ୍ଜ ଅଧୀନ ଅସନବଣି ଗ୍ରାମରେ ବାଘ ପାଦଚିହ୍ନକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାଘ ଉପସ୍ଥିତିକୁ ନେଇ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଗାଁ ଲୋକେ ବାଘ ଭୟରେ ଘରୁ ବାହାରିବାକୁ ଉଚିତ ମଣୁ ନ ଥିବା ବେଳେ ସନ୍ଧ୍ୟା ପୂର୍ବରୁ ଘରକୁ ବାହୁଡ଼ିବାରେ ଲାଗିଛନ୍ତି। ଏନେଇ ବନ ବିଭାଗ ଅନୁଧ୍ୟାନ ଜାରି ରଖିଥିବା ବେଳେ ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣୀ 'ଯମୁନା' ଅନୁପ୍ରବେଶ କରିଥିବା ଗ୍ରାମବାସୀ ଆଶଙ୍କା କରୁଛନ୍ତି। ହାତୀ ଦାଉରୁ ପାଚିଲା ଧାନ କ୍ଷେତକୁ ସୁରକ୍ଷା ଦେବା ପାଇଁ ଲୋକେ ଚିନ୍ତିତ ଥିବା ବେଳେ ବାଘର ଉପସ୍ଥିତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଧାନ କ୍ଷେତର ସୁରକ୍ଷା ପାଇଁ ବାଘ ମୁହଁରେ ଆହାର ହେବା ଭୟରେ ଲୋକେ ପ୍ରମାଦ ଗଣିବାରେ ଲାଗିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ମହାବଳ ବାଘ 'ଯମୁନା'ର ଚଳପ୍ରଚଳ ନ ଥିବା ଏବଂ ଲୋକେ ସତର୍କତା ଅବଲମ୍ବନ କରିବା ପାଇଁ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ପ୍ରଦାନ କରାଯାଉଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।



ବାଘର ପାଦଚିହ୍ନ।

ସୂଚନାଯୋଗ୍ୟ, କପ୍ତିପଦା ରେଞ୍ଜ ଅସନବଣି ଗ୍ରାମରେ ଥିବା କେନାଲର ୮ରୁ ଅଧିକ ସ୍ଥାନରେ ବାଘ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଛି। ବାଘଟି ନିକଟସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରୁ ବଫର ଅଞ୍ଚଳ ପାର୍ ହୋଇ ଜନବସତି ମୁହାଁ ହୋଇଥିବା କୁହାଯାଉଛି। ଗାଁ ନିକଟସ୍ଥ ଜଙ୍ଗଲରୁ ଖସିଆସି କେନାଲ ପାର୍ ହେବା ସମୟରେ ମାଛ ଧରିବା ପାଇଁ ବସିଥିବା ଏକ ଅନ୍ଧୁଣିକୁ ଭାଙ୍ଗିଥିବା ଜଣାପଡ଼ିଛି। ସୋମବାର ସକାଳୁ ମାଛ ଧରିବାକୁ ଆସିଥିବା ବ୍ୟକ୍ତି ଜଣକ ଭଙ୍ଗା ଅନ୍ଧୁଣି ଓ ଆଖପାଖ ସ୍ଥାନରେ ବାଘର ପାଦଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ବାଘ ଥିବା ନେଇ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ କରାଯିବା ସହ ଜଙ୍ଗଲକୁ ନ ଯିବା ପାଇଁ ବାରଣ କରାଯାଇଛି।

ଶିମିଳିପାଳ ପାଦଦେଶରେ ଥିବା ଦେବଳା ପଞ୍ଚାୟତର ପିଙ୍ଗୁ, ଅସନବଣି, କଣ୍ଟାଗଡି, ସାରବସା, ଚୁଇପୋଷି, ହାଣ୍ଡିଫୁଟା, ଗଡିପାଳ, ଅଡାସାହି, ଗଣ୍ଡିଦର ଓ ପୋଡାଡିହା ଆଦି ସଂଲଗ୍ନ ଗ୍ରାମଗୁଡ଼ିକରେ ମହାବଳ ବାଘ ଚଳପ୍ରଚଳ କରୁଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ପାଦ ଚିହ୍ନ ଦେଖି ବାଘଟି ଜନବସତି ମଧ୍ୟରେ ପ୍ରବେଶ କରିଥିବା ଗ୍ରାମର ପାର୍ବତୀ ସୋରେନ ଓ ମନୋଜ ବାରିକ ସନ୍ଦେହ କରୁଥିବା କହିଛନ୍ତି। ଏପରିକି ବନ ବିଭାଗର ସତର୍କତା ମୂଳକ ପଦକ୍ଷେପ ଓ ବାଘର ପାଦଚିହ୍ନକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ହାତୀ ଘଉଡ଼ାଇବାକୁ ଯାଉଥିବା ଚାଷୀମାନେ ମହାବଳ ହାବୁଡ଼ରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ତେବେ ହାତୀ ଓ ବାଘକୁ ନେଇ ଲୋକେ ଅସହାୟ ହୋଇପଡ଼ିଥିବା ଗଣ୍ଡିଦର ଗ୍ରାମର ଚାଷୀ ରଶ୍ମୀ ସେନାପତି, ବୃନ୍ଦାବନ କୁସୁମାଳିଆ ଓ କୋଲରୀ କୋସମାଳିଆ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୯ ତାରିଖରେ ଏନକ୍ଲୋଜରରୁ ଛଡ଼ାଯାଇଥିବା ମହାବଳ ବାଘୁଣୀ 'ଯମୁନା' କୋର୍ ଅଞ୍ଚଳ ଛାଡ଼ି ଜନବସତି ମୁହାଁ ହେଉଛି। ବିପଦ ଆଶଙ୍କାରେ ବନ ବିଭାଗ ପକ୍ଷରୁ ତା' ପାଇଁ ଯନ୍ତା ପ୍ରସ୍ତୁତ କରି ରଖାଯାଇଛି। 'ଯମୁନା' ଦେହରେ ଲାଗିଥିବା ରେଡିଓ କଲାର ଯୋଗେ ତା'ର ଗତିବିଧି ଉପରେ ବନ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି। ତେବେ ପଡ଼ିଥିବା ପାଦଚିହ୍ନ କଲରାପତରିଆ ବାଘର ହୋଇପାରେ ବୋଲି ବନ ବିଭାଗ ସନ୍ଦେହ କରି ତଦନ୍ତ ଜାରି ରଖିଛି। ତେବେ 'ଯମୁନା'ର ସ୍ଥିତି ଅନ୍ୟ ସ୍ଥାନରେ ରହିଛି ଓ ତାକୁ ନେଇ ଭୟଭୀତ ନ ହେବାକୁ ଆରସିସିଏଫ୍ ଗୋଗିନେନୀ କହିଛନ୍ତି।

## ନୂଆପଡ଼ା ଅଦିନିଆ ରଥଯାତ୍ରା ନେଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ବିଭିନ୍ନ ସ୍ଥାନରେ ମନଇଚ୍ଛା ରଥଯାତ୍ରାକୁ ନେଇ କିଛିଦିନ ହେବ ବିତର୍କ ଆରମ୍ଭ ହୋଇଛି। ନୂଆପଡ଼ା ଜିଲାର କୋମନା ବ୍ଲକର ଏକ ଗାଁରେ ଅଦିନିଆ ରଥଯାତ୍ରା କରାଯିବାକୁ ନେଇ ପ୍ରତିବାଦ ଉଠୁଛି। ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଦସ୍ୟମାନେ ସୋମବାର ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଛନ୍ତି। ପରିଷଦ ସଭାପତି ସଞ୍ଜିତା ମହାନ୍ତି ଏହି ଅବସରରେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି କହିଛନ୍ତି, ନିୟମ ଅନୁଯାୟୀ ରଥଯାତ୍ରା ସବୁ ସମୟରେ କରାଯିବା କଥା ନୁହେଁ। ହେଲେ ଏହାକୁ କେହି ମାନୁନାହାନ୍ତି। ଏହି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେହେତୁ ନୂଆପଡ଼ାଠାରେ ଏହା ହୋଇସାରିଲାଣି ଆଗକୁ ଯେପରି ଏଭଳି ଘଟଣା ନ ହେବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର। ସବୁ ଜିଲାପାଳଙ୍କୁ ଏନେଇ ଚିଠି ଲେଖାଯାଉ। ଆଗକୁ ଯଦି ଏପରି କେହି ପଦକ୍ଷେପ ଗ୍ରହଣ କରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସଞ୍ଜିତା ଦାବି କରିଛନ୍ତି। ଅନ୍ୟପଟେ ମନ୍ତ୍ରୀ ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବାବେଳେ ଏ ସମ୍ପର୍କରେ ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଏହାସହ ଏହା ଯେଉଁଠାରେ ହୋଇଛି ତା'ର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## କଲରାପତରିଆ ବାଘଛାଲ ଜବତ, ୩ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୧୮।୧୧

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶ ବାଙ୍ଗିରିପୋଷି ଥାନା ଅଞ୍ଚଳରୁ ବନ ବିଭାଗ ଏକ କଲରାପତରିଆ ବାଘଛାଲ ଜବତ କରିଛି। ଏହା ସହିତ ବ୍ୟବସାୟରେ ଜଡିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବନ ବିଭାଗ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖିଛି।

ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ରେଞ୍ଜ ବାଲିଖଣି ଗ୍ରାମରେ କଲରାପତରିଆ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ଏନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ଚଢ଼ାଉ କରିଥିଲା। ଦୁଇଟି ବାଇକ୍‌ରେ ୪ ଜଣ ବାଘଛାଲ ନେଇ ଡିଲ୍ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ମାଡ଼ି ବସିଥିଲେ। ୩ ଜଣ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ବାଇକ୍ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଜବତ ବାଘଛାଲର ଲମ୍ବ, ଓସାର ଏବଂ ବୟସ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଏହି ର୍‍ୟାକେଟରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ତେବେ କିଛି ଦିନ ହେଲା ବାଘଛାଲ କାରବାରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ବେଳେ ଅପରାଧୀମାନେ ପୁଣି ସକ୍ରିୟ ହୋଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ବେପାରୀ ଏଥିରେ ସାମିଲ ହୋଇ ପୂର୍ବରୁ ଧରା ପଡ଼ିଥିବା ନଜିର ମଧ୍ୟ ରହିଛି। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି କରିବା ସହ ଗାଡ଼ିମୋଟର ଯାଞ୍ଚ କରାଗଲେ ବନ୍ୟପ୍ରାଣୀଙ୍କ ଅଂଶ ବିଶେଷ ଧରାପଡ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।



ଜବତ କଲରାପତରିଆ ବାଘଛାଲ।

## ରଘୁବିନ୍ଦର ଶୌକିନଙ୍କୁ କ୍ୟାବିନେଟ ମନ୍ତ୍ରୀ କରିବ ଆପ୍

ନୂଆଦିଲ୍ଲୀ,୧୮।୧୧



ଦିଲ୍ଲୀର ନାଙ୍ଗଲୋଇ ଜାଟ ନିର୍ବାଚନମଣ୍ଡଳୀରୁ ୨ ଥର‌ର ବିଧାୟକ ରଘୁବିନ୍ଦର ଶୌକିନ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାରଙ୍କ ନୂତନ କ୍ୟାବିନେଟ ମନ୍ତ୍ରୀ ହେବେ। ଏନେଇ ଏକ ଖବରଦାତା ସମ୍ମିଳନୀରେ ଆପ୍ ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସୂଚନା ଦେଇଛନ୍ତି। ରଘୁବିନ୍ଦରଙ୍କୁ କ୍ୟାବିନେଟ ମନ୍ତ୍ରୀ କରିବା ପାଇଁ ଦଳୀୟ ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଶୌକିନ ଦିଲ୍ଲୀର ଜଣେ ପ୍ରଭାବଶାଳୀ ଜାଠ ନେତା ଭାବେ ଜଣାଶୁଣା। ରବିବାର ଦିଲ୍ଲୀ ସରକାରଙ୍କ ପରିବହନ ମନ୍ତ୍ରୀ ତଥା ଜାଠ ନେତା କୈଳାସ ଗେହଲଟ ଇସ୍ତଫା ଦେଇଥିଲେ। ତେଣୁ ଆସନ୍ତା ଫେବୃଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଯେପରି ଆପ୍‌କୁ ବ୍ୟାପକ କ୍ଷତି ନ ପହଞ୍ଚେ ତାହା ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ଜାନୁୟାରୀରେ ଅଳଙ୍କାର...

ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଓ ମାଗଦର୍ଶନ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ। ତେବେ ଆଇନମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ ଅନୁଯାୟୀ ଯଥାସମ୍ଭବ ପ୍ରସ୍ତୁତ ଅଛୁ। ପ୍ରଥମତଃ ରତ୍ନଭଣ୍ଡାର ମରାମତି କରାଯିବ, ତେଣୁ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟ ଆରମ୍ଭ କରାଯିବ। ମରାମତି ପରେ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର ଏବଂ ଏହାପରେ ଗଣତିମଣତି କରାଯିବ। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏନେଇ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାର କାର୍ଯ୍ୟ ଦୀର୍ଘସ୍ଥାୟୀ ଭାବେ କରାଯାଉ। ତୁରନ୍ତ ରତ୍ନଅଳଙ୍କାରଗୁଡ଼ିକୁ ରତ୍ନଭଣ୍ଡାରକୁ ନିଆଯାଉ। ଗଣତିମଣତି କରାଯାଇ ରିପୋର୍ଟକୁ ସାର୍ବଜନୀନ କରାଯାଉ। ଫଳରେ ମହାପ୍ରଭୁଙ୍କ ଜିନିଷ ସମ୍ପର୍କରେ ଜନସାଧାରଣ ଜାଣିପାରିବେ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି।

### ଭାଜପା ନେତା ସମୀର...

ଏକ ହସ୍ପିଟାଲରେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସେ ଗୁରୁତର ନିମୋନିଆ ଓ ଶ୍ୱାସନଳୀ ସଂକ୍ରମଣଜନିତ ରୋଗରେ ପୀଡ଼ିତ ଥିଲେ। ଗତ ପ୍ରାୟ ୧୫ ଦିନ ତଳେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଦୀପିକା ଦତ୍ତରାୟ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେ ଓକିଲାତି, ରାଜନୀତି ସମେତ କ୍ରୀଡ଼ା, ସାଂସ୍କୃତିକ, ଧାର୍ମିକ ଆଦି ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସେ ୧୯୯୫, ୨୦୦୦ ଓ ୨୦୦୪ ମସିହାରେ ଲଗାତର ୩ଥର କଟକ ସହରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେଡି -ଭାଜପା ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ୨୦୦୦ ମାର୍ଚ୍ଚ ୬ରୁ ୨୦୦୪ ମେ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ହେଲେ ଏହା ପରଠୁ ସେ ନିର୍ବାଚନରେ ସଫଳତା ପାଇ ନ ଥିଲେ। ସେ ରାଜ୍ୟ ଭାଜପାର ଜଣେ ଜଣାଶୁଣା ଚେହେରା ଥିଲେ। ଏହାବ୍ୟତୀତ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ପରିଚିତ ଥିଲେ। ସେ ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ୍‌ର ସଭାପତି ରହିଥିଲେ। ତେବେ ଚଳିତ ବର୍ଷ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ୍‌ର ସଭାପତି ଭାବେ ନିର୍ବାଚିତ ହୋଇ କାର୍ଯ୍ୟରତ ଥିଲେ। ବାସ୍ତୁରି ଦିଗଭାଗ ମଣ୍ଡଳୀର ସର୍ବାଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ।

ତାଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ପ୍ରଶାସନିକ ଅସହଯୋଗ: ସରପଞ୍ଚଙ୍କ ଆତ୍ମାହୁତି ଚେତାବନୀ

ରାମଚନ୍ଦ୍ରପୁର,୧୮।୧୧ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ପଞ୍ଚାୟତର ସରପଞ୍ଚଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ବୃନ୍ଦାବନ ଜେନା ଘସିପୁରା ବ୍ଲକ୍ ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି ଫଳ ନ ମିଳିବାରୁ ସୋମବାର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଚାଉଳ ବଣ୍ଟନଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ସରପଞ୍ଚଙ୍କୁ ଜାଣିଶୁଣି ଉପେକ୍ଷା କରାଯାଉଛି। ପଞ୍ଚାୟତରେ ଥିବା ୨ ପୋଖରୀ ଖାଲିଆମେଣ୍ଟାର ଗ୍ରାମବାସୀ ଅଗ୍ନି ଉତ୍ସବ ପାଇଁ ରଖାଯାଇଛି। ଧାଉଡ଼ଡିହା ଗ୍ରାମରେ ୨ ପୋଖରୀ ଥିବା ବେଳେ ମାଣିଗିରିରେ ଗୋଟିଏ ପୋଖରୀ ଅଛି, ଏ ପର୍ଯ୍ୟନ୍ତ ତାକୁ ନିଲାମ ଦିଆଯାଉନାହିଁ। ୨ ବର୍ଷ ୮ ମାସ କାର୍ଯ୍ୟକାଳ ମଧ୍ୟରେ ଘସିପୁରା ବ୍ଲକ୍ ଓ ଆନନ୍ଦପୁର ବ୍ଲକ୍ ଜନଶୁଣାଣିରେ ଜିଲାପାଳ, ଉପ ଜିଲାପାଳଙ୍କୁ ଦରଖାସ୍ତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସରକାରଙ୍କ ତରଫରୁ ୨୦୧୭ରେ ନିର୍ମାଣ ହୋଇଥିବା ୧୬ଟି ମାର୍କେଟ କମ୍ପ୍ଲେକ୍ସର ଗୃହ ପୂର୍ବତନ ସରପଞ୍ଚ ରାଜିନାମା ଦ୍ୱାରା କମ୍ପ୍ଲେକ୍ସ ବଣ୍ଟନ କରିଛନ୍ତି। ଫଳରେ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀ ମାସ ଶେଷରେ ଭଡ଼ା ମାଗିବାକୁ ଗଲେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। ଘସିପୁରା ଥାନାରେ ଏ ନେଇ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଅନ୍ୟପଟେ ପଞ୍ଚାୟତରେ ସାଧାରଣ ବଣ୍ଟନ ପାଇଁ ପିଇଓ ଥିଲେ ମଧ୍ୟ ତାଙ୍କ ଲାଇସେନ୍ସରେ ପଞ୍ଚାୟତକୁ ପିଡିଏସ ଦିଆଯାଉନାହିଁ। ଅନ୍ୟ ପଞ୍ଚାୟତର ପିଇଓଙ୍କ ଦ୍ୱାରା ସାଧାରଣ ବଣ୍ଟନ କରାଯାଉଛି। ବାରମ୍ବାର ଏ ନେଇ ବିଡିଓ, ଜିଲାପାଳଙ୍କୁ ଗୁହାରି କରିଛନ୍ତି। ମାତ୍ର ତାଙ୍କୁ ନିରାଶ ହେବାକୁ ପଡୁଥିବା ସରପଞ୍ଚ କହିବା ସହ ଏଭଳି ଲାଗି ରହିଲେ ଆତ୍ମାହୁତି ଦେବେ ବୋଲି କହିଥିଲେ। ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ କହିଛନ୍ତି, ସେ ଏ ବିଷୟରେ କିଛି ଜାଣି ନାହାନ୍ତି। ଯଦି ଏମିତି କିଛି ହେଉଥିବ, ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରାଯିବ।

## ଜନସ୍ୱାର୍ଥ ମାମଲା ଆବେଦନକାରୀଙ୍କୁ ମରଣାନ୍ତକ ଆକ୍ରମଣ

- ଧର୍ମଶାଳା ଥାନାରେ ଅଭିଯୋଗ
- ଆରୁହା ପାହାଡ଼ରେ ବେଆଇନ କଳାପଥର ଖାଦାନ

ଯାଜପୁର,୧୮।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା କଳାପଥର ଖାଦାନ ଲୁଟ୍ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁପିସି ନଂ-୨୮୦୩୨/୨୦୨୪) ରୁଜୁ ହୋଇଛି। ତେବେ ଏହାର ଆବେଦନକାରୀ ଆରୁହା ଗ୍ରାମର ବିପିନ କୁମାର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବିପିନ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ଆରୁହା ଛକରେ ଠିଆ ହୋଇଥିବାବେଳେ ଆରୁହା ପାହାଡ଼ର ଲିଜ୍‌ଧାରୀ ମନୋଜ ସାମଲ କେତେକ ବ୍ୟକ୍ତିଙ୍କୁ ପଠାଇ ଆକ୍ରମଣ କରିଥିଲେ। ଏଥିରେ ନିରାକାର ସାମଲ, ସୁରେଶ ସାମଲ ଓ ପ୍ରମୋଦ ସାମଲ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାହିଁକି କେସ୍ କରିଛୁ ବୋଲି ବିପିନଙ୍କୁ ଧମକ ଦେଇଥିଲେ। ଏହାସହ ବନ୍ଧୁକ ଓ ଖଣ୍ଡା ଦେଖାଇ ବିପିନଙ୍କ ଛାତିକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ତଳେ ପଡ଼ିଯିବାରେ ତାଙ୍କ ପକେଟରୁ ୮,୨୦୦ ଟଙ୍କା ଛଡ଼େଇ ନେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ମାମଲା ପ୍ରତ୍ୟାହାର ନ କଲେ ଜୀବନରେ ମାରିଦେବୁ ବୋଲି ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏହାପରେ ବିପିନ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେଣୁ ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଥାନାରେ ଲିଖିତ ଅନୁରୋଧ କରିଛନ୍ତି। ତେବେ ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ କିମ୍ବା ତଦନ୍ତ ହୋଇ ନ ଥିବା ଜଣାପଡ଼ିଛି। ଧର୍ମଶାଳା ଥାନାଧିକାରୀ ତପନ କୁମାର ନାୟକଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

**ଜାତୀୟ/ଅନ୍ତର୍ଜାତୀୟ ଖବର**

## ବୈଶ୍ୱିକ ସଂଘର୍ଷ ଯୋଗୁ ଗ୍ଲୋବାଲ ସାଉଥ୍ ସର୍ବାଧିକ ପ୍ରଭାବିତ

ରିଓ ଡି ଜନେରିଓ ,୧୮।୧୧

ବୈଶ୍ୱିକ ସଂଘର୍ଷ ଯୋଗୁ ସୃଷ୍ଟି ହୋଇଥିବା ଖାଦ୍ୟ, ଇନ୍ଧନ ଓ ସାର ସଙ୍କଟ ଦ୍ୱାରା ଗ୍ଲୋବାଲ ସାଉଥ୍ ରାଷ୍ଟ୍ରଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଏହି ରାଷ୍ଟ୍ରସମୂହର ଅସୁବିଧା ଦୂର କରିବା ଜି୨୦ର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବ୍ରାଜିଲ ଅଧ୍ୟକ୍ଷତାରେ ରିଓ ଡି ଜନେରିଓରେ ଚାଲିଥିବା ଜି୨୦ ସମ୍ମିଳନୀର ପ୍ରଥମ ଦିନରେ ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଶୀର୍ଷକ ଅଧିବେଶନକୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରି କହିଛନ୍ତି, ଗତବର୍ଷ ନୂଆଦିଲ୍ଲୀରେ ଆୟୋଜିତ ଏହି ବ୍ଲକ୍‌ର ସମିଟ୍‌ରେ ନିଆଯାଇଥିବା ଲୋକକେନ୍ଦ୍ରିକ ନିଷ୍ପତ୍ତିଗୁଡ଼ିକୁ ବ୍ରାଜିଲ ଆଗକୁ ବଢ଼ାଇନେବା ପ୍ରଶଂସନୀୟ। ଭାରତ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଆହ୍ୱାନ ଦେଇଥିବାବେଳେ ରିଓ ଆଲୋଚନାରେ ତାକୁ ପ୍ରାଧାନ୍ୟ ଦିଆଯାଇଛି। ଗ୍ଲୋବାଲ ସାଉଥ୍ ବା ସ୍ୱଳ୍ପ ଆୟକାରୀ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଧ୍ୟାନରେ ରଖି ଆଲୋଚନାକୁ ଆଗେଇନେଲେ ସଫଳତା ମିଳିପାରିବ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କେଇର୍ ଷ୍ଟାର୍ମର ପ୍ରମୁଖ ନେତା ମଡର୍ନ ଆର୍ଟ ମ୍ୟୁଜିୟମରେ ଚାଲିଥିବା ଏହି ୨ଦିନିଆ ସମ୍ମିଳନୀରେ ସାମିଲ ହୋଇଛନ୍ତି।

## ସଞ୍ଜୀୟ ମୂର୍ତ୍ତି ନୂଆ ସିଏଜି

ନୂଆଦିଲ୍ଲୀ ,୧୮।୧୧

ଭାରତ ସରକାର ସୋମବାର କେ. ସଞ୍ଜୟ ମୂର୍ତ୍ତିଙ୍କୁ ଦେଶର ପରବର୍ତ୍ତୀ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଛନ୍ତି। ୧୯୮୯ ବ୍ୟାଚ୍ ହିମାଚଳପ୍ରଦେଶ କ୍ୟାଡର ଆଇଏଏସ୍ ଅଫିସର ମୂର୍ତ୍ତି ବିଦାୟୀ ସିଏଜି ଗିରୀଶଚନ୍ଦ୍ର ମୁର୍ମୁଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ମୂର୍ତ୍ତି ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗରେ ସଚିବ ଭାବେ କାର୍ଯ୍ୟରତ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୮ ଧାରା (୧) ବଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ କ୍ଷମତା ଉପଯୋଗ କରି ମୂର୍ତ୍ତିଙ୍କୁ ସେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତି ପ୍ରଦାନ କରିଥିବା ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଗିରୀଶ ମୁର୍ମୁ ୨୦୨୦ ଅଗଷ୍ଟ ୮ରେ ସିଏଜି ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ କାର୍ଯ୍ୟକାଳ ନଭେମ୍ବର ୨୦ରେ ସରୁଛି।



କେ. ସଞ୍ଜୟ ମୂର୍ତ୍ତି

## ଅନ୍‌ମୋଲ ବିଷ୍ଣୋଇ ଆମେରିକାରେ ଅଟକ

ମୁମ୍ବାଇ ,୧୮।୧୧



ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କ ହତ୍ୟା ଏବଂ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ବାହାରେ ଗୁଳି ଚଳାଇବା ଅଭିଯୋଗରେ ମୁମ୍ବାଇ ପୋଲିସର ୱାଣ୍ଟେଡ୍ ତାଲିକାରେ ଥିବା ଅନ୍‌ମୋଲ ବିଷ୍ଣୋଇଙ୍କୁ ସୋମବାର ଆମେରିକା ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। ସାବରମତୀ ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଅନ୍‌ମୋଲ କାନାଡାରେ ରହୁଥିବାବେଳେ ଆମେରିକାକୁ ନିୟମିତ ଗସ୍ତ କରୁଛନ୍ତି। ୨୫ ବର୍ଷୀୟ ଅନ୍‌ମୋଲ ଜାଲ୍ ଭିଜା ବଳରେ ଆମେରିକା ଯାଇଥିବାବେଳେ ଗତ ସପ୍ତାହରେ ସେଠାକାର ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ପ୍ରକାଶ ଯେ, ଅନ୍‌ମୋଲ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣା ପରେ ୨୦୨୨ ମେ'ରେ ଅନ୍‌ମୋଲ ଫେକ୍ ପାସ୍‌ପୋର୍ଟ ବଳରେ ଭାରତ ଛାଡ଼ି ପଳାଇଥିଲେ। ଗତ ଅକ୍ଟୋବର ୧୨ରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗିରଫ ଶୁଟରମାନେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ବୋଲି ଜଣାପଡ଼ିବା ପରେ ଅନ୍‌ମୋଲଙ୍କ ନାଁ ପୁଣିଥରେ ଚର୍ଚ୍ଚାକୁ ଆସିଥିଲା। ତାଙ୍କ ସମ୍ପର୍କରେ ସୂଚନା ଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଅନ୍‌ମୋଲଙ୍କୁ ଆମେରିକା ଅଟକ ରଖିଥିବା ଖବର ଆସିବା ପରେ ଭାରତ ସରକାର ତାଙ୍କୁ ପ୍ରତ୍ୟର୍ପିତ କରି ସ୍ୱଦେଶକୁ ଫେରାଇ ଆଣିବା ସହ ଆଇନର କାଠଗଡ଼ାରେ ଛିଡ଼ା କରାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

## ଜିଏସ୍‌ଏଟି-୨୦ ସାଟେଲାଇଟକୁ ଲଞ୍ଚ୍ କଲା 'ସ୍ପେସ୍‌ଏକ୍ସ'

ୱାଶିଂଟନ, ୧୮।୧୧



ବିଲିୟନେୟାର ବ୍ୟବସାୟୀ ଏଲନ ମସ୍କଙ୍କ ରକେଟ ନିର୍ମାଣକାରୀ କମ୍ପାନୀ 'ସ୍ପେସ୍‌ଏକ୍ସ' ସୋମବାର ଭାରତର ସବୁଠାରୁ ଆଧୁନିକ କମ୍ୟୁନିକେଶନ ସାଟେଲାଇଟ 'ଜିଏସ୍‌ଏଟି-୨୦' (ଜିଏସ୍‌ଏଟି-ଏନ୍୨)କୁ ଲଞ୍ଚ୍ କରିଛି। ଆମେରିକାର ଫ୍ଲୋରିଡା ରାଜ୍ୟ ଅନ୍ତର୍ଗତ କେପ୍ କାର୍ନେଭାଲର ସ୍ପେସ୍ ଲଞ୍ଚ କମ୍ପ୍ଲେକ୍ସ ୪୦ରୁ ଜିଏସ୍‌ଏଟି-୨୦ ନିଜର ଉଡ଼ାଣ ଭରିଛି। ସ୍ପେସ୍‌ଏକ୍ସ'ର ଫାଲକନ୍ ୯ ରକେଟକୁ ବ୍ୟବହାର କରାଯାଇ ଏହି ସାଟେଲାଇଟ ଲଞ୍ଚ କରାଯାଇଛି। 'ଜିଏସ୍‌ଏଟି-୨୦' ସାଟେଲାଇଟ ୧୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଭାରତୀୟ ରକେଟଗୁଡ଼ିକ ୪୭୦୦ କେଜି ଓଜନ ବିଶିଷ୍ଟ ଏହି ସାଟେଲାଇଟକୁ ଲଞ୍ଚ୍ କରିବାକୁ ଅସମର୍ଥ ଥିବାରୁ ଏଥିପାଇଁ ସ୍ପେସ୍‌ଏକ୍ସ'କୁ ଚୟନ କରାଯାଇଛି। ଏହି ସାଟେଲାଇଟ ଭାରତବ୍ୟାପୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରିବ, ଯେଉଁଥିରେ ଦୁର୍ଗମ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ ସଂଯୋଗ ସେବା ମଧ୍ୟ ରହିଛି।

## ମେଡିକାଲ କଲେଜରେ ରାଗିଂ, ଛାତ୍ର ମୃତ

ଅହମଦାବାଦ,୧୮।୧୧

ଗୁଜରାଟ ପାଟଣସ୍ଥିତ ଧାରପୁର ମେଡିକାଲ କଲେଜରେ ଏକ ରାଗିଂଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। କଲେଜ ପରିସର ମଧ୍ୟରେ ସିନିୟରମାନଙ୍କ ରାଗିଂର ସମ୍ମୁଖୀନ ହୋଇ ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ର ଅନିଲ ମେଥାଣିଆଙ୍କ ମୃତ୍ୟୁ ଘଟିଛି। ଶନିବାର କେତେଜଣ ସିନିୟର ଛାତ୍ର ଅନିଲଙ୍କୁ ପରିଚୟ ପାଇଁ ଡକାଇଥିଲେ। ଏହାପରେ ସେମାନେ ତାଙ୍କୁ ବିଭିନ୍ନ ଫିଲ୍ମ ଗୀତରେ ନାଚିବାକୁ ବାଧ୍ୟ କରିଥିଲେ। ଏହି ସମୟରେ ସିନିୟରମାନେ ଅନିଲଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ୩ ଘଣ୍ଟା ଧରି ଖରାରେ ଠିଆହେବାକୁ ବାଧ୍ୟ କରିଥିଲେ। ଦୀର୍ଘ ସମୟ ଧରି ଖରାରେ ଠିଆ ହେବା ପରେ ଅନିଲଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯାଇଥିଲା ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅନିଲଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ କେନ୍ଦ୍ରକରି ଧାରପୁର ମେଡିକାଲ କଲେଜ ପ୍ରଶାସନ ୧୫ଜଣ ସିନିୟର ଛାତ୍ରଙ୍କୁ ନିଲମ୍ବିତ କରିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଭୁବନେଶ୍ୱରରେ ହିରୋର 'ଲୋନ୍ ଆଣ୍ଡ ଏକ୍ସଚେଞ୍ଜ କାର୍ନିଭାଲ'

**ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)**




ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହିରୋ ଲୋନ୍ ଆଣ୍ଡ ଏକ୍ସଚେଞ୍ଜ କାର୍ନିଭାଲ'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଭୁବନେଶ୍ୱରର ଡେଲଟା ଛକ ନିକଟସ୍ଥ ରୋହନ ହିରୋ ପକ୍ଷରୁ ଏକ ୬ ଦିନିଆ ମେଳା (ଋଣ ଏବଂ ବଦଳ ପର୍ବ) ର ଶୁଭାରମ୍ଭ ସୋମବାର ଶହୀଦ ନଗରସ୍ଥିତ ଦୁର୍ଗାପୂଜା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିରୋ ମୋଟକର୍ପର ଏଏଓଏମ ଉଜ୍ଜ୍ୱଳ କୋହଲି, ଏଏସ୍ଏମ୍ ରବିକାନ୍ତ ସିଂ, ଟିଏମ୍ ଅର୍ଚ୍ଚନା ଗୁପ୍ତାଙ୍କ ସମେତ ରୋହନ ହିରୋର ଏମ୍‌ଡି ନୀରୁ ଦୁବେ, ନିର୍ଦ୍ଦେଶକ ରୋହନ ଦୁବେ ଏବଂ ଜିଏମ୍ ପ୍ରିୟରଞ୍ଜନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରୋହନ ହିରୋ ପକ୍ଷରୁ ଆୟୋଜିତ ୬ ଦିନିଆ ମେଳା ଉଭୟ ଶହୀଦନଗର ଓ ତମାଣ୍ଡୋଠାରେ ଅନୁଷ୍ଠିତ ହେବ। ଶହୀଦ ନଗରରେ ୨୦୨୪ ନଭେମ୍ବର ୨୧ ପର୍ଯ୍ୟନ୍ତ ଏବଂ ତମାଣ୍ଡୋ ପଡ଼ିଆରେ ୨୦୨୪ ନଭେମ୍ବର ୨୨ ଓ ୨୩ରେ ଆୟୋଜିତ ହେବ ବୋଲି ରୋହନ ହିରୋ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ଏହି ୬ ଦିନିଆ ମେଳାରେ କମ୍ପାନୀର ସମସ୍ତ ରେଞ୍ଜର ପୁରୁଣା ଗାଡିର ବଦଳ ସାଙ୍ଗକୁ ନୂଆ ଗାଡିର ବୁକିଂ, ଆକର୍ଷଣୀୟ ଦରରେ ଋଣ ଓ ରିହାତି ସୁବିଧା ଯୋଗାଇ ଦିଆଯାଉଛି। ଏପରିକି ସ୍କୁଟର ମଡେଲ ଉପରେ କମ୍ ଡାଉନ ପେମେଣ୍ଟ (୪୯୯୯ ଟଙ୍କା), କମ୍ ସୁଧ ହାର (୬,୯୯%) ଏବଂ ୯୦% ପର୍ଯ୍ୟନ୍ତ ଫଣ୍ଡିଙ୍ଗ ଉପଲବ୍ଧ ରହିଛି। ସେହିପରି ମୋଟରସାଇକେଲ ମଡେଲ ଉପରେ ମଧ୍ୟ ସମାନ ସୁବିଧା ଓ ଅଫର ରହିଛି। ଏପରିକି ମୋଟରସାଇକେଲ ମଡେଲ ଉପରେ କମ ଡାଉନ ପେମେଣ୍ଟ (୫୯୯୯ ଟଙ୍କା), କମ୍ ସୁଧ ହାର (୬,୯୯%) ଏବଂ ୯୦% ପର୍ଯ୍ୟନ୍ତ ଫଣ୍ଡିଙ୍ଗ ଉପଲବ୍ଧ ରହିଛି। ଏହି ମେଳା ସକାଳ ୧୦ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ବୋଲି ରୋହନ ହିରୋ ଜିଏମ୍ ପ୍ରିୟରଞ୍ଜନ ଦାସ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୮।୧୧**

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୪୧ (୨୪୧.୩୦) ପଏଣ୍ଟ କମି ୭୭,୩୩୯ (୭୭,୩୩୯.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୭୯ (୭୮.୯୦) ପଏଣ୍ଟ ହ୍ରାସ ଘଟି ୨୩,୪୫୪ (୨୩,୪୫୩.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ମଣିପାଲ ହସ୍ପିଟାଲରେ ନବଜାତ ଶିଶୁ ସପ୍ତାହ



**ଭୁବନେଶ୍ୱର,୧୮।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ବିଶ୍ୱ ନବଜାତ ଶିଶୁ ସପ୍ତାହ ଏବଂ ବିଶ୍ୱ ପ୍ରିମାଚ୍ୟୁର ଦିବସ ପାଳିତ ହୋଇଯାଇଛି। ଏପରିକି ସୋମବାର ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୦ ପ୍ରିମାଚ୍ୟୁର ଶିଶୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ଏହି ଶିଶୁମାନେ ୩୦ ସପ୍ତାହ ପୂର୍ବରୁ ଜନ୍ମ ନେଇଥିଲେ ଏବଂ ଜନ୍ମ ସମୟରେ ତାଙ୍କର ଓଜନ ୫୦୦ ରୁ ୧୫୦୦ ଗ୍ରାମ୍ ମଧ୍ୟରେ ଥିଲା। ମଣିପାଲ ହସ୍ପିଟାଲରେ ସେମାନଙ୍କୁ ଅତ୍ୟାଧୁନିକ ନିଓନେଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନ୍ଆଇସିୟୁ)ରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା।

ଆଜିର ଏହି କାର୍ଯ୍ୟକ୍ରମରେ ଏହି ପ୍ରିମାଚ୍ୟୁର ଶିଶୁଙ୍କ ମାତାପିତାମାନେ ସେମାନଙ୍କ ଶିଶୁମାନେ ଏନଆଇସିୟୁ ଥିବା ସାମ୍ନାରେ ସେମାନଙ୍କ ଅନୁଭବ ଶେୟାର କରିଥିଲେ।

ଏ ସମ୍ପର୍କରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଏମ୍‌ଡି ଡା. ଶକ୍ତିମୟ ମହାପାତ୍ର କହିଥିଲେ, ନବଜାତ ଶିଶୁମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ପାଇଁ ହସ୍ପିଟାଲର ଅବିଚ୍ଛିନ୍ନ ପ୍ରତିଶ୍ରୁତି ପ୍ରତି ଗବ୍ ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ନବଜାତ ଶିଶୁ, ବିଶେଷ କରି ପ୍ରିମାଚ୍ୟୁର ଶିଶୁମାନେ, ଶ୍ରେଷ୍ଠ ସେବା ପାଇବାକୁ ନିଶ୍ଚିତ କରିବାରେ ଆମେ ପ୍ରତିବଦ୍ଧ ରହିଛୁ। ଆଜି ଆମେ ଦେଖୁଥିବା ସଫଳତା ଗାଥାଗୁଡ଼ିକ ଆମ ଡାକ୍ତରମାନଙ୍କର ଦକ୍ଷତା ଏବଂ ଆମର ସହାୟକ ବ୍ୟବସ୍ଥାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ହସ୍ପିଟାଲର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀବଲ୍ଲଭ ପ୍ରଧାନ କହିଥିଲେ, ପ୍ରିମାଚ୍ୟୁର ଶିଶୁଙ୍କ ଚିକିତ୍ସା କରିବା କ୍ଷେତ୍ରରେ ଆମର ସଫଳତା ହାର ୯୫%ରୁ ଅଧିକ ରହିଛି। ମଣିପାଲ ହସ୍ପିଟାଲର ଉଚ୍ଚ ଗୁଣବତ୍ତା ଚିକିତ୍ସା ଏବଂ ଅଭିଜ୍ଞ ଏନଆଇସିୟୁ ଏବଂ ପିଆଇସିୟୁ ଡାକ୍ତର ନର୍ସଙ୍କ ଚିକିତ୍ସା ଫଳରେ ଅନେକ ପ୍ରିମାଚ୍ୟୁର ଶିଶୁ ବର୍ତ୍ତମାନ ଏକ ସାଧାରଣ ଜୀବନ ଅତିବାହିତ କରୁଛନ୍ତି । ଏହି ଶିଶୁମାନଙ୍କ ମଧ୍ୟରୁ ୫% ରୁ କମ୍ ଶିଶୁଙ୍କୁ ଡିସଚାର୍ଜ ପରେ କୌଣସି ସ୍ୱାସ୍ଥ୍ୟଗତ ଚିକିତ୍ସାର ଆବଶ୍ୟକତା ପଡିଥାଏ

ଶିଶୁରୋଗ ବିଶେଷଜ୍ଞ ଡା. ଅଭିଲିପ୍ସା ଆଚାର୍ଯ୍ୟ କହିଥିଲେ, ମଣିପାଲ ହସ୍ପିଟାଲରେ ଆମେ ୨୪ ଘଣ୍ଟିଆ ଜରୁରିକାଳୀନ ଶିଶୁ ବିଭାଗ ସହିତ ଶିଶୁ କାର୍ଡ଼ିଓଲୋଜି, ଶିଶୁ ନ୍ୟୁରୋଲୋଜି ସହିତ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଆଇସିୟୁ ସେବା ଉପଲବ୍ଧ, ଯାହାକି ପ୍ରିମାଚ୍ୟୁର ଶିଶୁମାନଙ୍କୁ ଏକ ସୁସ୍ଥ ଓ ନୀରୋଗ ରଖିବାରେ ବେଶ୍ ସହାୟକ ହୋଇଥାଏ।

# ଓଡ଼ିଶା ସରକାରଙ୍କ ସହ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ବୁଝାମଣା



**ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)**

ବେଦାନ୍ତ ଗ୍ରୁପର ସାମାଜିକ ପ୍ରତିଷ୍ଠାନ ତଥା ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ ବା ଡିଏସଡବ୍ଲ୍ୟୁଓ ଝାରସୁଗୁଡା ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବାକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି, ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଭାବେ ପରିଣତ ହେବ। ଏପରିକି ଏହା ମହିଳା ଏବଂ ଶିଶୁ ବିକାଶ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲା ମାଜିଷ୍ଟ୍ରେଟ ତଥା କଲେକ୍ଟର ଅବୋଲି ନରଭାନେଙ୍କ ସମେତ ଡିଏସ୍‌ଡବ୍ଲ୍ୟୁଓ ପୁଣ୍ୟବତୀ ହେଲେନ ଜେସ୍ ଏବଂ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗାର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସେବା କରୁଥିବା ସମ୍ପ୍ରଦାୟର ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ଏପରିକି ନନ୍ଦଘର ପଦକ୍ଷେପ ମାଧ୍ୟମରେ ଆମେ ଆମର ଯୁବପିଢି ଏବଂ ମହିଳାମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛୁ।

ସେହିଭଳି ଜିଲାରେ ବେଦାନ୍ତର ବିକାଶମୂଳକ ଉଦ୍ୟମକୁ ପ୍ରଶଂସା କରି ଜିଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଅବୋଲି ନରଭାନେ କହିଛନ୍ତି, ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ଏହି 'ନନ୍ଦଘର' ପଦକ୍ଷେପ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବା ସହିତ ଶିକ୍ଷାର କେନ୍ଦ୍ର ସୃଷ୍ଟି କରୁଛି, ଯାହା ଶିଶୁ ଏବଂ ମହିଳାମାନଙ୍କର ସାମଗ୍ରିକ ସୁସ୍ଥତା ଏବଂ ଅଭିବୃଦ୍ଧିକୁ ସମର୍ଥନ କରିଥାଏ।

# ଭିକୋ ଟର୍‌ମେରିକର ନୂତନ ଅଭିଯାନ




**କୋଲକାତା,୧୮।୧୧**

ଦେଶର ଅଗ୍ରଣୀ ଆୟୁର୍ବେଦିକ ସଂସ୍ଥା ତଥା ଭିକୋ ଲାବୋରେଟୋରିଜର ପ୍ରମୁଖ ବ୍ରାଣ୍ଡ୍ ଭିକୋ ଟରମେରିକ କ୍ରିମ୍‌ର ନୂତନ ଅଭିଯାନ 'ହଲଦି ହେ ତୋ ହେଲଦି ହେ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ନୂଆ ଟେଲିଭିଜନ କ୍ୟାମ୍ପେନ ଏବଂ ପ୍ୟାକେଜିଂର ପୁନଃ ଡିଜାଇନ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। କୋଲାକାତାର ଏକ ୫ ତାରକା ଘରୋଇ ହୋଟେଲର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରିକେଟ କିମ୍ବଦନ୍ତୀ ସୌରଭ ଗାଙ୍ଗୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭିକୋ ଟରମେରିକ ସ୍କିନ କ୍ରିମର ନୂତନ ପ୍ୟାକେଜିଂକୁ ଆନୁଷ୍ଠାନିକ ଭାବେ ଅନାବରଣ କରିଥିଲେ। ଭିକୋ ଲାବୋରୋଟୋରିଜର ବହୁ ବରିଷ୍ଠ ଅଧିକାରୀ ଏବଂ ବଲିଉଡ କଳାକାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ସୌରଭ ଗାଙ୍ଗୁଲି କହିଥିଲେ, ବ୍ରାଣ୍ଡର ନୂତନ କ୍ୟାମ୍ପେନ ସହ ଉତ୍ପାଦର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏପରିକି ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ, ସୁହାନୀ ସେଠି ଏବଂ ଅନ୍ୟମାନେ ଏହି ନୂଆ ଟେଲିଭିଜନ କ୍ୟାମ୍ପେନରେ ଉଭୟ ଉତ୍ପାଦର ଗୁଣବତ୍ତା ଏବଂ ଆଭିମୁଖ୍ୟ ସହିତ ଗ୍ରାହକଙ୍କ ନିକଟତର ହେବାକୁ ସବୁ ସ୍ତରରେ ପ୍ରୟାସ କରାଯାଇଛି ବୋଲି ଗାଙ୍ଗୁଲି ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ବଜାରରେ ହୋଣ୍ଡାର ଅଲ୍ ନ୍ୟୁ ଟ୍ରାନସଲ୍ପ ୭୫୦



**ଭୁବନେଶ୍ୱର,୧୮।୧୧**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ର ପ୍ରିମିୟମ ସେଗମେଣ୍ଟ ହୋଣ୍ଡା ବିଙ୍ଗ ଉଇଙ୍ଗର ଅଲ ନ୍ୟୁ ଅଲ ନ୍ୟୁ ଟ୍ରାନସଲ୍ପ ୭୫୦ର ବଜାର ପ୍ରବେଶ ନିକଟରେ ହୋଇଯାଇଛି। ବ୍ରାଣ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ହୋଣ୍ଡା ବିଙ୍ଗ ଉଇଙ୍ଗ ନର୍ଥ ଭୁବନେଶ୍ୱର (ଗୁଗ୍‌ନାନୀ ମୋଟର୍ସ)ର ପଟିଆ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ହୋଣ୍ଡା ବିଗ୍ ଉଇଙ୍ଗ୍‌ର ପୂର୍ବାଞ୍ଚଳ ଏରିଆ ଇନଚାର୍ଜ ସ୍ନେହାଶିଷ ପାଣିଗ୍ରାହୀଙ୍କ ସମେତ ଗୁଗ୍‌ନାନୀ ହୋଣ୍ଡାର ଏମପି ୟସ୍‌ନୀତ ଗୁଗ୍‌ନାନୀ ଏବଂ ଅଭିନେତା ଶୁଭାଶିଷ ନାଥଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅଲ ନ୍ୟୁ ଅଲ ନ୍ୟୁ ଟ୍ରାନସଲ୍ପ ୭୫୦ରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ସହ ଅତ୍ୟାଧୁନିକ ଫିଚର ଉପଲବ୍ଧ। ୧୧.୫ ଲକ୍ଷରୁ ଆରମ୍ଭ ହେଉଥିବା ଏହି ଅଲ ନ୍ୟୁ ଟ୍ରାନସଲ୍ପ ୭୫୦ ମୋଟରସାଇକେଲରେ ୭୫୫ସିସି ପାରାଲାଲ ଟ୍ୱିନ୍ ଇଞ୍ଜିନ୍ ସାମିଲ ରହିଛି। ଏପରିକି ଏହା ୯୨ ହର୍ସପାୱାର ଓ ୭୫ ଏନ୍‌ଏମ୍ ଟର୍କ ପାୱାର ସହ ଡିଜାଇନ୍ ହୋଇଛି। ୫ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ ସହିତ ବିଭିନ୍ନ ରାଇଡିଂ ମୋଡ୍, ଟ୍ରାକ୍ସନ କଣ୍ଟ୍ରୋଲ ଏବଂ ଷ୍ଟାଇଲିସ୍ ଡିଜାଇନ୍ ଏହାର ପ୍ରମୁଖ ବୈଶିଷ୍ଟ୍ୟ ବୋଲି କୁହାଯାଉଛି।

# 'ଶ୍ରମବୀର ପ୍ୟାଲେସ' ଉଦ୍‌ଘାଟନ କଲେ ନବୀନ

**ଅନୁଗୋଳ,୧୮।୧୧ (ଜ୍ୟୋତିରଞ୍ଜନ ସାହୁ)**



ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ତଥା ହରିୟାଣା କୁରୁକ୍ଷେତ୍ର ଏମ୍‌ପି ନବୀନ ଜିନ୍ଦଲ ସୋମବାର ଜେଏସ୍‌ପି ଅନୁଗୋଳ ୟୁନିଟ୍‌ରେ 'ଶ୍ରମବୀର ପ୍ୟାଲେସ'ର ଉଦ୍‌ଘାଟନ କରିଛନ୍ତି। ଏହି ଶ୍ରମବୀର ପ୍ୟାଲେସ ତଥା ଶୀତତାପ ନିୟନ୍ତ୍ରିତ ଆବାସରେ ୧୦୫୬ଟି ଶଯ୍ୟା ରହିଛି, ଯେଉଁଠାରେ ଶ୍ରମିକମାନଙ୍କ ରହିବା ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଅଛି। ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ କର୍ମଜୀବୀଙ୍କ ପ୍ରତି ଜେଏସ୍‌ପିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ କହିଲେ, ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଆରାମ ହେଉଛି ଜେଏସ୍‌ପିର ପ୍ରାଥମିକତା। କ୍ରମାଗତ ଭାବରେ କମ୍ପାନୀର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ପ୍ରୟାସ କରୁଥିବା ସମସ୍ତ ମାନବସମ୍ବଳଙ୍କ ସୁସ୍ଥତାକୁ ସୁନିଶ୍ଚିତ କରାଯାଉଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ ବ୍ୟକ୍ତିଗତ ଭାବରେ ଗଦି, ଶଯ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ସୁଯୋଗର ଗୁଣବତ୍ତା ଯାଞ୍ଚ କରିଥିଲେ। କର୍ମଜୀବୀମାନେ ଏପରି ସୁନ୍ଦର ଆବାସ ପାଇଥିବାରୁ ସେମାନଙ୍କ ଖୁସି ଏବଂ କୃତଜ୍ଞତା ଜଣାଇବା ସହ କର୍ମଜୀବୀଙ୍କ ପାଇଁ ନିଆଯାଇଥିବା ଏହି ନିଆରା ପଦକ୍ଷେପ ଯୋଗୁ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲଙ୍କୁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ଜେଏସ୍‌ପିର ଅନୁଗୋଳ ୟୁନିଟ୍ ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ସର୍ବବୃହତ ଏକକ-ଅବସ୍ଥାନ ବିଶିଷ୍ଟ ଇସ୍ପାତ ଉତ୍ପାଦନକାରୀ ହେବାକୁ ଯାଉଛି, ଯାହାର ଆନୁମାନିକ ଉତ୍ପାଦନ କ୍ଷମତା ବାର୍ଷିକ ୨୫ ନିୟୁତ ଟନ୍ (ଏମ୍‌ଟିପିଏ) ନେଇ ଲକ୍ଷ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଅନ୍ୟମାନେ ଯୋଗଦେଇ କର୍ମଜୀବୀଙ୍କ ବିକାଶ ପାଇଁ ଜେଏସ୍‌ପିର ସାମଗ୍ରିକ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ।


## Classified Everyday

0674-2580101, 2549949



REAL ESTATE

SALE

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-1992

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରେ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209



CONSTRUCTION

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA by expert therapist. Contact- 8280961126. D-76169

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

**AFFIDAVIT**

By virtue an affidavit No.- 11855, dtd- 14.11.2024 before Executive Magistrate, Vyasanagar, I, Surendra Kumar Sahoo, aged about 51 years have changed my son name Aayush Ranjan Sahoo to Ayush Ranjan Sahoo, At- Niladri Bihar, P.O./P.S.- Jajpur Road, Dist.- Jajpur for all purposes. Surendra Kumar Sahoo D-1995

I, Brajkishor Mandhata, S/o- Late Arikhithoo Madhata, resident of Vill- Bhajagarh, P.O.-Mangalajodi, P.S.-Tangi, Dist.-Khordha, Pin-752023 Odisha declare by this affidavit No.- 1368, dtd.18.11.2024 that now onwards I shall be known as Brij Kishore Arikhithoo for all future purposes. D-76170


# କେୟାର ହସ୍ପିଟାଲର ଦିନିକିଆ କର୍ମଶାଳା



**ଭୁବନେଶ୍ୱର,୧୮।୧୧**

ସମୟ ସହିତ ଉନ୍ନତି ହୋଇଛି ଚିକିତ୍ସା ବିଜ୍ଞାନ। ବର୍ତ୍ତମାନ ଅତ୍ୟାଧୁନିକ ଟେକ୍‌ନୋଲୋଜି ସାହାଯ୍ୟରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ କିଭଳି ବିଭିନ୍ନ ପ୍ରକାର ଆଣ୍ଠୁ ଅପରେଶନ୍ କରାଯାଇ ପାରୁଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଅନୁଗୋଳର ହୋଟେଲ ପ୍ରଶାନ୍ତିଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଡାକ୍ତର ଏବଂ ଆଣ୍ଠୁ ସର୍ଜରି ହୋଇଥିବା ରୋଗୀମାନେ ଯୋଗଦାନ କରିଥିଲେ।

ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହ କହିଥିଲେ, ପାରମ୍ପରିକ ସର୍ଜରି ତୁଳନାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ ଅପରେଶନ୍ କଲେ ସଫଳତା ହାର ଏହାର ବେଶ୍ ଅଧିକ ରହିଥାଏ। ଏଥିରେ ରୋଗୀଙ୍କୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ି ନ ଥାଏ ଏବଂ ଶୀଘ୍ର ପୂର୍ବ ଭଳି ନିଜର ସମସ୍ତ କାମ ନିଜେ କରିପାରିବେ। ଏପରିକି ଆଣ୍ଠୁ ପ୍ରତିରୋପଣଠାରୁ ଆରମ୍ଭ କରି କ୍ରୀଡାଜନିତ ଆଘାତର ସଫଳ ଚିକିତ୍ସା ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ କରାଯାଇପାରୁଛି। ସେହିଭଳି ଡା. ଲୋକନାଥ ଦାଶ (ଏଭିପି) ରୋଗୀମାନଙ୍କର ସଫଳ ଚିକିତ୍ସା ପାଇଁ ଅଭିନବ ଟେକ୍ନୋଲୋଜି ଗ୍ରହଣ କରିବାକୁ ହସ୍ପିଟାଲର ପ୍ରତିବଦ୍ଧତା ଉପରେ ନିଜର ମନ୍ତବ୍ୟ ଦେଇଛନ୍ତି। କେୟାର ହସ୍‌ପିଟାଲ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତି ଗ୍ରହଣ କରିଥିବାରୁ ସେ ଗର୍ବିତ ଅନୁଭବ କରୁଛନ୍ତି ବୋଲି କହିଥିଲେ। ରୋଗୀମାନଙ୍କୁ ସର୍ବନିମ୍ନ ଜଟିଳତା, ଶୀଘ୍ର ଆରୋଗ୍ୟ ଲାଭ ସହ ସର୍ବୋତ୍ତମ ସାମ୍ଭାବ୍ୟ ଚିକିତ୍ସା ଯୋଗାଇବା ଆମର ନିରନ୍ତର ପ୍ରୟାସ ଅଟେ ବୋଲି ସେ ପ୍ରକାଶ କରିଥିଲେ।

# ଶୀତରେ ସୁସ୍ଥ ରଖେ ଡ୍ରାଏଫ୍ରୁଟ୍ସ

**ଶୀତଦିନ ଆରମ୍ଭ ହେଲେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ମାଆମାନଙ୍କର ଚିନ୍ତା ବଢ଼ିଯାଏ। କାରଣ ପାଣିପାଗ ପରିବର୍ତ୍ତନ ଯୋଗୁ ପିଲା ବିଶେଷକରି ସ୍କୁଲ ଯାଉଥିବା ପିଲାଙ୍କ ଠାରେ ଥଣ୍ଡା, ଜ୍ୱର, କାଶ ଭଳି ସମସ୍ୟା ଦେଖାଦେଇଥାଏ। କେବଳ ପିଲା ନୁହନ୍ତି, ସବୁ ବୟସ୍କଙ୍କଠାରେ ମଧ୍ୟ ଏଦିନେ ଏଭଳି ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟ ତାଲିକାରେ କେତୋଟି ଡ୍ରାଏଫ୍ରୁଟ୍ସକୁ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଏହି ସମସ୍ୟା ଦୂର ହୋଇଥାଏ...**

**ଆଲମଣ୍ଡ:** ଏଥିରେ ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଅଧିକ ମାତ୍ରାରେ ରହିଛି। ଏହା ଶରୀରରେ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ। ପ୍ରତିଦିନ ୫-୬ଟି ଆଲମଣ୍ଡକୁ ପାଣିରେ ଭିଜାଇ ଖାଇଲେ ଓଜନ ନିୟନ୍ତ୍ରଣରେ ରହିଥାଏ।

**କିସ୍‌ମିସ୍:** ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ମଧ୍ୟ ଖାଲି ଖାଇବା ଅପେକ୍ଷା ଭିଜାଇ ଖାଇଲେ



ବେଶ୍ ଲାଭ ମିଳିଥାଏ। ଏହା ରୋଗ ସହ ଲଢ଼ିବାକୁ ଶରୀରକୁ ପ୍ରାକୃତିକ ଉର୍ଜା ଯୋଗାଇଥାଏ।

**କାଜୁ:** ଏଥିରେ ଫାଇବର ମାତ୍ରା ଅଧିକ। ପ୍ରତିଦିନ ୪-୫ଟି କାଜୁ ଖାଇଲେ ଏହା ଶରୀରକୁ ପ୍ରାକୃତିକ ଉପାୟରେ ଗରମ ରଖିଥାଏ। ଏହା ଇମ୍ୟୁନିଟି ପାୱାର ବଢ଼ାଇବା ସହ ଶରୀରକୁ ଭାଇରସ୍, ବ୍ୟାକ୍ଟେରିଆ ଆଦି କବଳରୁ ସୁରକ୍ଷା ପ୍ରଦାନ କରିଥାଏ। ଏହା ହାଡ଼କୁ ମଜଭୁତ ରଖିବାରେ ବି ସାହାଯ୍ୟ କରିଥାଏ।

**ଅଖରୋଟ:** ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍, ପ୍ରୋଟିନ୍, ଆଇରନ୍ ଏବଂ ଫାଇବର୍ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇଥାଏ। ପ୍ରତିଦିନ ଏହାକୁ ଭିଜାଇ ଖାଇଲେ ଥଣ୍ଡା ଜନିତ ସମସ୍ୟା ଦୂରହୋଇଥାଏ।

**ପିସ୍ତା:** ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି-୬, ଆଇରନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ତତ୍ତ୍ୱରେ ଭରପୂର ପିସ୍ତା ଶରୀର ପାଇଁ ଖୁବ୍ ଉପକାରୀ। ପ୍ରତିଦିନ ଏହାକୁ ଖାଦ୍ୟତାଲିକାରେ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ଏବଂ ଶୀତଦିନେ ଫ୍ଲୁ ଜନିତ ସମସ୍ୟାଠୁ ଦୂରେଇ ରଖିଥାଏ।

# ଏପରି ଲିଭାଇପାରିବେ ଟାଟୁ

**ଟାଟୁ କରିବା ଅନେକ ଯୁବତୀ ଏବଂ ମହିଳାଙ୍କର ପସନ୍ଦ। ହେଲେ କିଛିବର୍ଷ ପରେ ଅନେକେ ଏହାକୁ ଲିଭାଇ ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ ଇଚ୍ଛା କରନ୍ତି। ଆଉ ଏଥିପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି। କିନ୍ତୁ ତ୍ୱଚା ପାଇଁ ହାନିକାରକ ହୋଇପାରେ। ତେଣୁ ଟାଟୁ ରିମୁଭ୍ କରିବାକୁ ଚାହୁଁଥିଲେ ଜାଣିରଖନ୍ତୁ କେତୋଟି କଥା...**



- ଟାଟୁ ରିମୁଭ କରିବା ସହଜ କାମ ନୁହେଁ। କେବେକେବେ ଟାଟୁ ଠିକ୍ ଭାବେ ରିମୁଭ୍ ନ ହୋଇପାରିଲେ ଏହା ଦାଗ ଆକାରରେ ଶରୀରରେ ଅନେକ ଦିନ ଧରି ରହିଯାଏ।
- ଟାଟୁ ଲିଭେଇବା ପାଇଁ ବର୍ତ୍ତମାନ ଅନେକ ମହିଳା ଇଣ୍ଟରନେଟ୍‌ରୁ ଦେଖି ବିଭିନ୍ନ ଘରୋଇ ଉପଚାର ଆପଣାଇଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ତେଣୁ ଅଭିଜ୍ଞ ଡାକ୍ତର କିମ୍ବା ଟାଟୁ ଆର୍ଟିଷ୍ଟଙ୍କ ପାଖରେ ହିଁ ରିମୁଭ୍ କରାନ୍ତୁ।
- ଟାଟୁ ରିମୁଭ୍ କରିବା ପାଇଁ ବ୍ୟବହୃତ ହୋଇଥାଏ ରାସାୟନିକ ପଦାର୍ଥ। ଯଦି ଭୁଲ୍‌ବଶତଃ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହୋଇଯାଏ, ତେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଜୀବନ ଚାଲିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।
- ଟାଟୁ ରିମୁଭ୍ କରିବା ଦ୍ୱାରା କେତେକଙ୍କଠାରେ ଏପରି କରିବା ପରେ ଉକ୍ତ ସ୍ଥାନରେ ପ୍ରକୃତ ସ୍କିନ୍ ଟୋନ୍ ବଦଳିଯାଇ କଳା କିମ୍ବା ଧଳା ପଡ଼ିଯାଇ ଶରୀରର ସୌନ୍ଦର୍ଯ୍ୟ ନଷ୍ଟ କରିଥାଏ।
- ଅଧିକାଂଶଙ୍କ ପାଖେ ଟାଟୁ ରିମୁଭ୍ କରିବା ବେଳେ ଆଲର୍ଜି ହେବା କିମ୍ବା ଇନ୍‌ଫେକ୍‌ସନ୍ ହେବା ଅଧିକ ଆଶଙ୍କା ଥାଏ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କତାର ସହ ଏହା କରାଇବା ଆବଶ୍ୟକ।
- ଅନେକ ମହିଳା ଫ୍ୟାଶନେବଲ୍ ଲାଗିବା ପାଇଁ ଲିପ୍ ଲାଇନର, ଆଇ ଲାଇନର, ଆଇବ୍ରୋ ଆଦିରେ କସ୍‌ମେଟିକ୍ ଟାଟୁ କରାଇଥାନ୍ତି। ପରବର୍ତ୍ତୀ ସମୟରେ କେହି କେହି ଏହାକୁ ଲେଜର ଟ୍ରିଟ୍‌ମେଣ୍ଟ କରାଇ ରିମୁଭ୍ କରାଇବାକୁ ମଧ୍ୟ ଚେଷ୍ଟା କରନ୍ତି। ହେଲେ ଏଥିପାଇଁ ସ୍କିନ୍ କଲର ଖରାପ ହୋଇଯିବା ଘଟଣା ବି ଦେଖିବାକୁ ମିଳିଛି।

# ଫ୍ୟାମିଲି ପିକ୍‌ନିକ୍



**ପରିବାର ସହ ଥଣ୍ଡା ଥଣ୍ଡା ପାଗରେ ନୂଆ ଜାଗା ବୁଲିଯିବା, ମଜାମସ୍ତିରେ ଭୋଜିକରି ଖାଇବା କାହାକୁ ବା ପସନ୍ଦ ନୁହେଁ। ଦୈନନ୍ଦିନ ବ୍ୟସ୍ତଜୀବନରୁ କିଛି ସମୟ ବାହାର କରି ଏଭଳି ସୁନ୍ଦର ଅନୁଭୂତି ସାଉଁଟିବାକୁ ସମସ୍ତେ, ବିଶେଷକରି ମହିଳାମାନେ ବେଶି ଉତ୍କଣ୍ଠିତ। ତେବେ ଫ୍ୟାମିଲି ପିକ୍‌ନିକ୍ ଯିବାର ପ୍ଲାନିଂ କରୁଥିଲେ ଏହାକୁ ସ୍ମରଣୀୟ କରିବା ପାଇଁ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ...**





ଆରମ୍ଭ ହୋଇଯାଇଛି ପିକ୍‌ନିକ୍ ସିଜନ। ଅଧିକାଂଶ ମହିଳା ଏବେ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ ବିରତି ନେଇ କିଛି ସମୟ ପରିବାର ସହ ଖୁସି ମନେଇବା ପାଇଁ ବିଭିନ୍ନ ସ୍ଥାନରେ ପିକ୍‌ନିକ୍‌ରେ ଯିବାକୁ ଚାହିଁ ରହିଛନ୍ତି। ତେବେ ଫ୍ୟାମିଲି ପିକ୍‌ନିକ୍‌କୁ ସୁରକ୍ଷିତ ତଥା ଏଞ୍ଜୟେବଲ୍ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପାଖରେ ରଖନ୍ତୁ ଆବଶ୍ୟକ ସାମଗ୍ରୀ:** ଫ୍ୟାମିଲି ପିକ୍‌ନିକ୍‌ରେ ଯିବାକୁ ହେଲେ ମହିଳାମାନଙ୍କୁ ପୂର୍ବରୁ ବିଶେଷ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ସାଙ୍ଗରେ ଟାୱେଲ୍, ହଠାତ୍ ଆବଶ୍ୟକ ହେଲେ ପିନ୍ଧିବା ପାଇଁ ଏକ୍ସଟ୍ରା ଡ୍ରେସ୍, ଶୀତବସ୍ତ୍ର ସାଙ୍ଗକୁ କିଛି ଶୁଖିଲା ଖାଦ୍ୟ, ପିଇବା ପାଣି, ହ୍ୟାଣ୍ଡ ୱାଶ୍ ଆଦି ନିହାତି ରଖନ୍ତୁ।

**ପିନ୍ଧନ୍ତୁ ନାହିଁ ଗହଣା:** ବର୍ତ୍ତମାନ ସୁନା ଗହଣା ଚୋରୀ ଏବଂ ଏଥିପାଇଁ ବିଭିନ୍ନ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ପିକ୍‌ନିକ୍ ଯିବାବେଳେ କେବଳ ମହିଳା ନୁହନ୍ତି ପରିବାରର ଅନ୍ୟ ସଦସ୍ୟଙ୍କୁ ବି ସୁରକ୍ଷା ଦୃଷ୍ଟିରୁ ସୁନା ଗହଣା ନ ପିନ୍ଧିବା ଦରକାର। ସେହିପରି ପାଖରେ ଅଧିକ ଟଙ୍କା କ୍ୟାଶ୍ ନ ରଖି ଆବଶ୍ୟକ ସ୍ଥଳେ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା ନେଲେ ଭଲ।

**ସମସ୍ତ ସାମଗ୍ରୀ ଦାୟିତ୍ୱରେ ରଖନ୍ତୁ:** ମୋବାଇଲର ଚାର୍ଜ ଫୁଲ୍ ରଖନ୍ତୁ। ଟଙ୍କା, ମୋବାଇଲ୍, କ୍ୟାମେରା ଭଳି ସାମଗ୍ରୀ ଯେପରି ନ ହଜେ କିମ୍ବା ଚୋରି ନ ହୁଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନିଜ ପର୍ସ କିମ୍ବା ଭ୍ୟାନିଟି ବ୍ୟାଗ୍‌କୁ କାନ୍ଧରେ ରଖନ୍ତୁ। ଏଣେତେଣେ ରଖିବା ଦ୍ୱାରା ଏହା ଚୋରି ହେବା ଆଶଙ୍କା ବଢ଼ିଯାଇଥାଏ।

**ରଖନ୍ତୁ ଏମର୍ଜେନ୍ସି କିଟ୍:** ପିକ୍‌ନିକ୍‌ରେ ବୁଲାବୁଲି, ନାଚଗୀତ ଆଦି ଭିତରେ ଖାଇବା ସମୟ ଏପଟସେପଟ ହେବା ଦ୍ୱାରା ହେଉ କିମ୍ବା ଅଦିନିଆ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି, ଝାଡ଼ା, ବାନ୍ତି ଭଳି ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏମିତିରେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟକର ହୋଇଥିବାରୁ ପାଖରେ କିଛି ମେଡିସିନ ସହ ଫାଷ୍ଟଏଡ୍ କିଟ୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ପିଲା ଏବଂ ବୃଦ୍ଧ ସାଙ୍ଗରେ ଥିଲେ ସେମାନଙ୍କର ସମସ୍ତ ଆବଶ୍ୟକ ଔଷଧ ସାଙ୍ଗରେ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ବର୍ତ୍ତମାନ ଅନେକ ସ୍ଥାନରେ କାଶ, ଜ୍ୱର ଭଳି ଭାଇରାଲ୍ ଡିଜିଜ୍ ଦେଖିବାକୁ ମିଳୁଛି। ତେଣୁ ବୁଲିବାକୁ ଗଲେ ଗହଳି ସ୍ଥାନରେ କୌଣସି ସଂକ୍ରମଣଠୁ ଦୂରେଇରହିବା ଲାଗି ମାସ୍କ ବ୍ୟବହାର କରନ୍ତୁ।

**ଛୋଟ ପିଲାଙ୍କୁ ସାଙ୍ଗରେ ନେଉଥିଲେ:** ଯଦି ସାଙ୍ଗରେ ଛୋଟ ପିଲା ଅଛନ୍ତି ତେବେ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ଠିକ୍ ଭାବରେ କରିବା ଦରକାର। ପିକ୍‌ନିକ୍ ସ୍ଥଳରେ ରାନ୍ଧି ଖାଇବା ବ୍ୟବସ୍ଥା ଥିଲେ ସୁଦ୍ଧା ପିଲାଙ୍କ ପାଇଁ ଖାଦ୍ୟ, ପିଇବା ପାଣି ନିଅନ୍ତୁ। ସେହିପରି ସେମାନଙ୍କ ପାଇଁ କିଛି ଏକ୍ସଟ୍ରା ପେୟାର ଡ୍ରେସ୍, ଟାୱେଲ ଏବଂ କେତେକ ଏମର୍ଜେନ୍ସି ମେଡିସିନ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ସେମାନଙ୍କୁ ସବୁବେଳେ ପାଖରେ ରଖନ୍ତୁ। ବାପାମାଆଙ୍କ ଫୋନ୍ ନମ୍ବର ଶିଖାନ୍ତୁ କିମ୍ବା ତାଙ୍କ ହାତରେ ଲେଖିଦିଅନ୍ତୁ, ଫଳରେ ହଠାତ୍ ପିଲା ପିକ୍‌ନିକ୍ ସ୍ଥଳରେ ଗହଳିରେ କେଉଁଆଡ଼େ ଚାଲିଗଲେ ମିଳିବା ସହଜ ହୋଇପାରିବ।

**ଦୁଃସାହସିକ କାର୍ଯ୍ୟଠୁ ଦୂରେଇ ରୁହନ୍ତୁ:** ହିଲ୍ ଷ୍ଟେଶନକୁ ପିକ୍‌ନିକ୍ ପାଇଁ ଯାଇଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ସେହିପରି ଯଦି ସମୁଦ୍ରକୂଳକୁ ଯାଉଛନ୍ତି ତେବେ ଅଧିକ ପାଣି ଭିତରକୁ ଆଦୌ ଯାଆନ୍ତୁ ନାହିଁ। କାରଣ ସମୁଦ୍ର ପାଣିରେ ଗାଧୋଇବାର ମଜାନେବାକୁ ଯଦିଓ ସମସ୍ତେ ଭଲ ପାଆନ୍ତି ହେଲେ ବେଳେବେଳେ ସମୁଦ୍ର ସୂଅ ଟାଣି ନେଇ ଅନେକ ଜୀବନ ହାନି ହେବାର ନଜିର ରହିଛି। ତେଣୁ କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।

**ସଫା ରଖନ୍ତୁ ପିକ୍‌ନିକ୍ ସ୍ପଟ୍:** ବର୍ତ୍ତମାନ ପ୍ରାୟ ଅଧିକାଂଶ ପିକ୍‌ନିକ୍ ସ୍ପଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇଛି। ତେଣୁ ବଣଭୋଜି ସରିବା ପରେ ଅଇଁଠା ପ୍ଲେଟ୍, ଗ୍ଲାସ୍, ପାଣି ବୋତଲ ଏଣେତେଣେ ନ ଫିଙ୍ଗି ନିକଟରେ ଡଷ୍ଟବିନ୍‌ରେ ପକାନ୍ତୁ। ଡଷ୍ଟବିନ୍ ନ ଥିଲେ ସେସବୁକୁ ଏକାଠିକରି କୌଣସି ଚଳପ୍ରଚଳ ନ ଥିବା କଡ଼ରେ ପକାନ୍ତୁ, ଯେପରି ପିକ୍‌ନିକ୍ ସ୍ଥଳ ଅପରିଷ୍କାର ନ ହୁଏ। ପରିବେଶ ପ୍ରଦୂଷଣ କରୁଥିବା ଭଳି ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍ ଆଦି ମଧ୍ୟ ବ୍ୟବହାର କରନ୍ତୁ ନାହିଁ।

**ଫଟୋ, ଭିଡିଓ ଶୁଟ୍ ବେଳେ ରୁହନ୍ତୁ ସତର୍କ:** ମହିଳାମାନଙ୍କ ଠାରେ ବର୍ତ୍ତମାନ ଫଟୋ ଏବଂ ରିଲ୍ସ ଶୁଟ୍ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ସବୁଠୁ ଅଧିକ। ହେଲେ ବର୍ତ୍ତମାନ ସେଲ୍‌ଫି ଉଠେଇବା ଏବଂ ରିଲ୍ସ ଭିଡିଓ ଶୁଟ୍ କରିବା ଲାଗି ପିକ୍‌ନିକ୍ ସ୍ଥଳରେ ବିଭିନ୍ନ ଅଘଟଣ ଘଟୁଥିବା କଥା ନଜରକୁ ଆସୁଛି। ତେଣୁ ଉଚ୍ଚ ପାହାଡ଼ ଧାରରେ, ଝରଣାକୂଳରେ, ଜଳପ୍ରପାତ ପାଖରେ, ପାଣି ଭିତରେ, ଡଙ୍ଗାରେ କିମ୍ବା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଠିଆହୋଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ବିଶେଷକରି ପିଲାମାନଙ୍କୁ ଏଭଳି ଦୁଃସାହସିକ କାର୍ଯ୍ୟଠାରୁ ଦୂରେଇରଖନ୍ତୁ। ତେଣୁ ପିକ୍‌ନିକ୍‌ରେ ମଜା କରନ୍ତୁ ଏବଂ ଏହାକୁ ସ୍ମରଣୀୟ କରିବା ଲାଗି ଫଟୋ ମଧ୍ୟ ଉଠାନ୍ତୁ, ହେଲେ ଏହା ଯେପରି ଜୀବନ ପ୍ରତି ବିପଦପୂର୍ଣ୍ଣ ନ ହୁଏ, ସେଥିପ୍ରତି ସଜାଗ ରୁହନ୍ତୁ।

## ଏମାନେ କ'ଣ କରନ୍ତି...



**ସଂହିତା ମହାରଣା**(ଭୁବନେଶ୍ୱର)- ପିଲାଙ୍କ ସ୍କୁଲ୍ ଛୁଟି ମିଳିଲେ ସପରିବାର ବୁଲିଯିବା ଆମର ଭାରି ପସନ୍ଦ। ବାହାର ରାଜ୍ୟଠୁ ଆରମ୍ଭ କରି ବାହାର ଦେଶ ମଧ୍ୟ ବୁଲି ଯାଇଛୁ। ହେଲେ ଶୀତଦିନେ ଆଖପାଖରେ ଥିବା ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭୋଜିକରି ଖାଇବାର ମଜା ନିଆରା। ତେବେ ଏଭଳି ଫ୍ୟାମିଲି ପିକ୍‌ନିକ୍ ହେଲେ କେତେକ ଦିଗ ପ୍ରତି ସଜାଗ ରହିଥାଏ। ପିକ୍‌ନିକ୍‌ରେ ଖାଇବାର ସମସ୍ତ ବ୍ୟବସ୍ଥା ଥିଲେ ସୁଦ୍ଧା ସାଙ୍ଗରେ ପିଲା ଏବଂ ବୟସ୍କ ଥିବାରୁ ସେମାନପାଇଁ ଖାଦ୍ୟ, ଏକ୍ସଟ୍ରା ଡ୍ରେସ୍, କିଛି ଜରୁରୀ ମେଡିସିନ୍ ଆଦି ନେବାକୁ ଜମା ଭୁଲି ନ ଥାଏ।



**ନିରୁପମା ସ୍ୱାଇଁ**(ବାଙ୍କୁଆଳ, ଭୁବନେଶ୍ୱର)- ପିକ୍‌ନିକ୍ ହେଉ କିମ୍ବା କେଉଁଆଡେ ପରିବାର ସହ ଯିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିଥାଉ। ପାଖରେ ଅଧିକ ଟଙ୍କା ନ ରଖିବା, ନିଜେ କିମ୍ବା ପରିବାର ସଦସ୍ୟ ସୁନାଗହଣା ନ ପିନ୍ଧିବା ଆଦିକୁ ଅଧିକ ଗୁରୁତ୍ୱ ଦେଇଥାଉ। ଏହା ବ୍ୟତୀତ ପିକ୍‌ନିକ୍ ସ୍ପଟରେ ପାଣି, ପାହାଡ ଆଦି ଥିଲେ ଫଟୋ ଉଠାଇବା, ରିଲ୍ସ କରିବା ନିଶାରେ ଯେପରି କେହି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ଆମେ ଖାଇବା ପରେ ଯେପରି ଏଣେତେଣେ ପ୍ଲେଟ୍, ଗ୍ଲାସ୍ ଆଦି ପଡି ପିକ୍‌ନିକ୍ ସ୍ପଟ୍ ଅପରିଷ୍କାର ନ ହେଉ ସେଥିପ୍ରତି ଧ୍ୟାନ ଦେଇଥାଉ।



## ସୌନ୍ଦର୍ଯ୍ୟ

# ହୋମ୍ ମେଡ୍ ଲିପ୍‌ବାମ୍

**ଶୀତ ଆସିବାରୁ ଓଠ ଶୁଖିବା ଆରମ୍ଭ ହେଲାଣି। ତେଣୁ ଓଠ ଫାଟିବା ସମସ୍ୟା ନ ହେବା ଲାଗି ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଏହାକୁ ଶୀତଦିନେ ଲଗାଇ ଓଠକୁ ସଫ୍ଟ ଏବଂ ପିଙ୍କ୍ ରଖିପାରିବେ...**



⏭ବର୍ତ୍ତମାନ କୋରିଆନ୍ ଲିପ୍‌ବାମ୍‌ର ଡିମାଣ୍ଡ ଖୁବ୍ ବେଶି। ଏହାକୁ ଅଧିକ ଦାମ୍ ଦେଇ ଅନେକେ କିଣୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିହେବ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ଏକ ବଡ଼ ଚାମଚ ବିୱାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳନ୍ତୁ। ଏହା ଭଲଭାବେ ତରଳିଗଲେ ସେଥିରେ ୧ ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମତେଲ ପକାଇ ଭଲଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ। ସେଥିରେ ୪-୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାନ୍ତୁ। ଏହାକୁ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଗୋଳାଇ ଥଣ୍ଡା ହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ। ବେଷ୍ଟ ରେଜଲ୍ଟ ପାଇଁ ପ୍ରତିଦିନ ଏହାକୁ ଓଠାରେ ଲଗାନ୍ତୁ।



⏭ବର୍ତ୍ତମାନ ରୋଜ୍‌ମେରୀ ଲିପ୍‌ବାମ୍ ବି ଖୁବ୍ ଡିମାଣ୍ଡରେ ରହିଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୧ ଚାମଚ ବିୱାକ୍ସ, ୩ ଚାମଚ ନଡ଼ିଆ ତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪-୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

## ଖାଦ୍ୟରୁଚି // ସୋୟାବିନ୍ ୬୫

**ଆବଶ୍ୟକ ସାମଗ୍ରୀ:** ୫୦ଗ୍ରାମ୍ ସୋୟାବିନ୍। ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଲା ରସୁଣ ଛୋଟ କଟାହୋଇଥିବା, ଭୃସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ପାଣି ଏବଂ ଅଳ୍ପ ଲୁଣ ପକାଇ ସୋୟାବିନ୍‌କୁ ସିଝେଇ ଦିଅନ୍ତୁ। ଏହାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ସୋୟାବିନ୍ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୋୟାବିନ୍ ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ Bhubaneswar, Tuesday, November 19/ 2024

## ସ୍ୱସ୍ତିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ



**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଜାତୀୟ ସ୍ତରରେ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪ କିଲୋମିଟର ମହିଳା ଏଲିଟ ଟିମ୍ ଇଭେଣ୍ଟରେ ଓଡ଼ିଶା ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିରେ ସ୍ୱସ୍ତି ଦଳର ଅନ୍ୟତମ ସଦସ୍ୟା ଥିଲେ। ସେହିପରି ସ୍ପ୍ରିଣ୍ଟ ଟିମ୍ ଇଭେଣ୍ଟ ଓ ବ୍ୟକ୍ତିଗତ ଓମ୍ନିଅମରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ସମୀରଙ୍କ ପରଲୋକରେ କ୍ରୀଡ଼ା ମହଲରେ ଶୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ'ଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ କ୍ରୀଡ଼ା ମହଲରେ ଜଣେ ଜଣାଶୁଣା ବ୍ୟକ୍ତିଭାବେ ପରିଚିତ ସମୀର ତାଙ୍କ ଜୀବନକାଳ ମଧ୍ୟରେ ଏକାଧିକ କ୍ରୀଡ଼ା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସେ ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ସଭାପତି ମଧ୍ୟ ଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ଫାଓ ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ ସଭାପତି ରହିଥିଲେ। ତାଙ୍କ ପରଲୋକରେ ଫାଓ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ, ଓଡ଼ିଶା କ୍ରିକେଟ ଆସୋସିଏଶନ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ), ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ଭୁବନେଶ୍ୱର ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ, ଭୁବନେଶ୍ୱର ଭେଟେରାନ ପ୍ଲେୟର୍ସ ଫୁଟବଲ ଆସୋସିଏଶନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।

## ଭାରତ-ଜାପାନ ସେମିଫାଇନାଲ ଆଜି

**ରାଜଗିର, ୧୮।୧୧ (ପି.ଟି.):** ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ଟୁର୍ନାମେଣ୍ଟରେ ମଙ୍ଗଳବାର ଭାରତ ଓ ଜାପାନ ସେମିଫାଇନାଲ ମ୍ୟାଚ ଖେଳାଯିବ। ଆୟୋଜକ ଦଳ ଏହାର ଶେଷ ଲିଗ୍ ମ୍ୟାଚରେ ଏହି ଦଳକୁ ୩-୦ରେ ପରାସ୍ତ କରିଥିବାରୁ ମଙ୍ଗଳବାର ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ପ୍ରତିଯୋଗିତାର ଅନ୍ୟ ସେମିଫାଇନାଲ ଚାଇନା ଓ ମାଲେସିଆ ମଧ୍ୟରେ ଖେଳାଯିବ।

## ବିଜୟରୁ ଓଡ଼ିଶାର ଅଭିଯାନ



**ଭୁବନେଶ୍ୱର,୧୮।୧୧(ସରୋଜ ଜେନା):** ଜମ୍ମୁ ଓ କଶ୍ମୀରର ଏମ୍.ଏ. ଷ୍ଟାଡିୟମରେ ଆୟୋଜିତ ୩୫ତମ ଜାତୀୟ ସିନିୟର୍ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ସୋମବାର ଖେଳିଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ୨୯ ରନ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓଡିଶା ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୪ ରନ କରିଥିଲା। ଜବାବରେ ତାମିଲନାଡୁ ୩୫ ରନ୍‌ରେ ଅଲଆଉଟ ହୋଇଥିଲା। ଓଡିଶା ଦଳର ଅଧିନାୟକ ଭିକି ଡିଗଲ ସର୍ବାଧିକ ୩୪ ରନ କର ପ୍ଲେୟର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ୩

### ଜୁନିୟର ଏସିଆ କପ୍ ହକି

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ନଭେମ୍ବର ୨୬ରୁ ମସ୍କଟଠାରେ ପୁରୁଷ ଜୁନିୟର ଏସିଆକପ୍ ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଅମୀର ଅଲୀଙ୍କ ଅଧିନାୟକତ୍ୱରେ ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ ସାମିଲ ହୋଇଛନ୍ତି। ଭାରତ ଏହି ଟୁର୍ନାମେଣ୍ଟ ସର୍ବାଧିକ ୪ଥର (୨୦୦୪, ୨୦୦୮, ୨୦୧୫ ଓ ୨୦୨୩) ଜିତି ରେକର୍ଡ କରିଛି। ଗତବର୍ଷ ଫାଇନାଲରେ ଦଳ ପାକିସ୍ତାନକୁ ୨-୧ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ଚଳିତବର୍ଷ ଏହି ଇଭେଣ୍ଟ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଛି। ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭାରତ ବ୍ୟତୀତ ଚାଇନିଜ ତାଇପେ, ଜାପାନ, କୋରିଆ ଓ ଥାଇଲାଣ୍ଡ ରହିଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ, ମାଲେସିଆ, ଚାଇନା, ଓମାନ ଓ ପାକିସ୍ତାନକୁ ସ୍ଥାନ ମିଳିଛି। ଏହି ଟୁର୍ନାମେଣ୍ଟ ଆସନ୍ତାବର୍ଷର ଏଫଆଇଏଚ୍ ଜୁନିୟର ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ। ଭାରତ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। କୋଚ୍ ପି.ଆର. ଶ୍ରୀଜେସ୍‌ଙ୍କ ତତ୍ତ୍ୱାବଧାନରେ ଜୁନିୟର ଦଳ ନିକଟରେ ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ସଫଳତା ହାସଲ କରିପାରିଛି। ଦଳ ଏସିଆ କପ୍‌ରେ ଏହି ସଫଳତା ଦୋହରାଇବ ବୋଲି ଆଶା କରାଯାଉଛି। ଦଳ ମନୋନୟନ ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ଏକ ଜାତୀୟ କ୍ୟାମ୍ପ ଆୟୋଜନ କରାଯାଇଥିଲା।



ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ।

**ଭାରତୀୟ ଜୁନିୟର ହକି ଦଳ:** ଗୋଲକିପର: ପ୍ରିନ୍ସଦୀପ ସିଂ, ବିକ୍ରମଜିତ୍ ସିଂ। ଡିଫେଣ୍ଡର: ଅମୀର ଅଲୀ(ଅଧିନାୟକ), ଟାଲେମ ପ୍ରିୟବ୍ରତ, ଶ୍ରଦାନନ୍ଦ ତିୱାରୀ, ଯୋଗେମ୍ବର ରାୱତ, ଅନ୍‌ମୋଲ ଏକ୍କା, ରୋହିତ (ଉପଅଧିନାୟକ)। ମିଡ୍‌ଫିଲ୍ଡର: ଅଙ୍କିତ ପାଲ୍, ମନମିତ ସିଂ, ରୋଶନ କୁଜୁର, ମୁକେଶ ଟପ୍ପୋ, ଥୋକ୍ କିଙ୍ଗସନ ସିଂ। ଫରୱାର୍ଡ: ଗୁରଜିତ ସିଂ, ସୌରଭ ଆନନ୍ଦ କୁଶ୍ୱାହା, ଦିଲରାଜ ସିଂ, ଅର୍ଶଦୀପ ସିଂ ଓ ଅରାଇଜିତ ସିଂ ହୁଣ୍ଡାଲ। ବିକଳ୍ପ ଖେଳାଳି: ସୁଖବିନ୍ଦର ଓ ଚନ୍ଦନ ଯାଦବ।

## କୋକେନ ବ୍ୟବହାର ପାଇଁ ବ୍ରେସ୍‌ୱେଲ ବାସନ୍ଦ

**ୱେଲିଂଟନ,୧୮।୧୧**



କୋକେନ ବ୍ୟବହାରକୁ ନେଇ ନ୍ୟୁଜିଲାଣ୍ଡର ପେସ୍ ବୋଲର ଡଗ୍ ବ୍ରେସ୍‌ୱେଲ ଇତିମଧ୍ୟରେ କ୍ରିକେଟରୁ ୧ମାସ ବାସନ୍ଦ ଦଣ୍ଡ ଭୋଗି ସାରିଛନ୍ତି। ମାତ୍ର ନ୍ୟୁଜିଲାଣ୍ଡ ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ସୋମବାର ପ୍ରଥମ ଥର ଏହା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜାନୁଆରୀରେ ୱେଲିଂଟନ ବିପକ୍ଷ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଟି୨୦ ମ୍ୟାଚ ପରେ ୩୪ ବର୍ଷୀୟ ବ୍ରେସ୍‌ୱେଲଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ନିଆଯାଇଥିବା ନମୁନାରେ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ବ୍ରେସ୍‌ୱେଲ ଏହି ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୧ରନ ବିନିମୟରେ ୨ଟି ଉଇକେଟ ନେଇଥିବା ବେଳେ ମାତ୍ର ୧୧ ବଲ୍‌ରୁ ୩୦ ରନ କରି ଅପରାଜିତ ରହିଥିଲେ। ଏଥିସହିତ ସେ ଦୁଇଟି ସୁନ୍ଦର କ୍ୟାଚ ମଧ୍ୟ ନେଇଥିଲେ। ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ଟେ କାହୁ ରାଉନୁଇ କହିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ୨୦ଟି ଟେଷ୍ଟରେ ପ୍ରତିନିଧିତ୍ୱ କରିଥିବା ବ୍ରେସ୍‌ୱେଲ ପ୍ରତିଯୋଗିତା ବାହାରେ କୋକେନ ସେବନ କରିଥିବାରୁ ଏହା ଖେଳ ସମ୍ପର୍କିତ ନୁହେଁ। ଖବର ଅନୁସାରେ ବ୍ରେସ୍‌ୱେଲଙ୍କୁ ପ୍ରକୃତରେ ୩ ମାସ ବାସନ୍ଦ କରାଯାଇଥିଲା। ମାତ୍ର ଏକ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମ୍ ଶେଷ କରିବା ପରେ ମିଆଦକୁ ଏକ ମାସ ହ୍ରାସ କରାଯାଇଥିଲା। ଏହା ପିଛିଲା ୨୦୨୪ ଏପ୍ରିଲରୁ ଲାଗୁ କରାଯାଇଥିଲା। ବାସନ୍ଦ ଦଣ୍ଡ ଭୋଗି ସାରିଥିବାରୁ ବ୍ରେସ୍‌ୱେଲ ଏଣିକି ପୁନର୍ବାର କ୍ରିକେଟ ଖେଳିପାରିବେ।

## ଯଜ୍ଞେଶ ଶେଟ୍ଟିଙ୍କ ରେକର୍ଡ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ବିଶିଷ୍ଟ ମାର୍ଶାଲ ଆର୍ଟିଷ୍ଟ ଚିତା ଯଜ୍ଞେଶ ଶେଟ୍ଟି ଏକ ଦୁଇ ଘଣ୍ଟିଆ ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ଏକକାଳୀନ ୧୮,୦୦୦ ବାଳିକା ଓ ମହିଳାଙ୍କୁ ତାଲିମ ଦେଇ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କିମ୍ବଦନ୍ତୀ ବ୍ରୁସ୍ ଲି'ଙ୍କ ସ୍ମରଣାର୍ଥେ ନେପାଳର ବୀରଗୁଞ୍ଜ ନାମକ ଏକ ସହରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶେଟ୍ଟି ଚିତା ଜିତ୍ କୁନେ ଡୁ' ଗ୍ଲୋବାଲ ସ୍ପୋର୍ଟ୍ସ ଫେଡେରେଶନର ପ୍ରତିଷ୍ଠାତା ଓ ସଭାପତି ଅଛନ୍ତି। ସେ ଅମିତାଭ ବଚ୍ଚନ, ଅଜୟ ଦେବଗନ, ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ବହୁ ଭାରତୀୟ ଫିଲ୍ମ ଷ୍ଟାରଙ୍କୁ ଟ୍ରେନିଂ ଦେଇଛନ୍ତି। ସେ ଆହୁରି ମଧ୍ୟ ବେନ୍ କିଙ୍ଗ୍ସଲେ, ରୋଜର ମୁରେ ଓ ଜ୍ୟାକି ଚାନଙ୍କ ଭଳି ଇଣ୍ଟରନ୍ୟାଶନାଲ ଷ୍ଟାରଙ୍କ ସହିତ କାର୍ଯ୍ୟ କରିଛନ୍ତି।

## ୱାର୍ଲ୍ଡ ପିକେଲବଲ୍‌ରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ମୁମ୍ବାଇସ୍ଥିତ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ ପରିସରରେ ବିଶ୍ୱ ପିକେଲବଲ ଚାମ୍ପିୟନଶିପ୍ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହା ଗତ ୧୨ରୁ ୧୭ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତିଯୋଗିତାରେ ୧୩ ଦେଶର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ଏକ ୯ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ପିକେଲବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଶକ୍ତି ରଞ୍ଜନ ଦାଶ ଦଳର ନେତୃତ୍ୱ ଓ ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୧୯ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଓଡ଼ିଶାର ଅଂଶୁମାନ ବାବୁ ଓ ଏକଲବ୍ୟ ମହାପାତ୍ର ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଲଗ୍ନଜିତ ପଟ୍ଟନାୟକ ଓ ଆକାଶ ପାଣିଗ୍ରାହୀ ଅଂଶଗ୍ରହଣ କରି ଉତ୍ସାହୀ ପ୍ରଦର୍ଶନ କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଶକ୍ତି ରଞ୍ଜନ ଦାଶ ଓ ଅନନ୍ତ ନାୟକ ଚମତ୍କାର ଖେଳ ଦେଖାଇ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ପ୍ରଦୀପ ସିଂ ଓ ଉଦୀପ ବାବୁ ଅଂଶଗ୍ରହଣ କରିଥିଲେ। ଶୁଭ୍ରାଂଶୁ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ଆଡଭାନ୍ସ ସିଙ୍ଗଲ୍ସ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏଲିଟ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଟେନିସ, ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଖେଳର ସମ୍ମିଶ୍ରଣ ହେଉଛି ପିକେଲବଲ୍। ଏହା ଆମେରିକାରେ ଏବେ ଦ୍ରୁତ ବିକଶିତ କ୍ରୀଡ଼ାଭାବେ ପରିଗଣିତ ହେଉଥିବାବେଳେ ଭାରତରେ କ୍ରମେ ଲୋକପ୍ରିୟତା ଲାଭ କରିବାରେ ଲାଗିଛି।





ପଦକ ସହ ଶକ୍ତି ରଞ୍ଜନ ଦାଶ-ଅନନ୍ତ ନାୟକ ଓ ଶୁଭ୍ରାଂଶୁ ଷଡ଼ଙ୍ଗୀ।

## ଫ୍ରେଣ୍ଡଲି ମ୍ୟାଚ୍ ଡ୍ର ରଖିଲା ଭାରତ

**ହାଇଦ୍ରାବାଦ, ୧୮।୧୧:** ମାର୍କସ୍ ହାଇଦ୍ରାବାଦର ଗଚିବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଛି ଭାରତ। ମାଲେସିଆ ପକ୍ଷରୁ ପଉଲା ଜୋସ୍ (୧୯ ମିନିଟରେ) ଗୋଲ ଦେଇଥିବା ବେଳେ ଭାରତ ପକ୍ଷରୁ ରାହୁଲ ଭେକେ(୩୯ ମିନିଟରେ) ଗୋଲ ଦେଇଥିଲେ। ଭାରତୀୟ ଡିଫେଣ୍ଡର ମାନେ ୧୯ ମିନିଟରେ ଏକ ବଲ୍ ମିସ୍ କରିଥିବା ବେଳେ ଗୁରପ୍ରୀତ୍ ସିଂ ଆଗକୁ ଆସିଥିଲେ। ଏହାର ଫାଇଦା ଉଠାଇ ପଉଲା ଜୋସ ସ୍କୋର କରିଥିଲେ। ୩୯ ତମ ମିନିଟରେ ଭାରତକୁ ଏକ କର୍ନର ମିଳିଥିଲା। ବ୍ରାଣ୍ଡନ ଫର୍ନାଣ୍ଡେସ୍‌ଙ୍କ ଶଟ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ରାହୁଲ ଭେକେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ।

## ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ଦେବେନ୍ଦ୍ର ସିଂଙ୍କ ପରଲୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**



ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂଙ୍କର ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। କେବଳ ଓଡ଼ିଶା କାହିଁକି ଭାରତୀୟ ଫୁଟବଲରେ ଜଣେ ଜଣାଶୁଣା ଦକ୍ଷ ଖେଳାଳିଭାବେ ପରିଚିତ ଦେବେନ୍ଦ୍ର ଦୀର୍ଘ ବର୍ଷ ଧରି ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଅଧିନାୟକ ମଧ୍ୟ ଥିଲେ। ସେ ଭାରତୀୟ ଫୁଟବଲ ଦଳ ପକ୍ଷରୁ ବର୍ମା ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ ମଧ୍ୟ ଖେଳିଥିଲେ। ତାଙ୍କର ସ୍ତ୍ରୀ, ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି। ଦେବେନ୍ଦ୍ର ସିଂଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳି ଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ରାଜେନ୍ଦ୍ର ପ୍ରତାପ ସିଂଙ୍କ ବାପା ଦେବେନ୍ଦ୍ର ସିଂଙ୍କୁ ୨୦୧୮ରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଏହାର ପ୍ରତିଷ୍ଠା ଦିବସରେ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାରରେ ସମ୍ମାନିତ କରାଯାଇଥିଲରା।

# ଇଣ୍ଡିଆନ ଓପନ ଗେଟ୍‌ବଲ୍‌ରେ ଭାଗନେବେ ୨୦ ଦଳ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଚଳିତ ମାସ ୨୪ ତାରିଖରେ ଦିଲ୍ଲୀ-ହରିୟାଣା ସୀମାବର୍ତ୍ତୀ ସହର ପଟୌଦୀରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗେଟବଲ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଏଥର ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ। ବିଦେଶର ଏକ ଦଳ ତାଇୱାନରୁ ଏଥିରେ ଭାଗନେବ। ଓଡ଼ିଶା ସମେତ ଆଇଜିୟୁ ଜୁନିୟର ଓ ସିନିୟର ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରିବ। ଏହି ଦୁଇ ଦଳ ଓଡ଼ିଶା ଖେଳାଳିଙ୍କୁ ନେଇ ସମୃଦ୍ଧ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ। ଗେଟବଲର ପ୍ରଚାର ପ୍ରସାର ଆମର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଏହାକୁ ଆମେ ଓଡ଼ିଶା ବାହାରେ ଏପରି କି ଦେଶ ବାହାରେ ମଧ୍ୟ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଦ୍ୱିପାୟନ ପ୍ରକାଶ କରିଛନ୍ତି।

ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ତାଇୱାନ, ତ୍ରିପୁରା, କଶ୍ମୀର ଗର୍ଲ୍ସ, ପଞ୍ଜାବ, ଉତ୍ତର ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ମଧ୍ୟପ୍ରଦେଶ, ଛତିଶଗଡ଼, ଆଇଜିୟୁ ଜୁନିୟର, ମଦର୍ସ ପ୍ରାଇଡ୍, ବିହାର, କୋଲକାତା, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର, ଦିଲ୍ଲୀ, ଚଣ୍ଡିଗଡ଼ ଓ ଆଇଜିୟୁ ସିନିୟର। ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିଛନ୍ତି। ଓଡ଼ିଶା ଦଳ ଗ୍ରୁପ୍ 'ବି'ରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନ ସହିତ ସ୍ଥାନ ପାଇଛି। ଆଇଜିୟୁ ଜୁନିୟର ଗ୍ରୁପ୍ 'ସି' ଓ ଆଇଜିୟୁ ସିନିୟର ଗ୍ରୁପ୍ 'ଇ'ରେ ରହିଛି। ଆଇଜିୟୁର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ତେଣୁ ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ଏଠାରେ ଏକ ଆୟୋଜକ କମିଟି ଗଠନ କରାଯାଇଛି। ଉମାକାନ୍ତ ପାଣି ଏହାର ଚେୟାରମ୍ୟାନ, ସଞ୍ଜୀବ କୁମାର ପରିଡ଼ା ସମ୍ପାଦକ, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଅମିତ ଗୁପ୍ତା (ହରିୟାଣା) ଉପାଧ୍ୟକ୍ଷ, ଶରତ ପାତ୍ର କୋଷାଧ୍ୟକ୍ଷ, ଯୋଗେଶ ଗୁପ୍ତା (ଦିଲ୍ଲୀ) ଓ ରଞ୍ଜନ କୁମାର ପାତ୍ର ଯୁଗ୍ମ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ନିମନ୍ତ୍ରିତ ସଦସ୍ୟମାନେ ହେଲେ ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ଏବଂ ପଟୌଦୀସ୍ଥିତ ମଦର୍ସ ପ୍ରାଇଡ୍ ସ୍କୁଲର ପ୍ରଧାନଶିକ୍ଷକ ରଜନୀ ଯାଦବ। ଆଗାମୀ ଟୁର୍ନାମେଣ୍ଟରେ ୫ ଗ୍ରୁପ୍‌ର ଶୀର୍ଷ ଦଳ ଏବଂ ସର୍ବାଧିକ ପଏଣ୍ଟ ସ୍କୋର କରିଥିବା ୩ ଦଳକୁ ନେଇ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହେବ। ସେମିଫାଇନାଲିଷ୍ଟ ଦଳଗୁଡ଼ିକୁ ଟ୍ରଫି ଦିଆଯିବ ଏବଂ ପ୍ରତି ଦଳକୁ ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତା ପୂର୍ବାହ୍ନ ୯ଟା ୪୫ରୁ ଆରମ୍ଭ ହେବ। ପୁରସ୍କାର ବିତରଣ ଉତ୍ସବ ଅପରାହ୍ନ ୫ଟା ୧୫ରେ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଇଜିୟୁ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ:** ଶରତ କୁମାର ପାତ୍ର, ନିରଞ୍ଜନ ମଙ୍ଗରାଜ, ପ୍ରଦୀପ କୁମାର ସାହୁ, ଶଙ୍କର ପଣ୍ଡା, ଅନିଲ କୁମାର ରଥ।

**ଆଇଜିୟୁ ଜୁନିୟର ଦଳ:** ବିଷ୍ଣୁପ୍ରିୟା ବେହେରା, ରାଜେନ୍ଦ୍ର ପ୍ରସାଦ ମୁର୍ମୁ, ରୁଦ୍ର ପ୍ରସାଦ ଧଳ, ଅମରିଷା ଓଝା, ସନ୍ଦୀପ କୁମାର ପ୍ରଧାନ, ସାଇ ରାମେଶ୍ୱର ଲେଙ୍କା।

**ଆଇଜିୟୁ ସିନିୟର ଦଳ:** ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଗିରିଜା ନାୟକ, ଏଜାଜ ଅହମଦ, ଦିଲୀପ ଷଡ଼ଙ୍ଗୀ।




ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଓପନ ଗେଟ୍‌ବଲ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

### ■ ଦିଲ୍ଲୀ-ହରିୟାଣା ସୀମା ପଟୌଦୀରେ ହେବ ପ୍ରତିଯୋଗିତା ■ ଗ୍ରୁପ୍ 'ବି'ରେ ଓଡ଼ିଶା

### ଚାମ୍ପିୟନ୍ସ ଟ୍ରଫି ବିବାଦ

## ଆଇସିସିର ସ୍ପଷ୍ଟୀକରଣ ଲୋଡ଼ିଲା ପିସିବି

**ଲାହୋର,୧୮।୧୧(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ନ ଯିବା ପାଇଁ ଭାରତ ଘୋଷଣା କରି ସାରଥିବା ବେଳେ ଆଇସିସିର ସ୍ପଷ୍ଟୀକରଣ ଲୋଡ଼ିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ସୋମବାର ପିସିବି ମୁଖ୍ୟ ମୋହସିନ୍ ନକ୍‌ଭୀ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତ କାହିଁକି ଆସିବାକୁ ଚାହୁଁନାହିଁ ଏହାର କୌଣସି ସ୍ପଷ୍ଟ କାରଣ ଅମାକୁ ମିଳିନାହିଁ। ତେଣୁ ଆମେ ଆଇସିସି ନିକଟରୁ ଉତ୍ତର ଅପେକ୍ଷାରେ ରହିଛୁ। ଏଯାଏ ଆଇସିସି ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳିପାରି ନାହିଁ। ପାକିସ୍ତାନରେ ଖେଳିବାକୁ ଭାରତ ମନା କରିଥିବା ବେଳେ ହାଇବ୍ରିଡ ମଡେଲରେ ଟୁର୍ନାମେଣ୍ଟ ପାଇଁ ଦାବି କରି ଆସିଛି। ପିସିବି ହାଇବ୍ରିଡ ମଡେଲର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତ କାହିଁକି ଆସିବ ନାହିଁ ତାର କାରଣ ଦର୍ଶାଇବା ପାଇଁ ଆଇସିସି ନିକଟରେ ଦାବି କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମୁମ୍ବାଇ ବିସ୍ଫୋରଣ ପରଠାରୁ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳିନାହିଁ ଭାରତ। ଜୟ ଶାହା ଆଇସିସିର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ବେଳେ ଭାରତ ଏହାର ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ନକ୍‌ଭୀ କହିଛନ୍ତି। ତେବେ କେବଳ ବିସିସିଆଇ ନୁହେଁ ବିଶ୍ୱର ଅନ୍ୟ କ୍ରିକେଟ ବୋର୍ଡକୁ ନେଇ ଆଇସିସି ଗଠିତ ବୋଲି ଭାରତ ମନେ ରଖିବା ଉଚିତ ବୋଲି ସେ କହିଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ